
◀ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-311 ◆SUNDAY ◆10 MAY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୧୧ ◆ରବିବାର ◆୧୦ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଏନ.ଏସ. ରାଜାସୁବ୍ରମଣି ହେବେ ନୂତନ ସିଡିଏସ୍



■ ନୂଆଦିଲ୍ଲୀ, ୯ ।୫(ଏଜେନ୍ସି): ଭାରତୀୟ ସେନାବାହିନୀର ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣିଙ୍କୁ ପରବର୍ତ୍ତୀ 'ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍' (ସିଡିଏସ) ଭାବେ ନିଯୁକ୍ତ କରିଛନ୍ତି। ଏହା ସହିତ ଭାରତୀୟ ନୌସେନାର ମୁଖ୍ୟ ଭାବେ ଭାଇସ୍ ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ବର୍ତ୍ତମାନର ସିଡିଏସ ଜେନେରାଲ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ଚଳିତ ମେ ମାସ ୩୦ ତାରିଖରେ ସମାପ୍ତ ହେବାକୁ ଯାଉଥିବା ବେଳେ, ସୁବ୍ରମଣି ସେହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ। ସେ କେବଳ ସିଡିଏସ ଭାବେ ନୁହେଁ, ବରଂ ସାମରିକ ବ୍ୟାପାର ବିଭାଗର ସଚିବ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିବେ।

ଲେଫ୍ଟନାଣ୍ଟ ଜେନେରାଲ ସୁବ୍ରମଣି ଜଣେ ଅତ୍ୟନ୍ତ ଅଭିଜ୍ଞ ସମରକଳା ବିଶାରଦ। ପ୍ରାୟ ୩୯ ବର୍ଷର ଦୀର୍ଘ ସାମରିକ ଜୀବନରେ ସେ ଅନେକ ଜଟିଳ ପରିସ୍ଥିତିର ସଫଳତାର ସହ ମୁକାବିଲା କରିଛନ୍ତି। ପୂର୍ବରୁ ସେ ସେନାବାହିନୀର ଉପ-ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଅଛନ୍ତି।

ତାଙ୍କର ଅସାଧାରଣ ସେବା ପାଇଁ ତାଙ୍କୁ 'ପରମ ବିଶିଷ୍ଟ ▶ପୃଷ୍ଠା-୭

## ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



■ ବାଲେଶ୍ୱର, ୯।୫ (ସମିସ): ଭାରତର ପ୍ରତିରକ୍ଷା ବିଭାଗ ଦେଶର ସୁରକ୍ଷା ରଣନୈତିକ କ୍ଷମତାରେ ଆଉ ଏକ ଐତିହାସିକ ସଫଳତା ହାସଲ କରିଛି। ଓଡ଼ିଶା ଉପକୂଳର ଡକ୍ଟର ଏ.ପି.ଜେ ଅବଦୁଲ କଲାମ ଦ୍ୱୀପରୁ ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେଡ୍ ରି-ଏଣ୍ଟ୍ରି ଭେଇକଲ୍ (ଏମଆଇଆରଭି)ରୁ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରରେ ଏକାଧିକ ୱାରହେଡ୍ ସଂଯୋଜିତ ହୋଇଥିଲା। ଏହି ୱାରହେଡ୍‌ଗୁଡ଼ିକ ଭାରତ ମହାସାଗର ଅଞ୍ଚଳର ବିସ୍ତୃତ ଭୌଗୋଳିକ କ୍ଷେତ୍ରରେ ଥିବା ଭିନ୍ନଭିନ୍ନ ଲକ୍ଷ୍ୟକୁ ସଫଳତାର ସହ ଭେଦ କରିଥିଲା। ଏଥିପାଇଁ ଦୁଇଦିନ ପୂର୍ବରୁ ବଙ୍ଗୋପସାଗର ଓ ଭାରତ ମହାସାଗର ଅଞ୍ଚଳରେ ଉଡ଼ାଣ ନିଷିଦ୍ଧ ସୂଚନା (ନୋଟାମ) ପ୍ରଦାନ କରାଯାଇଥିଲା। ଏକୀକୃତ ପରୀକ୍ଷଣ କେନ୍ଦ୍ର(ଆଇଟିଆର) ଦ୍ୱାରା ନିୟୋଜିତ ଅନେକ ଭୂମିଭିତ୍ତିକ ଏବଂ ବଙ୍ଗୋପସାଗରରେ ଜାହାଜ-ଆଧାରିତ ଟେଲିମେଟ୍ରି ଓ ଟ୍ରାକିଂ ସିଷ୍ଟମ୍ ମାଧ୍ୟମରେ ପରୀକ୍ଷଣ ଆରମ୍ଭରୁ ସମସ୍ତ ▶ପୃଷ୍ଠା-୭

**ଏକସଙ୍ଗେ ଏକାଧିକ ଲକ୍ଷ୍ୟଭେଦରେ ସମର୍ଥ**

## ବାଲିଅନ୍ତା ଭିଡ଼ ହତ୍ୟା
# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

### ଘଟଣାର ପୁନରାବୃତ୍ତି ନ ହେବା ନେଇ ଡିଜିପିଙ୍କୁ ତାଗିଦ୍ କଲେ ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୯।୫(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଞ୍ଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସତର୍କ ଓ ସଜାଗ ରହିବା ପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା ପାଇଁ ପୁଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାଠାରେ ଦୁଇ ଯୁବତୀଙ୍କ ସ୍କୁଟିକୁ ଧକ୍କା ଦେବା ଓ ଦୁର୍ବ୍ୟବହାର କରିବା ଅଭିଯୋଗ ପରେ ସ୍ଥାନୀୟ ଲୋକମାନେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତ ଯୁବକ ତଥା ଜିଆର୍‌ପି କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ହାତଗୋଡ଼ ବାନ୍ଧି ମୁମୂର୍ଷୁ ଅବସ୍ଥାରେ ଏକ ମିନିଟ୍ରକ୍ ଡାଲାରେ ପୁଲିସ ଡାକ୍ତରଖାନା ନେଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ହଇଚଇ ସୃଷ୍ଟି ହୋଇଥିଲା। ଜାତୀୟ ଗଣମାଧ୍ୟମରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚର୍ଚ୍ଚା ଜୋର୍ ଧରିବା ସହ ବିରୋଧୀଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏପରିକି ସରକାରୀ ଦଳର ମନ୍ତ୍ରୀ, ▶ପୃଷ୍ଠା-୭

### ମୁହଁ ଖୋଲିଲେ ସୌମ୍ୟଙ୍କ ସମ୍ପର୍କୀୟ ଓମ୍
## ପୁଲିସ ଅଟକାଇଲା ନାହିଁ; ଭିଡ଼ ମାରିଦେଲେ

■ ଭୁବନେଶ୍ୱର, ୯।୫(ସମିସ): ବାଲିଅନ୍ତା ଭିଡ଼ହତ୍ୟା ମାମଲାରେ ପ୍ରଥମ ପ୍ରତ୍ୟକ୍ଷଦର୍ଶୀ ତଥା ମୃତ ଜିଆର୍‌ପି କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ସମ୍ପର୍କୀୟ ଓମ୍ ପୁଲିସ ହେପାଜତରୁ ବାହାରିବା ପରେ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି। ସୌମ୍ୟଙ୍କୁ ପିଟିପିଟି ମାରିଦେବା ଘଟଣାରେ ସେ ସମ୍ପୂର୍ଣ୍ଣ ଭାବେ ପୁଲିସ ଏବଂ ଭିଡ଼ରେ ସାମିଲ ଥିବା ଲୋକଙ୍କୁ ଦାୟୀ କରିଛନ୍ତି। ପୁଲିସ ଚାହିଁଥିଲେ ଭିଡ଼ହିଂସାକୁ ରୋକି ପାରିଥା'ନ୍ତା; ହେଲେ ତାହା ନ କରି କେବଳ ନିରବଦ୍ରଷ୍ଟା ସାଜିଲା। ବଳପୂର୍ବକ ଭାବେ କାହାକୁ ଅଟକାଇଲା ନାହିଁ। ଏପରିକି ଭିଡ଼ ହିଂସାର ଭିଡିଓ କରିବାକୁ ଭୟ କରି ଜଣେ ପୁଲିସ ଅଧିକାରୀ ନିଜ ମୋବାଇଲକୁ ପକେଟରେ ପୂରାଇ ଦେଲେ। ଲୋକେ ସୌମ୍ୟଙ୍କୁ ମାଡ଼ ମାରୁଥିଲା ବେଳେ ପୋଷାକରେ ▶ପୃଷ୍ଠା-୭

## ପଶ୍ଚିମବଙ୍ଗରେ ଶପଥ ନେଲେ ଶୁଭେନ୍ଦୁ ଅଧିକାରୀ

### ତାମିଲନାଡୁରେ ଅନିଶ୍ଚିତତାର ଅବସାନ, ଆଜି ଶପଥ ନେବେ ବିଜୟ



■ କୋଲକାତା/ଚେନ୍ନାଇ, ୯।୫ (ଏଜେନ୍ସି): ପଶ୍ଚିମ ବଙ୍ଗରେ ଆଜି ଶୁଭେନ୍ଦୁ ଅଧିକାରୀ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି ତାମିଲନାଡୁରେ ଆସନ୍ତାକାଲି ଟିଭିକେ ମୁଖ୍ୟ ବିଜୟ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଆବଶ୍ୟକ ୧୨୦ ବିଧାୟକଙ୍କ ସମର୍ଥନ ମିଳିବା ପରେ ରାଜ୍ୟପାଳ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଛନ୍ତି।

ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି। ଶନିବାର କୋଲକାତାର ଐତିହାସିକ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରବୀନ୍ଦ୍ର ଜୟନ୍ତୀ ଅବସରରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର କ୍ୟାବିନେଟର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଶୁଭେନ୍ଦୁ ଅଧିକାରୀଙ୍କ ସହିତ ଅନ୍ୟ ୫ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଏହି ମନ୍ତ୍ରିମଣ୍ଡଳରେ ଜାତି ଓ ସମ୍ପ୍ରଦାୟର ସନ୍ତୁଳନ ରକ୍ଷା କରାଯାଇଛି। ଶପଥ ଗ୍ରହଣ କରିଥିବା ଏହି ୫ ଜଣ ମନ୍ତ୍ରୀ ହେଲେ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ, ନିଶିଥ ପ୍ରମାଣିକ, ଅଶୋକ କୀର୍ତ୍ତନିଆ ଓ କ୍ଷୁଦିରାମ ଟୁଡୁ।

ଶପଥ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଙ୍ଗଳାର ସବୁଠାରୁ ବୟୋଜ୍ୟେଷ୍ଠ ବିଜେପି କର୍ମୀ ୯୮ ବର୍ଷୀୟ ମାଖନଲାଲ ସରକାରଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ମାଖନଲାଲ ୧୯୫୨ ମସିହାରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହ କାଶ୍ମୀର ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଥିଲେ। ସମାରୋହ ସ୍ଥଳରେ ବଙ୍ଗଳାର ପ୍ରସିଦ୍ଧ 'ଝାଲମୁଢ଼ି' ଏବଂ ମିଠାର ୨୦ରୁ ଅଧିକ ଷ୍ଟଲ୍ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା।

ଗତ ୫ ଦିନ ଭିତରେ ରାଜ୍ୟପାଳଙ୍କ ସହ ସାକ୍ଷାତ। ଶେଷରେ ୧୨୦ ବିଧାୟକଙ୍କ ସମର୍ଥନ ମିଳିବା ପରେ ସରକାର ଗଠନ ପାଇଁ ଟିଭିକେ ମୁଖ୍ୟ ବିଜୟଙ୍କୁ ଡାକିଲେ ରାଜ୍ୟପାଳ। ଆସନ୍ତାକାଲି ଭିଜୟ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଏହାସହିତ ଗତ ୫ ଦିନ ଧରି ତାମିଲନାଡୁ ରାଜନୀତିରେ ଚାଲିଥିବା ଛକାପଞ୍ଝା ଓ ରାଜନୈତିକ ଅନିଶ୍ଚିତତାର ଅବସାନ ଘଟିଛି। ▶ପୃଷ୍ଠା-୭

## ୧୧ରେ ଲଘୁଚାପ; ଉପକୂଳରେ ବର୍ଷିବ

■ ଭୁବନେଶ୍ୱର, ୯।୫(ସମିସ): ଆସନ୍ତା ୧୧ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ଶନିବାର ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ତେବେ ରାଜ୍ୟରେ ବାତ୍ୟାକୁ ନେଇ ସାଧାରଣରେ ଆଶଙ୍କା ବଢୁଥିବା ବେଳେ ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ମନ୍ନାର ଉପସାଗର ଓ ସଂଲଗ୍ନ ଶ୍ରୀଲଙ୍କା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି, ଯାହା ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ଆଗାମୀ ଦିନଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ବଜ୍ରପାତ ଓ ପବନ ବହିବାର ଆଶଙ୍କା ରହିଛି। ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଆଦି ଅଞ୍ଚଳରେ ଏହାର ପ୍ରଭାବ ଅଧିକ ପଡ଼ିପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗ କହିଛି ଯେ ଲଘୁଚାପର ତୀବ୍ରତା ଓ ଗତିପଥ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ କ୍ଷେତ୍ରରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହେବ। ଯଦି ଏହା ଘନୀଭୂତ ହୁଏ, ଅରେଞ୍ଜ ବା ରେଡ୍‌ୱାର୍ଣ୍ଣିଂ ଜାରି କରାଯାଇପାରେ ବୋଲି ସୂଚନା ମିଳିଛି।

ଅପରପକ୍ଷେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା, ପବନ ଜାରି ରହିଥିବା ବେଳେ ଆସନ୍ତାକାଲି ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୪୦ରୁ ୫୦କିମି ବେଗରେ ପବନ ବହିବା ସହ ବର୍ଷା ଏବଂ ବିଜୁଳି ହେବାର ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋୱାର୍ଣ୍ଣିଂ ଜାରି ▶ପୃଷ୍ଠା-୭

**ଆଜି ଅଧିକାଂଶ ଜିଲ୍ଲାରେ ବର୍ଷା, ପବନ ଆଶଙ୍କା**

**ବାତ୍ୟା ନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ନାହିଁ**

## ଅଶୁଭ ଶନିବାର
# ଦୁର୍ଘଟଣାରେ ଗଲା ୭ ଜୀବନ

### ଧକ୍କା ଦେଇ ଚଢ଼ିଗଲା ଟ୍ରକ୍; ୩ ମୃତ

■ ଭୁବନେଶ୍ୱର, ୯ ।୫(ସମିସ): ରାଜଧାନୀ ଦେଇ ଯାଇଥିବା ୧୬ ନଂ ଜାତୀୟ ରାଜପଥରେ ଆଜି ସଂଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ଯୁବତୀଙ୍କ ସମେତ ୩ଜଣଙ୍କ ଜୀବନ ନେଇଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଫାୟାର ଷ୍ଟେସନ୍ ଓଭରବ୍ରିଜ୍ ଉପରେ ଏହି ଛାତିଥରା ଘଟଣା ଘଟିଛି।



ମିଳିଥିବା ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୮ଟାରେ ୨ଟି ସ୍କୁଟି ଓ ଗୋଟିଏ ବାଇକ୍‌ରେ ୩ଯୁବକ ଏବଂ ଜଣେ ଯୁବତୀ ଆଗପଛ ହୋଇ ନୂଆପଲ୍ଲୀରୁ ବରମୁଣ୍ଡା ଆଡ଼କୁ ଯାଉଥିଲେ। ସେମାନେ ଫାୟାର୍ ଷ୍ଟେସନ୍‌ଓ ଭରବ୍ରିଜ ଅତିକ୍ରମ କରୁଥିବା ବେଳେ ▶ପୃଷ୍ଠା-୭

### ଟ୍ରକ୍‌କୁ ପିଟିଲା କାର୍
## ବାପା-ପୁଅ ମୃତ

■ ମାଥିଲି, ୯।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ସମ୍ମୁଖରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ଏକ କାର୍ ଧକ୍କା ଦେବାରୁ ବାପା-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପଟନୁର ମାଣୀକାନ୍ତା ରାଓ ଓ ତାଙ୍କ ୧୧ ମାସର ପୁଅ ପଟନୁର ପାର୍ଥିବ। କାର୍‌ରେ ବସିଥିବା ୩ଜଣ ମହିଳା ଓ ଜଣେ ନାବାଳକ ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ମାଣୀକାନ୍ତା ନିଜ କାର୍ (ଓଡ଼ି-୨୪ଏ-୭୨୭୨) ▶ପୃଷ୍ଠା-୭

## ବାଇକ୍‌କୁ ଧକ୍କା ଦେଲା କାର୍; ଦମ୍ପତି ମୃତ

■ ଶିକରପାଇ, ୯।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତ କୃଷ୍ଣନଗର ନିକଟରେ ଶନିବାର ସକାଳେ ବାଇକ୍‌କୁ ଏକ କାର୍ ଧକ୍କା ଦେବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କୋଲନରା ବ୍ଲକ୍ ଦୁନ୍ଦୁଲି ପଞ୍ଚାୟତ ଅଣ୍ଟାମଡା ତାଣ୍ଡିପୁର ଗ୍ରାମର ଦେବ ଭତ୍ରା ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ଭତ୍ରା। ସୂଚନାନୁଯାୟୀ, ଭତ୍ରା ଦମ୍ପତି ଆଜି ▶ପୃଷ୍ଠା-୭



**ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେଇ ଫେରୁଥିଲେ**

### ୨୭ ହଜାର କୋଟିର ବ୍ୟାଙ୍କ ଠକେଇ
## ଅନୀଲ ଅମ୍ବାନୀଙ୍କ କମ୍ପାନୀରେ ସିବିଆଇ ଚଢ଼ଉ

■ ମୁମ୍ବଇ, ୯।୫(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି (ସିବିଆଇ) ଶନିବାର ୨୭ ହଜାର କୋଟି ଟଙ୍କାର ଠକେଇ ମାମଲାରେ ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଏଡିଏ ଗ୍ରୁପ ସହିତ ଜଡିତ କମ୍ପାନୀଗୁଡ଼ିକ ଉପରେ ଚଢ଼ଉ କରିଛି। ତଦନ୍ତକାରୀ ସଂସ୍ଥା ମୁମ୍ବାଇର ୧୭ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା, ଯାହା ବ୍ୟାଙ୍କ ଠକେଇ ଏବଂ ଅନ୍ୟତ୍ର ପାଣ୍ଠି ସ୍ଥାନାନ୍ତର କରିବା ମାମଲା ସହିତ ଜଡିତ। ସିବିଆଇର ଏହି କାର୍ଯ୍ୟାନୁଷ୍ଠାନ ରିଲାଏନ୍ସ ଗ୍ରୁପ୍ର ତିନି କମ୍ପାନୀ ରିଲାଏନ୍ସ ଟେଲିକମ୍ ଲିମିଟେଡ୍, ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ଲିମିଟେଡ୍ ଏବଂ ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍ ସହିତ ଜଡିତ। ସିବିଆଇ ସନ୍ଦେହ କରୁଛି ଯେ, ବ୍ୟାଙ୍କଗୁଡ଼ିକରୁ ଉଠାଯାଇଥିବା ଟଙ୍କା ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ଅନେକ ମଧ୍ୟସ୍ଥ କମ୍ପାନୀଗୁଡ଼ିକ ସମାନ ଠିକଣାରୁ କାର୍ଯ୍ୟ କରୁଥିଲେ। ଏହା ସେଲ୍ କମ୍ପାନୀଗୁଡ଼ିକର ନେଟୱାର୍କ ଏବଂ ସନ୍ଦେହଜନକ କାରବାର ବିଷୟରେ ସିବିଆଇର ସନ୍ଦେହକୁ ଆହୁରି ଘନିଷ୍ଠ କରିଛି। କମ୍ପାନୀ ନିର୍ଦ୍ଦେଶକଙ୍କ ଘର ଏବଂ ମଧ୍ୟସ୍ଥ କମ୍ପାନୀଗୁଡ଼ିକର କାର୍ଯ୍ୟାଳୟରେ ଚଢାଉ କରାଯାଇଥିଲା, ଯେଉଁମାନଙ୍କର ଆକାଉଣ୍ଟକୁ ପାଣ୍ଠି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବହୃତ ହୋଇଥିଲା। ଚଢାଉ ସମୟରେ, ଏଜେନ୍ସି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ଆର୍ଥିକ ରେକର୍ଡ ଜବତ କରିଛି। ସିବିଆଇ କହିଛି ଯେ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ଏବଂ ଭାରତୀୟ ଜୀବନ ବୀମା ନିଗମର ଅଭିଯୋଗ ଆଧାରରେ ଅନିଲ ଅମ୍ବାନୀ ଗ୍ରୁପ ବିରୁଦ୍ଧରେ ୭ଟି ମାମଲା ରୁଜୁ କରାଯାଇଛି।



**ଏକକାଳୀନ ମୁମ୍ବାଇର ୧୭ଟି ସ୍ଥାନରେ ଯାଞ୍ଚ**

## ଜାତିସଂଘର ସାଂଘାତିକ ରିପୋର୍ଟ
# ୨୦୨୬ ଶେଷ ଆଡକୁ ବିଶ୍ୱରେ ଖାଦ୍ୟ ସଙ୍କଟ

■ ୱାଶିଂଟନ୍, ୯।୫(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଘନଘଟା ଏବେ ସାରା ବିଶ୍ୱ ଅର୍ଥନୀତିକୁ ଦୋହଲାଇଦେଇଛି। ଯୁଦ୍ଧରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବରେ ଚାରିଆଡେ ଖାଉଟି ବଜାର ମହଙ୍ଗା ହେବାରେ ଲାଗିଛି। ଏଥିଯୋଗୁ ବିଗତ ତିନି ବର୍ଷ ମଧ୍ୟରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ହେଲେ ଏତିକିରେ ଦରଦାମ୍ ତାତିରୁ ନିସ୍ତାରେ ମିଳିବା ଭଳି ଲାଗୁନାହିଁ। ଆଗାମୀ ଦିନରେ ବଜାର ଦର ଆହୁରି ମହଙ୍ଗା ହେବ ବୋଲି ମିଳିତ ଜାତିସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମଧ୍ୟ ଏହି ସମାନ କଥା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଏପ୍ରିଲ ମାସରେ ଭାରତରେ ଖାଇବା ଥାଳି ମୂଲ୍ୟ ୨% ବୃଦ୍ଧି ଘଟିଛି। ଏଲ୍ପିଜି ସଙ୍କଟ ସହ ଦର ବୃଦ୍ଧି ଏବଂ ଟମାଟୋ, ଖାଇବା ତେଲ ମୂଲ୍ୟରେ ଉପରମୁହାଁ ହେବା ଏବେ ଭାରତୀୟଙ୍କ ହାଣ୍ଡିଶାଳ ବଜେଟ ବିଗାଡିଦେଇଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ଯଦି ଏହି ଉତ୍ତେଜନା ୩ ମାସରୁ ଅଧିକ ସମୟ ଧରି ଜାରି ରହେ, ତେବେ ୨୦୨୬ ଶେଷ ଏବଂ ୨୦୨୭ ମଧ୍ୟରେ ବିଶ୍ୱରେ ଖାଦ୍ୟ ସଙ୍କଟ ଦେଖାଦେବାର ସମ୍ଭାବନା ବହୁତ ବଢ଼ିଯିବ।

ମିଳିତ ଜାତିସଂଘ (ୟୁଏନ୍‌ଓ) ସହ ଜଡିତ ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ)ର ରିପୋର୍ଟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ସୂଚକାଙ୍କ ୧.୬% ବୃଦ୍ଧି ପାଇଛି। ଏହା ଗତ ବର୍ଷ ତୁଳନାରେ ୨.୫% ଅଧିକ। ଇରାନ ଯୁଦ୍ଧ ଏହି ବୃଦ୍ଧିର ମୁଖ୍ୟ କାରଣ। ତେବେ ଜାତିସଂଘ ଆଗାମୀ ଦିନରେ ଆହୁରି ମୂଲ୍ୟ ବୃଦ୍ଧି ଘଟିବା ନେଇ ଚେତାବନୀ ମଧ୍ୟ ଜାରି କରିଛି। ଇରାନ ଯୁଦ୍ଧକୁ ଇତି ମଧ୍ୟରେ ୧୦ ସପ୍ତାହ ବିତିଗଲାଣି। ଏଥିଯୋଗୁ ହର୍ମୁଜ୍ ରୁଟ୍ ବନ୍ଦ ହୋଇଛି, ଯାହା ଡିଜେଲ ଏବଂ ସାର ଭଳି ଅତ୍ୟାବଶ୍ୟକ କୃଷି ସାମଗ୍ରୀର ପରିବହନକୁ ବନ୍ଦ କରିଦେଇଛି। ସାର ଏବଂ ଇନ୍ଧନର ଉଚ୍ଚ ମୂଲ୍ୟରେ କୃଷକଙ୍କ ପାଇଁ ଚାଷ କଷ୍ଟକର ହୋଇପଡିଛି, ଯାହା ଭବିଷ୍ୟତରେ ସିଧାସଳଖ ଖାଦ୍ୟ ମୂଲ୍ୟକୁ ପ୍ରଭାବିତ କରିବ। ରିପୋର୍ଟ ଅନୁଯାୟୀ, ପନିପରିବା ତେଲ ସର୍ବାଧିକ ପ୍ରଭାବିତ ହୋଇଥିଲା। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଜୈବ ଇନ୍ଧନର ଚାହିଦା ବୃଦ୍ଧି ପାଇଛି, ଯାହା ଫଳରେ ମାର୍ଚ୍ଚ ତୁଳନାରେ ଭେଜିଟେବୁଲ ତେଲ ମୂଲ୍ୟରେ ୫.୯% ବୃଦ୍ଧି ଘଟିଛି। ଏହା ୨୦୨୨ ଜୁଲାଇ ପରଠାରୁ ସର୍ବାଧିକ। ଏହି ସମୟରେ, ମାଂସ ମୂଲ୍ୟ ୧.୨% ବୃଦ୍ଧି ପାଇଛି, ଯାହା ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି। ଏଫ୍‌ଏଓର ମୁଖ୍ୟ ଅର୍ଥନୀତିଜ୍ଞ ମ୍ୟାକ୍ସିମୋ ଟୋରେରୋ ଏକ ସାକ୍ଷାତକାରରେ କହିଛନ୍ତି ଯେ କୃଷି-ଖାଦ୍ୟ ଶିଳ୍ପ ବର୍ତ୍ତମାନ ବଞ୍ଚି ରହିଛି, କାରଣ କମ୍ପାନୀଗୁଡ଼ିକ ପୁସେମାନଙ୍କର ରୁଣା ଷ୍ଟକ୍ ବିକ୍ରି କରୁଛନ୍ତି। ସେ କହିଛନ୍ତି, କଞ୍ଚାମାଲ ଏବଂ ଶକ୍ତିର ବର୍ଦ୍ଧିତ ମୂଲ୍ୟ କମ୍ପାନୀଗୁଡ଼ିକର ▶ପୃଷ୍ଠା-୭

**ଆହୁରି ଅଧିକ ମହଙ୍ଗା ହେବ ବଜାର ଦର**

**ତିନି ବର୍ଷରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ସର୍ବାଧିକ**

**ଟମାଟୋ, ଖାଇବା ତେଲ, ଏଲ୍‌ପିଜି ବିଗାଡ଼ିଲା ହାଣ୍ଡିଶାଳ ବଜେଟ**

**ଏପ୍ରିଲରେ ଦେଶର ଖାଇବା ଥାଳି ମୂଲ୍ୟ ୨ ପ୍ରତିଶତ ବଢ଼ିଛି**



# ଚନ୍ଦ୍ରପୃଷ୍ଠରେ ରହସ୍ୟମୟ ବସ୍ତୁ

ୱାସିଂଟନ, ୯ ।୫(ଏଜେନ୍ସି): ଆକାଶରେ ଉଡୁଥିବା ରହସ୍ୟମୟ ବସ୍ତୁ ବା 'ୟୁଏଫ୍‌ଓ' ଅର୍ଥାତ ଉଡନ୍ତା ଥାଳିଆ ସମ୍ପର୍କିତ ବହୁ ପ୍ରତୀକ୍ଷିତ ଗୁପ୍ତ ଦଲିଲକୁ ଆମେରିକା ପ୍ରଶାସନ ସାର୍ବଜନୀନ କରିଛି। ଟ୍ରମ୍ପ ଶାସନ କାଳରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଦିନ+ ଶତାଧିକ ନୂତନ ଭିଡିଓ, ଫଟୋଚିତ୍ର ଏବଂ ପୁରାତନ ସରକାରୀ ରେକର୍ଡ ଜାରି କରାଯାଇଛି। ବିଶେଷ କରି ନାସା'ର ଆପୋଲୋ ମିଶନ ସମୟରେ ଅନ୍ତରୀକ୍ଷଚାରୀମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଜାରି କରାଯାଇଥିବା ଦସ୍ତାବେଜ ଅନୁଯାୟୀ, ଆପୋଲୋ-୧୨ ଏବଂ ଆପୋଲୋ-୧୭ ମିଶନ ସମୟରେ ଚନ୍ଦ୍ର ପୃଷ୍ଠର ଆକାଶରେ କିଛି ଅଜ୍ଞାତ ଉଜ୍ଜ୍ୱଳ ବସ୍ତୁ ଦେଖାଯାଇଥିଲା। ଏହି ମିଶନର ଏକ ଟ୍ରାନ୍ସକ୍ରିପ୍ଟରୁ ଜଣାପଡ଼ିଛି ଯେ, ଅନ୍ତରୀକ୍ଷ ଯାନ ପାଖ ଦେଇ ଅନେକ ଚମକୁଥିବା ବସ୍ତୁ ଅତିକ୍ରମ କରୁଥିଲେ। ଜଣେ ଅନ୍ତରୀକ୍ଷଚାରୀ ଏହାକୁ ବାହାରେ ହେଉଥିବା 'ବାଣଫୁଟା' ବା ଆଶତବାଜି ସହ ତୁଳନା କରିଥିଲେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ଓମାନ ସାଗର ଉପରେ ଏକ ବୁନ୍ଦା ଆକୃତିର ରହସ୍ୟମୟ ବସ୍ତୁ ଅତି କ୍ଷିପ୍ର ଗତିରେ ଉଡୁଥିବାର ଇନଫ୍ରାରେଡ୍ ସେନ୍ସରରେ ଧରାପଡ଼ିଥିଲା। ଏହି ବସ୍ତୁଟି କ୍ରମାଗତ ଭାବେ ନିଜର ଦିଗ ପରିବର୍ତ୍ତନ କରୁଥିବା ରେକର୍ଡ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ମାସ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥଙ୍କୁ ଏଲିୟନ ଏବଂ ଅଜ୍ଞାତ ଆକାଶୀୟ ପରିଘଟଣା (ୟୁଏପି) ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ଜାରି ହେବା ପରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଛନ୍ତି ଯେ, ଜନସାଧାରଣଙ୍କୁ ଏହି ରହସ୍ୟମୟ ଜୀବନ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ତଥାପି, ପେଣ୍ଟାଗନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏବେ ସୁଦ୍ଧା ଏଲିୟନ ବା ପରଗ୍ରହୀ ଜୀବନର କୌଣସି ନିଶ୍ଚିତ ପ୍ରମାଣ ମିଳିନାହିଁ। ପୂର୍ବରୁ ଦେଖାଯାଇଥିବା ଅନେକ ୟୁଏଫ୍‌ଓ ପ୍ରକୃତରେ ସାମରିକ ପରୀକ୍ଷଣ କିମ୍ବା କୌଣସି ପ୍ରାକୃତିକ ଘଟଣା ବୋଲି ପ୍ରଶାସନ ଦାବି କରିଛି। ଆମେରିକୀୟ ସାଂସଦମାନଙ୍କ କହିବା ଅନୁଯାୟୀ, ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ଆହୁରି ଅନେକ ରହସ୍ୟମୟ ଫାଇଲ୍ ସାର୍ବଜନୀନ କରାଯିବ। ପ୍ରଶାସନର ଏହି ସ୍ୱଚ୍ଛତା ପଦକ୍ଷେପ ମହାକାଶ ବିଜ୍ଞାନ ଏବଂ ବାହାର ଗ୍ରହର ଜୀବନକୁ ନେଇ ଚାଲିଥିବା ଗବେଷଣାରେ ଏକ ନୂତନ ମୋଡ଼ ଆଣିବ ବୋଲି ଆଶା କରାଯାଉଛି।



## ହର୍ମୁଜରେ ନିଆଁ ଲାଗି ଭାରତୀୟ ନାବିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୯ ।୫(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଏକ ମାଲବାହୀ କାଠ ଡଙ୍ଗାରେ ନିଆଁ ଲାଗିଯିବା ଫଳରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ଡଙ୍ଗାରେ ଥିବା ଅନ୍ୟ ୧୭ ଜଣ ଭାରତୀୟ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ନାବିକ ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ସେମାନଙ୍କୁ ଦୁବାଇର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ଏବଂ ବର୍ତ୍ତମାନ ସେମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଦୁବାଇସ୍ଥିତ ଭାରତୀୟ ଦୂତାବାସର ଅଧିକାରୀମାନେ ଉଦ୍ଧାର ହୋଇଥିବା ନାବିକମାନଙ୍କୁ ଭେଟିଛନ୍ତି। ଭାରତୀୟ କନସୁଲେଟ୍ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଏହି ଘଟଣା ଘଟିଛି। ସେହି ଅଞ୍ଚଳରେ ଯୁଦ୍ଧ ଜାହାଜ ଏବଂ ଡ୍ରୋନ୍ ଆକ୍ରମଣ ଯୋଗୁଁ ନୌସେନା ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଏବେ ମଧ୍ୟ ଅସ୍ପଷ୍ଟ ରହିଛି।

## ଜୟପୁରରେ ଏମ୍‌ବିବିଏସ ଛାତ୍ରଙ୍କ ଆତ୍ମହତ୍ୟା

ଜୟପୁର, ୯ ।୫(ଏଜେନ୍ସି): ଜୟପୁରସ୍ଥିତ ସବାଇ ମାନ ସିଂହ (ଏସ୍‌ଏମ୍‌ଏସ୍) ମେଡିକାଲ କଲେଜର ଜଣେ ଏମ୍‌ବିବିଏସ୍ ତୃତୀୟ ବର୍ଷର ଛାତ୍ର ନିତିନ ଯାଦବ ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ କଲେଜ ହଷ୍ଟେଲର ୮ମ ମହଲାର ସିଡ଼ିରେ ତାଙ୍କର ଝୁଲନ୍ତା ଶବ ମିଳିଥିଲା। ଶନିବାର ଦିନ ହିଁ ନିତିନଙ୍କର ପରୀକ୍ଷା ଥିଲା। ସେ ନିଜ ସାଙ୍ଗମାନଙ୍କ ସହ ପାଠ ପଢ଼ିବା ପାଇଁ ହଷ୍ଟେଲକୁ ଆସିଥିଲେ, କିନ୍ତୁ ଭୋର ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ନିତିନଙ୍କ ପରିବାର ଏହାକୁ ଆତ୍ମହତ୍ୟା ବୋଲି ଗ୍ରହଣ କରିବାକୁ ମନା କରିଛନ୍ତି। ସେ ଜଣେ ମେଧାବୀ ଛାତ୍ର ଥିଲେ ଏବଂ ଏପରି ପଦକ୍ଷେପ ନେଇପାରିବେ ନାହିଁ ବୋଲି ତାଙ୍କ ମାମୁଁ ପ୍ରକାଶ କରିଛନ୍ତି। ଏଥିସହ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ନିତିନ ଆଲୱାରର ବାସିନ୍ଦା ଥିଲେ ଏବଂ ତାଙ୍କ ପିତା ବିଏସଏଫ୍‌ରେ ଜଣେ କମାଣ୍ଡୋ ଭାବେ କାର୍ଯ୍ୟରତ ଅଛନ୍ତି। ପୁଲିସ ଘଟଣାସ୍ଥଳରୁ ଲାପଟପ୍ ଓ ଫୋନ୍ ଜବତ କରି ତଦନ୍ତ ଜାରି ରଖିଛି।

## ଭେନେଜୁଏଲାରୁ ପରମାଣୁ ସାମଗ୍ରୀ ହଟାଇଲା ଆମେରିକା

ୱାସିଂଟନ, ୯ ।୫(ଏଜେନ୍ସି): ଆମେରିକା ସଫଳତାର ସହ ଭେନେଜୁଏଲାରୁ ୧୩.୫ କିଲୋଗ୍ରାମ 'ଉଚ୍ଚ ସମୃଦ୍ଧ ୟୁରାନିୟମ' (ହାଇଲି ଏନ୍‌ରିଚ୍‌ଡ ୟୁରାନିୟମ) ହଟାଇ ନିଜ ଦେଶକୁ ନେଇଛି। ଏହି ପରମାଣୁ ସାମଗ୍ରୀ ଭେନେଜୁଏଲାର ଏକ ପୁରୁଣା ଗବେଷଣା କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଗଚ୍ଛିତ ଥିଲା। ଆମେରିକା, ବ୍ରିଟେନ, ଭେନେଜୁଏଲା ଏବଂ ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ) ର ମିଳିତ ସହଯୋଗରେ ଏହି ସମ୍ବେଦନଶୀଳ ଅଭିଯାନ ମାତ୍ର ୬ ସପ୍ତାହ ମଧ୍ୟରେ ଶେଷ ହୋଇଛି। ଦକ୍ଷିଣ ଆମେରିକା ଏବଂ ଆମେରିକାର ସୁରକ୍ଷା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଏହି ୟୁରାନିୟମକୁ ବର୍ତ୍ତମାନ ଆମେରିକାର ସାଉଥ୍ କାରୋଲିନାସ୍ଥିତ ପରମାଣୁ କେନ୍ଦ୍ରରେ ପ୍ରକ୍ରିୟାକରଣ କରାଯିବ। ଏହି ଅଭିଯାନ ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ସୁଧୁରୁଥିବା ସମ୍ପର୍କର ସୂଚନା ଦେଉଛି। ନିକଟରେ ଦୁଇ ଦେଶ ମଧ୍ୟରେ ବିମାନ ସେବା ଆରମ୍ଭ ହେବା ସହ ଆମେରିକୀୟ ଦୂତାବାସ ମଧ୍ୟ ପୁନର୍ବାର ଖୋଲାଯାଇଛି।

## ଆଜି ହୋଇପାରେ ୟୁପି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ

ଲକ୍ଷ୍ନୌ, ୯ ।୫(ଏଜେନ୍ସି): ଉତ୍ତର ପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ସମସ୍ତ ଜାତି ଏବଂ ଆଞ୍ଚଳିକ ସମୀକରଣକୁ ସଜାଡ଼ିବା ପାଇଁ ରବିବାର ସନ୍ଧ୍ୟାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ ହେବାକୁ ଯାଉଛି। ସୂତ୍ର ଅନୁଯାୟୀ, ଅତି କମରେ ୬ ଜଣ ନୂଆ ମନ୍ତ୍ରୀ ଯୋଗୀ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଥିପାଇଁ ରାଜ୍ୟପାଳ ଆନନ୍ଦୀବେନ ପଟେଲଙ୍କୁ ଭେଟି ଆଲୋଚନା କରିସାରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଉତ୍ତର ପ୍ରଦେଶରେ କିଛି ଆସନ ହରାଇଥିଲା। ଏବେ ସେହି କ୍ଷତିକୁ ଭରଣା କରିବା ଏବଂ ବିଭିନ୍ନ ସମ୍ପ୍ରଦାୟର ନେତାଙ୍କୁ ସରକାରରେ ସ୍ଥାନ ଦେଇ ସାମାଜିକ ସନ୍ତୁଳନ ରକ୍ଷା କରିବା ପାଇଁ ବିଜେପି ଏହି ରଣନୀତି ଆପଣାଇଛି। ବର୍ତ୍ତମାନ ୟୁପି ସରକାରରେ ୫୪ ଜଣ ମନ୍ତ୍ରୀ ଅଛନ୍ତି ଏବଂ ସର୍ବାଧିକ ୬୦ ଜଣ ମନ୍ତ୍ରୀ ରହିପାରିବେ।

## ଦିଲ୍ଲୀରେ ଆଇଏସ୍‌ଆଇ ପକ୍ଷରୁ ମନ୍ଦିର ଓ ସାମରିକ ଶିବିର ଉପରେ ଆକ୍ରମଣ ଯୋଜନା ପଣ୍ଡ

ନୂଆଦିଲ୍ଲୀ, ୯।୫(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍‌ଫ ପାକିସ୍ତାନର ଆଇଏସ୍‌ଆଇ ସମର୍ଥିତ 'ଶାହଜାଦ ଭଟ୍ଟୀ' ମଡ୍ୟୁଲର ପର୍ଦ୍ଦାଫାଶ କରିଛି। ପୁଲିସ ଏହି ଆତଙ୍କବାଦୀ ଗୋଷ୍ଠୀର ୯ ଜଣ ସନ୍ଦିଗ୍ଧ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଜେରା କରିବା ପରେ ସେମାନେ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ଯୋଜନା କରିଥିବା ତଥ୍ୟ ସାମ୍ନାକୁ ଆସିଛି। ସୂତ୍ର ଅନୁଯାୟୀ, ଦିଲ୍ଲୀର ଏକ ପ୍ରସିଦ୍ଧ ଐତିହାସିକ ମନ୍ଦିର ଏହି ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା। ଗିରଫ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ମନ୍ଦିର ପରିସରର ଫଟୋ ପାକିସ୍ତାନରେ ଥିବା ହ୍ୟାଣ୍ଡଲର୍‌ମାନଙ୍କୁ ପଠାଇଥିବା ଜେରା ବେଳେ ଜଣାପଡ଼ିଛି। ମନ୍ଦିରରେ ନିୟୋଜିତ ସୁରକ୍ଷା ବାହିନୀ ଉପରେ ପ୍ରଥମେ ଆକ୍ରମଣ କରିବାକୁ ଯୋଜନା ରହିଥିଲା। ଏହି ଆତଙ୍କବାଦୀ ଗୋଷ୍ଠୀ ହରିୟାଣାର ହିସାରରେ ଥିବା ଏକ ସାମରିକ ଶିବିର ଉପରେ ମଧ୍ୟ ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଥିଲା।

# ଏବେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବି



■ ତିନି ଦିନ ପାଇଁ ଯୁଦ୍ଧବିରତି ଘୋଷଣା: ଟ୍ରମ୍ପ
■ ପୁଣି ହେବ ଆମେରିକା-ଇରାନ ଆଲୋଚନା

ୱାସିଂଟନ/ ଇସଲାମାବାଦ, ୯ ।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଥିବା ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହା ତାଙ୍କର ୧୦ମ ଶାନ୍ତି ପ୍ରୟାସ ହେବ। ଟ୍ରମ୍ପ ସୋସିଆଲ ମିଡିଆ ମାଧ୍ୟମରେ ମଇ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ରୁଷ ଏବଂ ୟୁକ୍ରେନ ମଧ୍ୟରେ ୩ ଦିନିଆ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ କୌଣସି ପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ କରିବେ ନାହିଁ। ଏହି ଶାନ୍ତି ପ୍ରକ୍ରିୟାର ଅଂଶସ୍ୱରୂପ ଉଭୟ ଦେଶ ନିଜ ନିଜ ମଧ୍ୟରେ ହଜାର ହଜାର ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ ତାଙ୍କର ଅନୁରୋଧ କ୍ରମେ ରୁଷ ରାଷ୍ଟ୍ରପତି ପୁଟିନ ଏବଂ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ଯଦି ପରିସ୍ଥିତି ଭଲ ରୁହେ, ତେବେ ଏହି ସମୟସୀମାକୁ ଆଗକୁ ବଢ଼ାଯାଇପାରେ। ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠାରୁ ବିପଜ୍ଜନକ ଯୁଦ୍ଧ। ଲକ୍ଷ ଲକ୍ଷ ସୈନିକଙ୍କ ଜୀବନ ରକ୍ଷା କରିବା ପାଇଁ ଏହି ଯୁଦ୍ଧକୁ ସବୁଦିନ ପାଇଁ ବନ୍ଦ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ସାରା ବିଶ୍ୱ ଏବେ ଏହି ୩ ଦିନିଆ ଯୁଦ୍ଧବିରତିର ପ୍ରଭାବ ଉପରେ ନଜର ରଖିଛି।

ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନା ପ୍ରଶମିତ କରିବା ପାଇଁ ଏକ ବଡ଼ ଧରଣର କୂଟନୈତିକ ପ୍ରୟାସ ଆରମ୍ଭ ହୋଇଛି। ଆସନ୍ତା ସପ୍ତାହରେ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ପୁନର୍ବାର ଆରମ୍ଭ ହେବାକୁ ଯାଉଛି। ମଧ୍ୟସ୍ଥିମାନଙ୍କ ଜରିଆରେ ଉଭୟ ଦେଶ ଏକ ଚିଠା ପ୍ରସ୍ତାବ ଉପରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ରିପୋର୍ଟ ଅନୁଯାୟୀ, ଆମେରିକା ପକ୍ଷରୁ ଏକ ୧୪-ଦଫା ସମ୍ବଳିତ ଚିଠା ପ୍ରସ୍ତାବ ଦିଆଯାଇଛି। ଏଥିରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ହର୍ମୁଜ ପ୍ରଣାଳୀରେ ଶାନ୍ତି ପ୍ରତିଷ୍ଠା ଏବଂ ୟୁରାନିୟମ ସଂରକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆଲୋଚନାକୁ ନେଇ ସକାରାତ୍ମକ ଆଶା ପୋଷଣ କରିଥିବା ବେଳେ ଇରାନ ପକ୍ଷରୁ ଏବେ ବି କିଛି କଠୋର ଆଭିମୁଖ୍ୟ ଦେଖିବାକୁ ମିଳୁଛି। ଯଦି ଆମେରିକା ହର୍ମୁଜ ପ୍ରଣାଳୀରେ ସାମରିକ ହସ୍ତକ୍ଷେପ କରେ, ତେବେ ଏହା ଏକ ଭୟଙ୍କର ଯୁଦ୍ଧର ରୂପ ନେବ ବୋଲି ଇରାନ ଚେତାବନୀ ଦେଇଛି। ଆମେରିକା ପକ୍ଷରୁ ଦାବି କରାଯାଇଛି ଯେ, ସେମାନେ ୭୦ରୁ ଅଧିକ ଇରାନୀୟ ଜାହାଜକୁ ଅଟକାଇଛନ୍ତି, ଯେଉଁଥିରେ ପ୍ରାୟ ୧୩ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ତୈଳ ରହିଛି। ଇରାନ ପକ୍ଷରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଉପରେ ଦୁଇଟି କ୍ଷେପଣାସ୍ତ୍ର ଏବଂ ତିନୋଟି ଡ୍ରୋନ୍ ଆକ୍ରମଣ କରାଯାଇଥିଲା, ଯାହାକୁ ୟୁଏଇ ଆକାଶ ମାର୍ଗରେ ଧ୍ୱଂସ କରିଦେଇଛି। ୩୦ ଦିନ ପାଇଁ ଯୁଦ୍ଧ ବିରତି ଏବଂ ବାଣିଜ୍ୟିକ କାରବାର ପାଇଁ ହର୍ମୁଜ ପ୍ରଣାଳୀକୁ ଖୋଲିବା ନେଇ ଉଭୟ ଦେଶ ମଧ୍ୟରେ ଆଲୋଚନା ଚାଲିଛି। ଏହି ଭୂ-ରାଜନୈତିକ ଅସ୍ଥିରତା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୩ ଡଲାରରେ ପହଞ୍ଚିଛି ଏବଂ ସୁନା ଦର ମଧ୍ୟ ବୃଦ୍ଧି ପାଇଛି। ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମରେ କୌଣସି ପ୍ରକାର ସାଲିସ କରିବ ନାହିଁ ବୋଲି ସ୍ପଷ୍ଟ କରିସାରିଛି। ଏଭଳି ସ୍ଥିତିରେ ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବିଶ୍ୱ ଶାନ୍ତି ଏବଂ ବିଶେଷ କରି ମଧ୍ୟ ପ୍ରାଚ୍ୟର ସୁରକ୍ଷା ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

## ବିହାରରେ ବଜ୍ରପାତ ଓ ଗଛ ପଡ଼ି ୯ ମୃତ

ପାଟନା/ଜୟପୁର, ୯ ।୫(ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପାଣିପାଗର ଉଗ୍ର ରୂପ ଦେଖିବାକୁ ମିଳିଛି। କେଉଁଠି ପ୍ରବଳ ବର୍ଷା ଓ ବଜ୍ରପାତ ଜୀବନ ନେଉଥିବା ବେଳେ ଅନ୍ୟ କେଉଁଠି ଅସହ୍ୟ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବିହାରର ପାଟନା ସମେତ ୭ଟି ଜିଲ୍ଲାରେ ଶୁକ୍ରବାର ଦିନ ପ୍ରବଳ ଝଡ଼ବର୍ଷା ହୋଇଛି। ବଜ୍ରପାତ ଏବଂ ଗଛ ପଡ଼ିବା କାରଣରୁ ମୋଟ ୯ ଜଣଙ୍କର ମୃତ୍ୟୁ ଘଟିଛି। କେବଳ ପାଟନାରେ ୫ ଜଣ ପ୍ରାଣ ହରାଇଥିବା ବେଳେ ୬୦୦ରୁ ଅଧିକ ଗଛ ଉପୁଡ଼ି ପଡ଼ିଛି। ଉତ୍ତର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ବର୍ଷା ସହ କୁଆପଥର ମାଡ଼ ହୋଇଛି। ଶିମଲାରେ ପ୍ରବଳ କୁଆପଥର ବର୍ଷା ଯୋଗୁଁ ରାସ୍ତାରେ ବରଫର ସ୍ତର ଜମିଯାଇଛି। ଅନ୍ୟପଟେ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଖରା ପ୍ରକୋପ ବଢ଼ିବାରେ ଲାଗିଛି। ରାଜସ୍ଥାନର ବାରମେରରେ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମଧ୍ୟପ୍ରଦେଶର ରତଲାମରେ ୪୩.୫ ଡିଗ୍ରୀ ଛୁଇଁଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଦିଲ୍ଲୀ, ହରିୟାଣା, ପଞ୍ଜାବ ଏବଂ ଓଡ଼ିଶାରେ ଝଡ଼ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ବିହାର ଏବଂ ପଶ୍ଚିମବଙ୍ଗରେ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

# ପାକିସ୍ତାନୀ ଶ୍ରମିକମାନଙ୍କୁ ବହିଷ୍କାର କରୁଛି ୟୁଏଇ

ଦୁବାଇ/ଇସଲାମାବାଦ, ୯ ।୫(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦରେ ପାକିସ୍ତାନ ମଧ୍ୟସ୍ଥି ସାଜିବା ଏବେ ତା'ର ଶ୍ରମିକମାନଙ୍କ ପାଇଁ ମହଙ୍ଗା ପଡ଼ିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବହୁ ସଂଖ୍ୟାରେ ପାକିସ୍ତାନୀ ଶ୍ରମିକଙ୍କୁ ଦେଶରୁ ବାହାର କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଇରାନ ଦ୍ୱାରା ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ପାକିସ୍ତାନ ଦୃଢ଼ ଭାବେ ନିନ୍ଦା କରି ନଥିବାରୁ ୟୁଏଇ ସରକାର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କୂଟନୈତିକ ତିକ୍ତତା ଯୋଗୁଁ ହଜାର ହଜାର ପାକିସ୍ତାନୀ ଶ୍ରମିକଙ୍କୁ ବହିଷ୍କାର କରାଯାଉଛି। ବିଶେଷ କରି ପାକିସ୍ତାନର ଶିଆ ମୁସଲମାନ ଶ୍ରମିକମାନଙ୍କୁ ଅଧିକ ମାତ୍ରାରେ ବାହାର କରାଯାଉଥିବା ଅଭିଯୋଗ ହୋଇଛି। ଏପ୍ରିଲ ମଧ୍ୟଭାଗରୁ ଏହି ପ୍ରକ୍ରିୟା ଜାରି ରହିଛି। ୟୁଏଇରେ ପ୍ରାୟ ୨୦ ଲକ୍ଷରୁ ଅଧିକ ପାକିସ୍ତାନୀ କାର୍ଯ୍ୟ କରନ୍ତି, ଯେଉଁମାନେ ବାର୍ଷିକ ୮ ବିଲିୟନ ଡଲାରରୁ ଅଧିକ ଅର୍ଥ ପଠାଇଥାନ୍ତି। ଶ୍ରମିକ ବହିଷ୍କୃତ ହେବା ପାକିସ୍ତାନର ଦୁର୍ବଳ ଅର୍ଥନୀତି ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ୟୁଏଇ ଏହି ବିଷୟରେ କୌଣସି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ପାକିସ୍ତାନ ଏହାକୁ ଏକ ବଡ଼ ଧରଣର ବହିଷ୍କାର ବୋଲି ମାନିବାକୁ ମନା କରିଛି। ତେବେ ଉପସାଗରୀୟ ଅଞ୍ଚଳରେ ବଢୁଥିବା ଅସ୍ଥିରତା ମଧ୍ୟରେ ଏହି ଘଟଣା ଦୁଇ ଦେଶର ସମ୍ପର୍କରେ ଫାଟ ସୃଷ୍ଟି କରିଛି।



ଶପଥପାଠ ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ସହ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ

## ପଞ୍ଜାବ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ଗିରଫ କଲା ଇଡି



ନୂଆଦିଲ୍ଲୀ/ଚଣ୍ଡିଗଡ଼, ୯ ।୫(ଏଜେନ୍ସି): ପଞ୍ଜାବର ଶିଳ୍ପ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଦିନ ଗିରଫ କରିଛି। ଏକ ନୂତନ ଅର୍ଥ ହେରଫେର ମାମଲାରେ ତାଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରାୟ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୋବାଇଲ୍ ଫୋନ୍‌ର ଜାଲ୍ ଜିଏସଟି କ୍ରୟ ଏବଂ ଦୁବାଇରୁ ଭାରତକୁ ବେଆଇନ ଅର୍ଥ ପଠାଇବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି। ଜାଲ୍ ବିଲ୍ ମାଧ୍ୟମରେ ଟ୍ୟାକ୍ସ କ୍ରେଡିଟ୍ ହାସଲ କରିଥିବା ଇଡି ଦାବି କରିଛି। ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏହାକୁ ନେଇ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ବିଜେପିରେ ସାମିଲ ହେଉନାହାନ୍ତି ସେମାନଙ୍କୁ ଇଡି ମାଧ୍ୟମରେ ଟାର୍ଗେଟ୍ କରାଯାଉଛି। ଏହି କାର୍ଯ୍ୟାନୁଷ୍ଠାନ ଯୋଗୁଁ ବିଜେପି ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ପଞ୍ଜାବରେ ପଶିପାରିବ ନାହିଁ ବୋଲି ସେ ଦାବି କରିଛନ୍ତି। ଏହାପୂର୍ବରୁ ଏପ୍ରିଲ ୧୭ ରେ ମଧ୍ୟ ଆରୋରାଙ୍କ ଉପରେ ଚଢ଼ାଉ କରାଯାଇ ୧୫୭ କୋଟି ଟଙ୍କାର ସମ୍ପତ୍ତି ବ୍ୟାଜାପ୍ତ କରାଯାଇଥିଲା। ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଇଡିର ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ଏକ ବଡ଼ ରାଜନୈତିକ ସଂଘର୍ଷ ସୃଷ୍ଟି କରିଛି। ଆପ୍ ସରକାର ଏହାକୁ 'ରାଜନୈତିକ ପ୍ରତିଶୋଧ' କହୁଥିବା ବେଳେ ଏହି ଘଟଣା ଏବେ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛି।

## ଏସ୍‌ଆଇଆର୍ ପର୍ଯ୍ୟବେକ୍ଷକ ଏବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା



କୋଲକାତା, ୯।୫(ଏଜେନ୍ସି): ପଶ୍ଚିମବଙ୍ଗର ନୂତନ ବିଜେପି ସରକାର ଶାସନ ଗାଦିକୁ ଆସିବା ପରେ ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳବଦଳ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) କୁ ଅଧିକ ସୁଦୃଢ଼ କରିବା ପାଇଁ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ସୁବ୍ରତ ଗୁପ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ୧୯୯୦ ବ୍ୟାଚର ଏହି ବରିଷ୍ଠ ଅଧିକାରୀଙ୍କ ପାଖରେ ଦୀର୍ଘ ଦିନର ପ୍ରଶାସନିକ ଅଭିଜ୍ଞତା ରହିଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ତାଙ୍କୁ ଏସ୍‌ଆଇଆର୍ ପାଇଁ ସ୍ପେଶାଲ ରୋଲ୍ ଅବଜରଭର୍ ଭାବେ ନିଯୁକ୍ତ କରିଥିଲେ। ସୁବ୍ରତ ଗୁପ୍ତଙ୍କ ସମେତ ଅନ୍ୟ ଜଣେ ଯୁବ ଆଇଏଏସ ଅଧିକାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ୨୦୧୭ ବ୍ୟାଚର ଆଇଏଏସ ଅଧିକାରୀ ଶାନ୍ତନୁ ବାଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ବାଲା ଏହା ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରଶାସନିକ ପଦପଦବୀରେ ବ୍ୟାପକ ପୁନର୍ଗଠନ ପ୍ରକ୍ରିୟା ଜାରି ରହିଛି।

## ପରାଜୟ ସ୍ୱୀକାର କଲେ ମମତା; ବଦଳାଇଲେ 'ଏକ୍ସ' ବାୟୋ

କୋଲକାତା, ୯ ।୫(ଏଜେନ୍ସି): ଦୁଇ ଦଶନ୍ଧିର ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ସୋସିଆଲ ମିଡିଆ ପ୍ରୋଫାଇଲ୍ ବଦଳାଇ ପରୋକ୍ଷରେ ନିଜର ପରାଜୟ ସ୍ୱୀକାର କରିଥିବା ଚର୍ଚ୍ଚା ହେଉଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ର ବିପୁଳ ବିଜୟ ପରେ ମଧ୍ୟ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିଥିଲେ। ମାତ୍ର ଆଜି ସକାଳେ ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ' (ପୂର୍ବରୁ ଟ୍ୱିଟର) ରେ କରିଥିବା ପରିବର୍ତ୍ତନ ଏବେ ସବୁଠି ଆଲୋଚନାର ବିଷୟ ପାଲଟିଛି। ମମତା ବାନାର୍ଜୀ ନିଜ ବାୟୋରେ ପୂର୍ବରୁ ଥିବା 'ମାନ୍ୟବର ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ' ହଟାଇ ଏବେ 'ମୁଖ୍ୟମନ୍ତ୍ରୀ (୧୫ଶ, ୧୬ଶ ଏବଂ ୧୭ଶ ବିଧାନସଭା)' ବୋଲି



ଲେଖିଛନ୍ତି। ଏହାର ଅର୍ଥ ସେ ନିଜକୁ କେବଳ ପୂର୍ବତନ ତିନୋଟି ପାଳିର ମୁଖ୍ୟମନ୍ତ୍ରୀ ଭାବେ ଦର୍ଶାଇଛନ୍ତି। ଶନିବାର ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଶପଥ ଗ୍ରହଣ କରୁଥିବା ବେଳେ ମମତାଙ୍କର ଏହି ପଦକ୍ଷେପକୁ 'ପରାଜୟ ସ୍ୱୀକାର' ବୋଲି କୁହାଯାଉଛି। ୨୯୪ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୨୦୭ଟି ଆସନ ପାଇଥିବା ବେଳେ ତୃଣମୂଳ କଂଗ୍ରେସ ମାତ୍ର ୮୦ଟି ଆସନରେ ସୀମିତ ରହିଛି। ମମତା ବାନାର୍ଜୀ ପୂର୍ବରୁ ନିର୍ବାଚନରେ କୌଣସି ପ୍ରକାର ଚକ୍ରାନ୍ତ ହୋଇଥିବା ଅଭିଯୋଗ କରି ଇସ୍ତଫା ଦେବେ ନାହିଁ ବୋଲି ଜିଦ୍ ଧରିଥିଲେ। ମାତ୍ର ସୋସିଆଲ ମିଡିଆରେ ଏହି ପରିବର୍ତ୍ତନ ପରେ ରାଜ୍ୟରେ ୧୫ ବର୍ଷର ଟିଏମସି ଶାସନର ଅନ୍ତ ଘଟିଥିବା ଏବେ ସ୍ପଷ୍ଟ ଜଣାପଡୁଛି।

## ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଗୋଆ ସରକାର

ପାଣାଜୀ, ୯ ।୫(ଏଜେନ୍ସି): ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସନ୍ତୁଳିତ ପରିବେଶକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାର ଏକ ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପାହାଡ଼ କଟା ରୋକିବା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରାୟ ୮୨ ଲକ୍ଷ ବର୍ଗ ମିଟରରୁ ଅଧିକ ଜମିକୁ 'ନିର୍ମାଣ ନିଷିଦ୍ଧ ବଳୟ' (ନୋ ଡେଭ୍‌ଲପମେଣ୍ଟ ଜୋନ୍) ଭାବେ ଘୋଷଣା କରାଯାଇଛି। ନଗର ଓ ଗ୍ରାମ୍ୟ ଯୋଜନା ବିଭାଗ (ଟିସିପି) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାଜୋର୍ଡା ଓ ଗୋନସୁଆ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହି ନିୟମ କାର୍ଯ୍ୟକାରୀ ହେବ। ଅତ୍ୟଧିକ ସହରୀକରଣ ଯୋଗୁଁ ଗୋଆର ପାହାଡ଼ ଏବଂ ସବୁଜିମା ନଷ୍ଟ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଦୀର୍ଘ ଦିନରୁ ଉଦବେଗ ପ୍ରକାଶ କରିଆସୁଥିଲେ। ଏହି ନୂତନ ନିୟମ ଅନୁସାରେ, ଚିହ୍ନିତ ଅଞ୍ଚଳରେ କୌଣସି ପ୍ରକାର ନୂତନ ନିର୍ମାଣ କାର୍ଯ୍ୟ କିମ୍ବା ପାହାଡ଼ ସମତଳ କରାଯାଇପାରିବ ନାହିଁ। ଏଥିସହିତ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ମାଣ୍ଡୋଭି ଏବଂ ଜୁଆରୀ ନଦୀ କୂଳବର୍ତ୍ତୀ ପ୍ରାୟ ୬.୭୨ କୋଟି ବର୍ଗ ମିଟର ଅଞ୍ଚଳକୁ 'ପରିବେଶ ସମ୍ବେଦନଶୀଳ ବଳୟ' ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଜଙ୍ଗଲ ମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି ଯେ, ନଦୀକୂଳବର୍ତ୍ତୀ ଦୁର୍ବଳ ପରିସଂସ୍ଥାର ସୁରକ୍ଷା ପାଇଁ ଏହା ଅପରିହାର୍ଯ୍ୟ ଥିଲା। କେବଳ ପାହାଡ଼ ନୁହେଁ, ବରଂ ଧାନ କ୍ଷେତ ଏବଂ ଖାଲୁଆ ଜମିଗୁଡ଼ିକୁ ମଧ୍ୟ ଏହି ନିଷିଦ୍ଧ ବଳୟ ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା କୃଷି ଜମିର ଅପବ୍ୟବହାର ରୋକାଯାଇପାରିବ ଏବଂ ରାଜ୍ୟର ସବୁଜିମାକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖାଯାଇପାରିବ। ବିକାଶ ନାମରେ ପ୍ରକୃତିର ବିନାଶକୁ ରୋକିବା ପାଇଁ ଗୋଆ ସରକାରଙ୍କ ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଏହା କେବଳ ପରିବେଶ ସନ୍ତୁଳନ ରକ୍ଷା କରିବ ନାହିଁ, ବରଂ ବାରମ୍ବାର ଘଟୁଥିବା ଭୂସ୍ଖଳନ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟକୁ ରକ୍ଷା କରିବାରେ ସହାୟକ ହେବ।

**୮୨ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମାଣ ନିଷେଧ**

ରଥଖଳାରୁ...

# ଡେରା ହେଲା ଚକ ଅଖ



ପୁରୀ, ୯।୫(ସମିସ): ଶନିବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ପରମ୍ପରା ଅନୁଯାୟୀ ଏହି ପବିତ୍ର ତିଥିରେ ରଥଖଳାରେ ତିନୋଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପ୍ରଥମେ ୩ଟି ଅଖ ଏବଂ ୬ଟି ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା। ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଏବଂ ଅଖକୁ ସ୍ନାନ କରାଯାଇଥିଲା। ୬ଟି ଚକ ପନ୍ଦାରୀରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡ଼େଇଥିଲେ। ସେପଟେ, ଶ୍ରୀମନ୍ଦିରରେ ପୂର୍ବାହ୍ନ ୧୧ଟା ୪୫ରେ ସକାଳ ଧୂପ ଶେଷ ହୋଇଥିଲା। ଏହାପରେ ମଧ୍ୟାହ୍ନ ୧୨ଟା ୨୫ରେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଛତି, ତରାଶ, କାହାଳୀ ସହ ପଟୁଆରରେ ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳା ଅଭିମୁଖେ ବାହାରିଥିଲେ।

ମଧ୍ୟାହ୍ନ ୧୨ଟା ୩୫ରେ ଆଜ୍ଞାମାଳ ରଥଖଳା ନିକଟରେ ପହଞ୍ଚିଥିଲା। ପ୍ରଥମେ ଆଜ୍ଞାମାଳ ଶ୍ରୀନଅର ସମ୍ମୁଖରେ ଆଜ୍ଞାମାଳ ଧରି ଅପେକ୍ଷା କରିଥିଲେ ପୂଜାପଣ୍ଡା ସାମନ୍ତ। ପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ଚକ ସହ ଅଖ ସଂଯୋଗ କରି ଡେରିଥିଲେ। ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକଡେରା ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣକାରୀ ସେବକଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଚକଡେରା କାର୍ଯ୍ୟ ସମ୍ପନ୍ନ ହେବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ଡେରା ଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ଦିଆଯାଇଥିଲା। ଏହାପରେ ଦର୍ପଦଳନ ରଥ ଏବଂ ଶେଷରେ ନନ୍ଦିଘୋଷ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଆଜ୍ଞାମାଳ ପ୍ରଦାନ ପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢ଼ି ରଥଖଳା ସମ୍ମୁଖରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ। ତିନୋଟି ଯାକ ଆଜ୍ଞାମାଳ ମା' ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା। ଏହାପରେ ମହାରଣାମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ।

# ୧୧ରୁ ପୁଣି ଭିତର ରତ୍ନଭଣ୍ଡାର ଗଣତି

ପୁରୀ, ୯।୫ (ସମିସ): ପୁଣି ଗଣତି ହେବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର। ଆସନ୍ତା ୧୧ତାରିଖରୁ ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଶନିବାର ଚକଡେରା ନୀତି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡ. ପାଢ଼ୀ କହିଛନ୍ତି, ଆସନ୍ତା ୧୧ ଓ ୧୨ତାରିଖ ଦୁଇଦିନ ଧରି ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି କରାଯିବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏହି ଗଣତି କରାଯିବ। ଦୁଇ ଦିନ ଗଣତି ପରେ ପୁନଶ୍ଚ କେଉଁଦିନ ଗଣତି ହେବ, ତାହା ନୀତିକାନ୍ତିକୁ ଦୃଷ୍ଟିରେ ରଖି ଧାର୍ଯ୍ୟ କରାଯିବା ପରେ ଜଣାଇ ଦିଆଯିବ। ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଏବଂ ରବିବାର ଠାକୁରଙ୍କ ହଳଦୀ ପାଣି ନୀତି ରହିଛି। ଏଣୁ ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ, ତାହାକୁ ଗୁରୁତ୍ୱ ଦିଆଯାଇ ଗଣତିମଣତି କରାଯାଉଛି। ତେବେ ଏହି କାର୍ଯ୍ୟ କେବେ ଶେଷ ହେବ, ତାହା କହିହେବ ନାହିଁ। କାରଣ ଠାକୁରଙ୍କ ନୀତିକାନ୍ତିକୁ ଦେଖି ଗଣତି ତାରିଖ ସ୍ଥିର କରାଯାଉଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଏସ୍ଓପି ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ସୁରୁଖୁରୁରେ ଚାଲିଛି। ବାକି ଯାହା ବି କାମ ଅଛି ଠିକ୍ ଭାବେ ହେବ। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏବଂ ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ କରାଯାଉଛି। ଠିକ୍ ସମୟରେ ନିର୍ଦ୍ଧାରିତ ଢଙ୍ଗରେ ସମାପିତ ହେବ ବୋଲି ଆଶା କରିବା କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

ରାଜ୍ୟ ସରକାରଙ୍କୁ ବିଜେଡିର ତୀବ୍ର ସମାଲୋଚନା

# ଅରାଜକତା ଆଡ଼କୁ ଗତି କରୁଛି ଓଡ଼ିଶା

ଭୁବନେଶ୍ୱର, ୯।୫(ସମିସ): ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ ଦିନର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉତ୍ତର ପ୍ରଦେଶ, ବିହାରକୁ ଟପିଗଲାଣି କହି ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ୧୦ ଦିନ ଭିତରେ ଘଟିଥିବା ହତ୍ୟା ଓ ହିଂସାକାଣ୍ଡ ଘଟଣାରୁ ରାଜ୍ୟରେ ଯେମିତି ଆଇନର ଶାସନ ନଥିବା ଭଳି ସାଧାରଣ ଜନତା ଅନୁଭବ କରୁଛନ୍ତି। ଢେଙ୍କାନାଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ, ହିଞ୍ଜିଳିରେ ୩ ବର୍ଷର ଝିଅ ସାମ୍ନାରେ ତାର ଗର୍ଭବତୀ ମାଆକୁ ହତ୍ୟା, କଣାସରେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ଉଦ୍ୟମ, ନିକଟରେ ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟ ସ୍ୱାଇଁଙ୍କୁ ହତ୍ୟା ଘଟଣା ସୂଚାଉଛି, ଏହି ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସୌମ୍ୟଙ୍କ ମାଆଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ଜଣେ ପୁଲିସ ଏଡିଜିଙ୍କ ଜିମରେ ଟ୍ରେନର ଭାବେ କାମ କରୁଥିଲେ। ସେହି ଏଡିଜିଙ୍କର ସମଗ୍ର ଭୁବନେଶ୍ୱରର ଅନେକ ସ୍ଥାନରେ ଜିମ୍ ବ୍ୟବସାୟ ଥିଲା। ଏତଦବ୍ୟତୀତ ତାଙ୍କର ଟ୍ରକ ବ୍ୟବସାୟ ଥିଲା। ଏହି କଥା କ'ଣ ପୁଲିସ ମହାନିର୍ଦ୍ଦେଶକ ଜାଣିପାରୁ ନଥିଲେ ? ଯଦି ରାଜ୍ୟର କର୍ତ୍ତବ୍ୟରତ ପୁଲିସମାନେ ବ୍ୟବସାୟରେ ଲିପ୍ତ ରୁହନ୍ତି, ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ। ଡ. ସାମନ୍ତସିଂହାର ଆହୁରି କହିଥିଲେ ଯେ ଗତକାଲି ମାତ୍ର ୨୦ ହଜାର ଟଙ୍କା ପାଇଁ ସେହି ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏ ସମସ୍ତ ଅପରାଧରେ ସଂଶ୍ଳିଷ୍ଟ ଥିବା ମୁଖ୍ୟ ଆସାମୀମାନଙ୍କୁ ଏ ପର୍ଯ୍ୟନ୍ତ ପୁଲିସ ଗିରଫ କରିବାରେ ବିଫଳ ହୋଇଛି।



- ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଛି ହିଂସା ଘଟଣା
- ଶାନ୍ତିପ୍ରିୟ ଓଡ଼ିଶା ଅଶାନ୍ତରେ ପରିଣତ ହେଲାଣି
- ମହିଳା ବିରୋଧୀ ଅପରାଧକୁ ରୋକିବାରେ ସରକାର ବିଫଳ
- ଅପରାଧୀଙ୍କୁ ସରକାର ରାଜନୈତିକ ସୁରକ୍ଷା ଦେଉଛନ୍ତି

ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ଅପରାଧୀମାନେ ସରକାରଙ୍କ ରାଜନୈତିକ ସୁରକ୍ଷା ବଳୟ ଭିତରେ ରହୁଛନ୍ତି। ଯେଉଁ ରାଜ୍ୟ ଶାନ୍ତିପ୍ରିୟ ରାଜ୍ୟ ଭାବେ ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲା, ବିଜେପି କ୍ଷମତାକୁ ଆସିବା ପରେ ସେହି ରାଜ୍ୟ ଅଶାନ୍ତରେ ପରିଣତ ହେବା ସହିତ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଆମେରିକା ଭଳି ରାଷ୍ଟ୍ର ତାଙ୍କ ନାଗରିକ ମାନଙ୍କୁ ଆଡଭାଇଜରୀ ଜାରି କରି ଓଡ଼ିଶାକୁ ନ ଯିବା ପାଇଁ ମନା କରୁଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଜଗତସିଂହପୁର ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ର କହିଥିଲେ ଯେ ରାଜ୍ୟରେ ବଢ଼ିଚାଲିଥିବା ହିଂସା ଓ ନାରୀ ନିର୍ଯାତନା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗୃହ ବିଭାଗ ଦାୟିତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ଯଦି ଆଇନ ଶୃଙ୍ଖଳା ସମ୍ଭାଳି ପାରୁନାହାନ୍ତି, ତାହେଲେ ତୁରନ୍ତ ସେହି ବିଭାଗ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ। ଭାରତୀୟ ଜନତା ପାର୍ଟି ସରକାର ନିଜ ଅପାରଗତାକୁ ଲୁଚାଇବା ପାଇଁ ରାଜନୈତିକ ବୟାନବାଜି ବନ୍ଦ କରୁ ବୋଲି ସେ ଦାବି କରିଥିଲେ।

■ ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୧୫ଟି ମାମଲାର ସମାଧାନ, ୯.୬୮ କୋଟିର କ୍ଷତିପୂରଣ ସ୍ଥିରୀକୃତ

କଟକ, ୯।୫ (ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ମାମଲାର ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୧୫ଟି ମାମଲାର ଫଇସଲା କରାଯାଇଛି। ଏହି ମାମଲାଗୁଡ଼ିକରେ ମୋଟ ୯କୋଟି ୬୮ଲକ୍ଷ ୧୧ ହଜାର ୩୩୪ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟତଃ ବୀମା ଦାବି, ଚେକ୍ ବାଉନ୍ସ, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ, ଜମି ଅଧିଗ୍ରହଣ ଏବଂ ପାରିବାରିକ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ମୋଟ ୮ଟି କୋର୍ଟରେ ମାମଲାଗୁଡ଼ିକର ବିଚାର କରାଯାଇଥିଲା। ଜଷ୍ଟିସ୍ ବି.ପି ରାଉତରାୟ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର.ମହାପାତ୍ର, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏମ.ଏସ୍ ରମଣ, ଜଷ୍ଟିସ ସଂଜୟ କୁମାର. ମିଶ୍ର, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶ ମାମଲାଗୁଡ଼ିକ ବିଚାର କରିଥିଲେ। ଏହି ଅଦାଲତରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଓ ୟୁନାଇଟେଡ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ ସମେତ ବିଭିନ୍ନ ଘରୋଇ ବୀମା କମ୍ପାନୀ, ବ୍ୟାଙ୍କ ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ଆଦେଶ ପାଳନରେ ଅବହେଳା ନେଇ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ଗିରଫ ଚେତାବନୀ

କଟକ, ୯।୫ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା ମାମଲାରେ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆସନ୍ତା ୧୧ତାରିଖ, ସୋମବାର ଦିନ ଅଦାଲତଙ୍କ ପୂର୍ବନିର୍ଦ୍ଦେଶ କାର୍ଯ୍ୟକାରୀ ସମ୍ପର୍କିତ ରିପୋର୍ଟ ଦାଖଲ କରା ନଗଲେ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଗିରଫ ହୋଇପାରନ୍ତି ବୋଲି ଅଦାଲତ ଚେତାବନୀ ଦେଇଛନ୍ତି। ଏହି ମାମଲାର ଶୁଣାଣି ବେଳେ ପ୍ରତିପକ୍ଷ ବିଭାଗୀୟ ସଚିବଙ୍କୁ ଗିରଫ କରି ହାଜର କରାଇବା ପାଇଁ ପୁଲିସ ଡିଜିଙ୍କୁ ଅଦାଲତ ନିର୍ଦ୍ଦେଶ ଦେବାକୁ ଚାହିଁଥିଲେ। ତେବେ ଏଭଳି ନିର୍ଦ୍ଦେଶକୁ ସ୍ଥଗିତ ରଖି ସୋମବାର ପର୍ଯ୍ୟନ୍ତ ସମୟ ଦେବା ପାଇଁ ସରକାରୀ ଓକିଲ ଅଦାଲତଙ୍କୁ ନିବେଦନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆସନ୍ତା ୧୧ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ସହ ଅନୁପାଳନ ରିପୋର୍ଟ ଦାଖଲ ପାଇଁ ସ୍ଥିର କରିଛନ୍ତି। ଏଥିରେ ବିଫଳ ହେଲେ ପ୍ରତିପକ୍ଷ ଅଦାଲତ ଆଦେଶ ଅବମାନନାକାରୀଙ୍କୁ ଗିରଫ ତଥା ଅଟକ ରଖାଯିବାର ଆଶଙ୍କା ରହିଛି ବୋଲି ହାଇକୋର୍ଟ କହିଛନ୍ତି। ଦୀପକ କୁମାର ବେହେରାଙ୍କ ତରଫରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ପୁନର୍ବାସ ନିଯୁକ୍ତି ଯୋଜନା ଅଧୀନରେ ନିୟମିତ ନିଯୁକ୍ତି ପାଇଁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କୋର୍ଟ ଏହି ମାମଲାରେ ଆବେଦନକାରୀଙ୍କୁ ନିୟମିତ ନିଯୁକ୍ତି ସହ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୀର୍ଘ ଦିନ ପରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଦୀପକ ବେହେରା ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଏହି ମାମଲାରେ ପ୍ରତିପକ୍ଷ ସଚିବଙ୍କୁ ଗତ ଫେବ୍ରୁଆରି ୪ରେ ପୁଲିସ ନୋଟିସ୍ ଜାରି କରିଥିଲେ ହାଇକୋର୍ଟ। ଫେବ୍ରୁଆରି ୨୦ରେ ଅଦାଲତ ଶେଷ ସୁଯୋଗ ପ୍ରଦାନ କରିଥିଲେ। ମାର୍ଚ୍ଚ ୧୩ରେ ନିର୍ଦ୍ଦେଶ ଅନୁପାଳନ ନ ହେବାରୁ ପ୍ରତିପକ୍ଷ ଅଧିକାରୀଙ୍କୁ ଅଦାଲତ ଗିରଫ ଚେତାବନୀ ଦେଇଥିଲେ। ତେବେ ଗତ ଏପ୍ରିଲ ୧୦ରେ ବି ନିର୍ଦ୍ଦେଶ ଅନୁପାଳନ ହୋଇନଥିଲା ବେଳେ ସରକାର ୩ସପ୍ତାହ ସମୟ ଲୋଡ଼ିଥିଲେ। ଏଥିରେ ପ୍ରତିଦିନର ବିଳମ୍ବ ପାଇଁ ସମ୍ପୃକ୍ତ ସଚିବ ନିଜ ପକେଟ୍ରୁ ୫ହଜାର ଟଙ୍କା ଜରିମାନା ଆକାରରେ ଆବେଦନକାରୀଙ୍କୁ ଦେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ତଥାପି ନିର୍ଦ୍ଦେଶ ଅନୁପାଳନ ନ ହେବାରୁ ଅଭିଯୋଗକାରୀ ପୁନର୍ବାର ପୂର୍ବ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ସରକାରୀ ଓକିଲଙ୍କ ଅନୁରୋଧକ୍ରମେ ସଚିବଙ୍କୁ ଶେଷ ସୁଯୋଗ ପ୍ରଦାନ କରିଛନ୍ତି।

ଭଉଁରୀ ଯାତ

# ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିଲେ ମହାପ୍ରଭୁ

ପୁରୀ, ୯।୫(ସମିସ): ଶନିବାର ଥିଲା ଭଉଁରୀ ଯାତ। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସ। ଏହି ପବିତ୍ର ତିଥିରେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁ ୨୧ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଛନ୍ତି। ରାତ୍ର ଚାପରେ ଏହା ସମ୍ପନ୍ନ ହୋଇଛି। ରବିବାର ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ। ଏହିଦିନ ହଳଦୀପାଣି ନୀତି ସମ୍ପନ୍ନ ହେବ।

ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଜଳକ୍ରୀଡ଼ା କରିଥା'ନ୍ତି। ଏଥିଲାଗି ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାର ଶନିବାର ଥିଲା ୨୦ତମ ଦିବସ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣିବିମାନରେ ବିଜେ କରାଯାଇଥିଲା। ଏହାପରେ ମାଳଫୁଲ ଲାଗି ବିଜେ କାହାଳି ବାଜିଥିଲା। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳି ସହ ମହାପ୍ରଭୁଙ୍କୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ। ମହାପ୍ରଭୁଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ,

## ଆଜି ହଳଦୀପାଣି ନୀତି

ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀମାର୍କଣ୍ଡେଶ୍ୱର) ମଧ୍ୟ ସାମିଲ୍ ହୋଇଥିଲେ। ଆଗରେ ଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ହଲିଦୋହଲି ମଣି ବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚମହାଦେବ।

ଚନ୍ଦନ ଚକଡ଼ାରେ ଠାକୁର ପହଞ୍ଚିବା ପରେ ଭିତରଛୁ ମହାପାତ୍ର ମହାପ୍ରଭୁଙ୍କୁ ଜଳ ଲାଗି କରିଥିଲେ। ଏହାପରେ ଦିନ ଚାପ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ନନ୍ଦା ଓ ଭଦ୍ରା ଚାପରେ ଗୋଟିଏ ଘେରା ପରିକ୍ରମା କରିଥିଲେ। ଦିନ ଚାପ ସରିବା ପରେ ମହାପ୍ରଭୁ ଚନ୍ଦନ କୁଣ୍ଡକୁ ବିଜେ ହୋଇଥିଲେ। ଚନ୍ଦନ କୁଣ୍ଡରୁ ଉଠିବା ପରେ ଚନ୍ଦନ ମଣ୍ଡପ ଗୃହକୁ ବିଜେ କରିଥିଲେ। ସେଠାରେ ସାଦା ବେଶ ହୋଇ ଶୀତଳ ଭୋଗ ବଢ଼ିଥିଲା। ଏହାପରେ ମହାପ୍ରଭୁ ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଗଜ ଉଦ୍ଧାରଣ ବେଶ ହୋଇଥିଲା। ମହାପ୍ରଭୁ ପୁନର୍ବାର ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ କରିଥିଲେ। ସେଠି ମାଣ୍ଡୁଅ ଭୋଗ କରାଯାଇଥିଲା। ଏହାପରେ ଠାକୁର ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଭିତରଛୁ ମହାପାତ୍ର ବନ୍ଦାପନା କରିବା ସହିତ ବିଡ଼ିଆ ମଣୋହି କରିଥିଲେ। ମହାଜନ ସେବକମାନେ ରାତ୍ର ଚାପ ଲାଗି ମହାପ୍ରଭୁଙ୍କୁ ନନ୍ଦା ଓ ଭଦ୍ରା ଚାପକୁ ବିଜେ କରାଇଥିଲେ। ନନ୍ଦାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରାରେ ରାମକୃଷ୍ଣ ଓ ପଞ୍ଚମହାଦେବ ବିଜେ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିଥିଲେ। ଚାପ ଖେଳ ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ।



ମହାନଦୀ ଜଳ ବିବାଦ: ଟ୍ରିବ୍ୟୁନାଲରେ ଦାଖଲ ତଥ୍ୟକୁ ନେଇ ଜଳବିଶେଷଜ୍ଞଙ୍କ ଅସନ୍ତୋଷ

# ରିପୋର୍ଟ ବିଭ୍ରାନ୍ତିକର: ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯାଇଛି

ଭୁବନେଶ୍ୱର, ୯।୫(ସମିସ): ଗତ ୨ ତାରିଖରେ ମହାନଦୀ ଜଳ ବିବାଦ ମାମାଲାରେ ଗଠିତ ଟ୍ରିବ୍ୟୁନାଲରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମହାନଦୀରେ ସଂଗୃହୀତ ଜଳରାଶିକୁ ନେଇ ତଥ୍ୟ ରଖିଥିଲେ। ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ଯୁଗ୍ମ ସ୍ୱାକ୍ଷରିତ ରିପୋର୍ଟ ଦାଖଲ କରାଯାଇଥିବା ବେଳେ ଏହାକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ଓଡ଼ିଶା ଆଡ୍ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ଓଡ଼ିଶା ପକ୍ଷରୁ ମହାନଦୀ ଜଳରାଶିକୁ ନେଇ ଦାଖଲ ହୋଇଥିବା ତଥ୍ୟକୁ ନେଇ କ୍ଷୋଭ ପ୍ରକାଶ କଲେଣି ଜଳ ବିଶେଷଜ୍ଞ। ଏହି ତଥ୍ୟ ବିଭ୍ରାନ୍ତିକର ଏବଂ ଏପରି ତଥ୍ୟ ଦାଖଲ କରାଯାଇ ଓଡ଼ିଶା ଓ ମହାନଦୀର ସ୍ୱାର୍ଥ ସହିତ ସାଲିସ କରାଯାଇଛି ବୋଲି ଅଗ୍ରଣୀ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଅଭିଯୋଗ କରିସାରିଛନ୍ତି। ଏପରିକି ମହାନଦୀରେ ଉପଲବ୍ଧ ଜଳରାଶିର ତଥ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ସଂଗଠନ ପକ୍ଷରୁ ଚିଠି ଲେଖାଯାଇଛି। ଯଦି ମେ ୨୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଂଗଠନ ସହ ଆଲୋଚନା ନକରନ୍ତି, ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ସଂଗଠନ ପକ୍ଷରୁ ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି ଯେ ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ଏହି ତଥ୍ୟ ସତ୍ୟ ଉପରେ ଆଧାରିତ ନୁହଁ। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଅନେକ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରିଥିବାରୁ ଓଡ଼ିଶାରେ ବିଶେଷକରି ହୀରାକୁଦରେ ଜଳ ସଙ୍କଟ ଦେଖାଦେଉଛି ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଥିବା ବେଳେ

- ପୂର୍ବ ସରକାର ଦେଇଥିବା ତଥ୍ୟ ସହ ମେଳ ଖାଉନି ଏବର ସରକାରୀ ରିପୋର୍ଟ
- ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଦାବି
- ୨୦ ସୁଦ୍ଧା ଆଲୋଚନା ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ସତ୍ୟାଗ୍ରହ
- ମହାନଦୀ ବିବାଦରେ ସମାଧାନର ରାସ୍ତାରେ ଯାଉଛନ୍ତି ରାଜ୍ୟ ସରକାର: ଏଜି

ଟ୍ରିବ୍ୟୁନାଲ ନିକଟରେ ଯେଉଁ ତଥ୍ୟ ଦିଆଯାଇଛି ସେଥିରୁ ପ୍ରତୀୟମାନ ହେଉଛି ଯେ ମହାନଦୀରେ ଜଳାଭାବ ନାହିଁ। ତେଣୁ ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ରାଜ୍ୟ ଓ ମହାନଦୀ ପ୍ରତି ହେବାକୁ ଥିବା ଅବିଚାରକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ଦୃଢ଼ ବିରୋଧ କରିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଟ୍ରିବ୍ୟୁନାଲରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ସମଗ୍ର ମହାନଦୀର ବେସିନରେ ୬୨.୩୬ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବାବେଳେ ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତରେ ୨୮.୪୮ ଏକର ଫୁଟ, ହୀରାକୁଦ ନିକଟରେ ୩୨. ୮୩ ଓ ନରାଜ ନିକଟରେ ୫୬. ୨୯ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ। ତେବେ ୨୦୧୮-୧୯ ମସିହାରେ ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲରେ ଓଡ଼ିଶା ଯେଉଁ ତଥ୍ୟ ଉପସ୍ଥାପନ କରିଥିଲା, ତାହା ଏବର ତଥ୍ୟ ସହ ମେଳ ଖାଉନାହିଁ।

ସେତେବେଳେ ଛତିଶଗଡ଼ ୨୭.୪୮ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ଦାବି କରିଥିବା ବେଳେ ଓଡ଼ିଶା ଏହି ଦାବିକୁ ଖଣ୍ଡନ କରିଥିଲା। ଓଡ଼ିଶା କହିଥିଲା ଯେ ଛତିଶଗଡ଼ରେ ମହାନଦୀ ଅବବାହିକାରେ ୨୭.୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ନାହିଁ। ଛତିଶଗଡ଼ ରେ ପ୍ରକୃତରେ ୨୪.୨୭ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଏବଂ ସେଥିରୁ ୧୦.୮୩ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ହକ୍‌ଦାର। ଏହାସହ ଅଣମୌସୁମୀ ସମୟରେ ଓଡ଼ିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣି ଛାଡିବାକୁ ଓଡ଼ିଶା ଦାବି କରିଥିଲା। ଏପରିକି ଅଣମୌସୁମୀ ଋତୁରେ ଛତିଶଗଡ଼ ମହାନଦୀର ସମସ୍ତ ପାଣି ଅଟକାଇ ଦେଇଥିବାରୁ ଓଡ଼ିଶା ଜଳସଙ୍କଟର ସମ୍ମୁଖୀନ ହେଉଛି ବୋଲି ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ କ୍ଷୋଭ ପ୍ରକାଶ କରିଥିଲେ। ତେଣୁ ଏସବୁ ତଥ୍ୟ ବିଚାରକୁ ନେଲେ ବର୍ତ୍ତମାନ ସରକାର ଟ୍ରିବ୍ୟୁନାଲରେ ଦାଖଲ କରିଥିବା ତଥ୍ୟ ନିକଟ ଅତୀତରର ତଥ୍ୟ ସହ ମେଳ ଖାଉନାହିଁ; ଯାହାକୁ ନେଇ ଜଳ ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ମହାନଦୀ ଜଳ ବିବାଦ ଆଉ ଜଟିଳ ନାହିଁ, ଆମେ ସମାଧାନର ରାସ୍ତା ଦେଇ ଯାଉଛୁ। ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷା ଦେଇ ବିବାଦର ସମାଧାନ ପାଇଁ ଉଦ୍ୟମ ହେଉଛି। ଜଳ ବଣ୍ଟନ ପୂର୍ବରୁ ମହାନଦୀରେ ଜଳ ରାଶି କେତେ ତାକୁ ନେଇ ରିପୋର୍ଟ ଦାଖଲ ହୋଇଛି। ଉଭୟରାଜ୍ୟର ଯନ୍ତ୍ରୀ ୧୫ ଥର ବୈଠକ କରି ଏକ ଜଟିଳ ବ୍ୟାପାରର ତଥ୍ୟ ଭିତ୍ତିକ ରିପୋର୍ଟ ରଖିଛନ୍ତି। ଟ୍ରିବ୍ୟୁନାଲ ଦ୍ୱାରା କୌଣସି ଜଳ ବିବାଦ ସାରା ଦେଶରେ ସମାଧାନ ହୋଇନାହିଁ। ଆପୋଷ ବୁଝାମଣା ହିଁ ଏକମାତ୍ର ମାଧ୍ୟମ। ଏହାର ସମାଧାନ ପାଇଁ ଏ ଦିଗରେ ଆମେ ଆଗକୁ ବଢୁଛୁ ବୋଲି ସେ କହିଛନ୍ତି।

# ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ଦାବି

ଭୁବନେଶ୍ୱର, ୯।୫(ସମିସ): ଅନୁଦାନ ପାଇବାକୁ ଯୋଗ୍ୟବିବେଚିତ ବିଦ୍ୟାଳୟର ଶିକ୍ଷକଙ୍କୁ ଦରମା ମିଳୁନି। ସାରା ଜୀବନ ବିନା ପାରିଶ୍ରମିକରେ ଖଟୁଥିବା ଶିକ୍ଷକଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଗଠନ (ଓଷ୍ଟା) ସରକାରଙ୍କ ନିକଟରେ ଦାବି କରିଛି।

ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ କହିଛନ୍ତି ଯେ ଅନୁଦାନ ପାଇବାକୁ ଯୋଗ୍ୟ ବିଦ୍ୟାଳୟଗୁଡ଼ିକ ଏଯାଏଁ ସରକାରୀ ଅନୁଦାନ ପାଇପାରି ନାହାନ୍ତି। ମାତ୍ର ଶିକ୍ଷକମାନେ ଅନବରତ ପ୍ରୟାସ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ଶିଖରରେ ପହଞ୍ଚାଉଛନ୍ତି। ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ପମ୍ପାଲରୁ ୫ ଜଣ ଛାତ୍ରଛାତ୍ରୀ ଏ-୧ ଏବଂ ୬ ଜଣ ଏ-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବହୁ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏପରି ପ୍ରଦର୍ଶନ ସତ୍ତ୍ୱେ ଶିକ୍ଷକଙ୍କୁ ଦରମା ନ ମିଳିବା ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରୁଛି। ଏହାସହ ଛାତ୍ରଛାତ୍ରୀମାନେ ମଧ୍ୟ ଛାତ୍ରବୃତ୍ତି, ମଧ୍ୟାହ୍ନ ଭୋଜନ, ପାଠ୍ୟଉପକରଣ, ପୋଷାକ ଓ ସାଇକେଲ ପାଇବା ପରି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି, ଯାହା ଦୁର୍ଭାଗ୍ୟଜନକ। ଏଣୁ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦାବି କରିଛନ୍ତି।

### ଶିଳ୍ପରେ ପଛୁଆ ମୟୂରଭଞ୍ଜ ଜିଲ୍ଲା

# ପର୍ଯ୍ୟାପ୍ତ ସ୍ଥାନ ଥାଇ ବି ପ୍ରତିଷ୍ଠା ହେଉନି କଳକାରଖାନା

**ବାରିପଦା, ୯ ।୫(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ କ୍ଷେତ୍ରରେ ବହୁ ପଛୁଆ ରହିଛି। ଶିଳ୍ପାୟନକୁ ପ୍ରତି ଜିଲ୍ଲାରେ ଅଗ୍ରାଧିକାର ଦିଆଯିବା ନେଇ ବିଜେପି ସରକାର ଘୋଷଣା ବାଜି କରୁଥିବାବେଳେ ପ୍ରକୃତ ଚିତ୍ର ଅଲଗା ରହୁଛି। ସଂସଦରେ ଖୋଦ ଏମ୍‌ଏସ୍‌ଏମ୍‌ଇ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ବିଗତ ଦିନରେ ତଥ୍ୟ ପ୍ରଦାନ ପରେ ସତ୍ୟତା ଜାଣି ମଧ୍ୟ ଡବଲ ଇଞ୍ଜିନ ସରକାର ମୌନ ରହିଛି। ଶିଳ୍ପାୟନ ଦ୍ୱାରା ଅଞ୍ଚଳର ବିକାଶ ସହ ସ୍ଥାନୀୟ ଯୁବକ ରୋଜଗାରକ୍ଷମ ହୋଇପାରିବେ। ତେଣୁ କଳକାରଖାନା ଓ ରୋଜଗାର ବୃଦ୍ଧି ପାଇଁ ରାଜ୍ୟର ପ୍ରତିଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। କିନ୍ତୁ ଏବେବି ରାଜ୍ୟର ୧୧ଟି ଜିଲ୍ଲା ଶିଳ୍ପାୟନରେ ପଛୁଆ ରହିଛି। ଏଥିରେ ମୟୂରଭଞ୍ଜ ଜିଲ୍ଲା ମଧ୍ୟ ରହିଛି।

ବିଜେଡି ସାଂସଦ ଡ. ସସ୍ମିତ ପାତ୍ରଙ୍କ

▶▶ **ଜିଲ୍ଲାରେ ଉତ୍କଟ ହେଉଛି ବେରୋଜଗାରୀ ସମସ୍ୟା**

▶▶ **ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ଯୁବକ**

ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସ୍ଥାନ ଥିବାବେଳେ ଶିଳ୍ପାୟନର ବିକାଶ ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିଷ୍ଠାକୁ ଅଗ୍ରଗତି କରାଯାଇନାହିଁ। ପୂର୍ବରୁ କିଛି କଳକାରଖାନା ଥିବାବେଳେ ଏବେ ତାହା ତାଲା ପଡ଼ିରହିଛି। ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଲାନାହିଁ। ବାରିପଦାର ପାଲବଣିସ୍ଥ ପୁରାତନ ନିକୋ ଫ୍ୟାକ୍ଟ୍ରିକୁ ପୁନଃକାର୍ଯ୍ୟକ୍ଷମ କରିବା ନେଇ ସୂଚନା ଥିବାବେଳେ ତାହା ଏଯାବତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଜିଲ୍ଲାରେ ବେରୋଜଗାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସ୍ଥାନୀୟ ଯୁବକମାନେ ନିଯୁକ୍ତି ସୁଯୋଗ ନ ପାଇ ବେରୋଜଗାର ହେଉଛନ୍ତି। ବିଭିନ୍ନ ସମୟରେ ଟଙ୍କା ପାଇଁ ଅପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ଏଥିସହିତ କିଛି ଯୁବକ ଦାଦନ ଖଟିବାକୁ ବାଧ ହୋଇ ରାଜ୍ୟ ବାହାରକୁ ଯାଉଛନ୍ତି। ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଜମି ଉପଲବ୍ଧ ଥିବାବେଳେ ଆଦିବାସୀ ଜିଲ୍ଲାର ବିକାଶ ପାଇଁ ରାଜ୍ୟର ବିଜେପି ସରକାର ତିଳେ ହେଲେ ମନନିବେଶ କରୁନାହାଁନ୍ତି। ସାଂସଦଙ୍କଠାରୁ ଆରମ୍ଭ କରି ସମସ୍ତ ବିଧାୟକ ବିଜେପି ଦଳର ହୋଇଥିଲେ ହେଁ ମୟୂରଭଞ୍ଜ ଶିଳ୍ପାୟନରେ ପଛୁଆ ଜିଲ୍ଲା ଭାବେ ଗଣତି ହେଉଥିବା ନେଇ ଖୋଦ କେନ୍ଦ୍ରମନ୍ତ୍ରୀ ତଥ୍ୟ ଉପସ୍ଥାପନ କରିବା ପରେ ମଧ୍ୟ ଏ ନେଇ ସ୍ଥାନୀୟ ସାଂସଦ, ବିଧାୟକ ଓ ଅନ୍ୟାନ୍ୟ ଜନପ୍ରତିନିଧି ଚୁପ୍ ହୋଇ ରହିଛନ୍ତି। ଯଦି ମୟୂରଭଞ୍ଜ ଜିଲ୍ଲାରେ ଆଗକୁ ବୃହତ ଶିଳ୍ପାୟନ ନେଇ କୌଣସି ବ୍ୟବସ୍ଥା ନ ହେବ, ତେବେ ବେରୋଜଗାର ସମସ୍ୟା ଆହୁରି ଉତ୍କଟ ହେବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଗ୍ରୀଷ୍ମକାଳୀନ ଧନୁର୍ବିଦ୍ୟା ଶିବିର ଉଦ୍‌ଘାଟିତ

**ବାରିପଦା, ୯ ।୫(ସମିସ):** ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ କ୍ରୀଡ଼ା ପରମ୍ପରାକୁ ଆଗକୁ ନେବା ପାଇଁ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ ଓ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଧନୁର୍ବିଦ୍ୟା ଶିବିରର ଶୁଭାରମ୍ଭ ହୋଇଛି। ବାରିପଦାର ବେଲଗଡ଼ିଆ ପ୍ୟାଲେସ ପରିସରରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା



କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ ସୁଭାଶିଷ ନାୟକ, ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଶିବିରର ପ୍ରଥମ ଦିବସରେ ଅଭିଭାବକଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା। ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଧନୁର୍ବିଦ୍ୟା କଳାକୁ ପେଶାଦାର ସ୍ତରରେ ବିକଶିତ କରିବାରେ ଏହି ଶିବିର ସହାୟକ ହେବ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି। ମୟୂରଭଞ୍ଜର ମାଟିରେ ଅନେକ ପ୍ରତିଭା ଏଭଳି ଶିବିର ମାଧ୍ୟମରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି ଅତିଥିମାନେ ମତ ରଖିଥିଲେ। ଜାତୀୟ ସ୍ତରୀୟ କୋଚ ତରଣୀସେନ ନାୟକ, ଫୁଲମଣୀ ପାଲେୟା, ହୃଷିକେଶ ମହାନ୍ତ, ଫାଗୁ ଟୁଡୁ ଓ ବିଶ୍ୱଜିତ ମହାନ୍ତ ପ୍ରଶିକ୍ଷଣରେ ଏହି ଶିବିର ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିର ଆଗାମୀ ଦିନରେ ଅଭ୍ୟାସ ଜାରି ରଖିବା ସହ ପିଲାମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ବାଉଁଶ ଟ୍ରକ୍ ପଛରେ ପିଟି ହୋଇ ଦୁଇ ଗୁରୁତର

**କୁଆମରା, ୯।୫(ସମିସ):** ଉଦଳା-ବାରିପଦା ୧୯ ନଂ ରାଜ୍ୟ ରାଜପଥର ପଥରା ଛକଠାରେ ଏକ ବାଉଁଶ ବୋଝେଇ ପିକଅପ୍ ପଛରେ ପିଟି ହୋଇ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ବାଉଁଶ ବୋଝେଇ ପିକ୍‌ଅପ୍ ଉଦଳା ଅଭିମୁଖେ ଯାଉଥିବାବେଳେ ଦୁଇଜଣ ଯୁବକ ବାଇକ୍‌ରେ ଓଭରଟେକ୍ କରି ଦ୍ରୁତ ଗତିରେ ଯାଉଥିବାବେଳେ ବାଉଁଶରେ ପିଟି ହୋଇ ଛିଟିକି ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଖୁଣ୍ଟା ପୁଲିସ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରିଛି। ଖବର ଲେଖିବା ବେଳକୁ ସେମାନଙ୍କ ପରିଚୟ ଜଣାପଡ଼ିନାହିଁ। ଦୁର୍ଘଟଣା ପରେ ପିକଅପ୍‌ଟି ଫେରାର୍ ହୋଇଯାଇଛି।

### ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ ଦାବି

## ମହିଳା କଂଗ୍ରେସର ମଶାଲ ଯାତ୍ରା




**ବାରିପଦା, ୯ ।୫(ସମିସ):** ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦାବିରେ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନରେ ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାରିପଦା ଅମ୍ବିକା ମନ୍ଦିର ପାଖରୁ ବିଶାଳ ପଟୁଆରରେ ବାହାରି ଦଳର ମହିଳା ନେତ୍ରୀ ଓ କର୍ମକର୍ତ୍ତା ହାତରେ ମଶାଲ ଜଳାଇ ପ୍ରତିବାଦ ପଦଯାତ୍ରା କରିଛନ୍ତି। ବହୁ ପୂର୍ବରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ସଂସଦରେ ଗୃହୀତ ହୋଇଥିଲେ ମଧ୍ୟ ବିଜେପି ସରକାର ତାହାକୁ କାର୍ଯ୍ୟକାରୀ କରିନାହିଁ। ଅପରପକ୍ଷରେ ବିଜେପି ଶାସିତ ରାଜ୍ୟରେ ଡିଲିମେସନ ନାମରେ ନିଜ ସରକାରକୁ ସବୁଦିନ ପାଇଁ ସୁରକ୍ଷିତ ରଖିବା ପାଇଁ ମହିଳା ସଂରକ୍ଷଣ ନାମରେ ଭାରତ ବର୍ଷକୁ ବିଭ୍ରାନ୍ତ କରୁଛି। ଯାହାକୁ ମହିଳା କଂଗ୍ରେସ ଦୃଢ ନିନ୍ଦା କରିବା ସହ ପାରିତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି। ଯଦି ବିଜେପି ସରକାର ଲାଗୁ ନ କରନ୍ତି, ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ମହିଳା ନେତ୍ରୀ। ଏହି ମହିଳା ମଶାଲ ଯାତ୍ରାର ନେତୃତ୍ୱ ନେଇଥିଲେ ମହିଳା ନେତ୍ରୀ ଜିଲ୍ଲା କଂଗ୍ରେସ ଉପସଭାପତି ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା, ସବିତା ସୋରେନ, ଗୌରୀ ନାୟକ ଓ ସସ୍ମିତା ବେହେରା। ପୂର୍ବତନ ଆଇପିଏସ ଅଫିସର ଶ୍ୟାମସୁନ୍ଦର ହାଁସଦା, ଓକିଲ ସଙ୍ଘ ସଭାପତି ଜ୍ୟୋତି ପ୍ରକାଶ ରଥଙ୍କ ସହିତ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଏସି କଂଗ୍ରେସ, ଏସଟି କଂଗ୍ରେସ, କୃଷକ କଂଗ୍ରେସ ଓ ଶତାଧିକ ମହିଳା କର୍ମୀ ଯୋଗ ଦେଇଥିଲେ। ଶେଷରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ପୁରାତନ କଲେଜ ଛାତ୍ର ସଂଘର କର୍ମକର୍ତ୍ତା ନିର୍ବାଚନ

**ଗୋରୁମହିଷାଣି, ୯।୫(ସମିସ):** ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀ କଲ୍ୟାଣୀ ମଣ୍ଡପରେ ଆଇରନ କଲେଜର ଜୁନିଅର ଓ ଡିଗ୍ରୀ କଲେଜର ପୂର୍ବତନ ଛାତ୍ର ସଂଘ ବୈଠକ ଅନୁଷ୍ଠିତ ହୋଇ ଛାତ୍ର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ବିଶିଷ୍ଟ ସମାଜସେବୀ, ଆଇନଜୀବୀ ତଥା ଆଇରନ କଲେଜର ପ୍ରତିଷ୍ଠାତା ବୃଷ୍ଟିବିରଜା ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇରନ କଲେଜ ଅଧ୍ୟକ୍ଷ ବଂଶୀଧର ବାରିକ, ସମ୍ମାନିତ ଅତିଥି ଭାବେ ସମ୍ବାଦିକ ତୁଷାରକାନ୍ତ ମହନ୍ତ, ଦୟାନିଧି ମହାକୁଡ, କଲେଜ କର୍ମଚାରୀ ନିରଞ୍ଜନ ଗିରି, ମନୋଜ ବେହେରା ଯୋଗ ଦେଇଥିଲେ।



ଦେବାଶିଷ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ପ୍ରତିଷ୍ଠାତା ଶ୍ରୀ ମଣ୍ଡଳ କଲେଜର ସଂଘର୍ଷର କାହାଣୀ କହିଥିଲେ। କଲେଜ ହୋଇପାରିଥିବାରୁ ଆଜି ଉପାନ୍ତ ଅଞ୍ଚଳର ବହୁ ଗରିବ ଖଟିଖିଆ ଓ ଆଦିବାସୀ ଛାତ୍ରଛାତ୍ରୀ ସହଜରେ ଶିକ୍ଷାଦାନ ପାଇପାରିଛନ୍ତି। ତତ୍‌ସହିତ +୩ ବିଜ୍ଞାନ କେମିତି ଖୋଲିପାରିବ, ସେ ବିଷୟରେ ବିସ୍ତୃତ ଆଲୋଚନା ରଖି ଛାତ୍ର ସଂଘ ଆବଶ୍ୟକତାର ବିଷୟ କହିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ସଂଘ ସଭାପତି ଭାବେ ରମେଶ ଚନ୍ଦ୍ର ସାହୁ, ଉପସଭାପତି ତୁଷାରକାନ୍ତ ମହାନ୍ତ, ସମ୍ପାଦକ ଚନ୍ଦନ ମହାନ୍ତ, ସହସମ୍ପାଦକ ବିଦ୍ୟାପତି ଗିରି, କୋଷାଧ୍ୟକ୍ଷ ରାମକୃଷ୍ଣ ଦେ, ଯୁଗ୍ମ କୋଷାଧ୍ୟକ୍ଷ ଦେବାଶିଷ ମୁଦୁଲି, ସଦସ୍ୟ ଭାବେ ସଞ୍ଜୟ ଦାସ, ଦୟାନିଧି ମହାକୁଡ, ସୁଧର୍ମା ଗିରି, ବିକ୍ରମ ହେମ୍ବ୍ରମ, ବାପି ପାତ୍ର, ସାଲଖୁ ସୋରେନ, ଧନଞ୍ଜୟ ସିଂ, ଟୁଲୁ ବାକ୍ତି, ତପସ୍ୱିନୀ ମହାକୁଡ, କାଳୀପଦ ମୁଣ୍ଡା, ରାଧିକା ମୁଣ୍ଡା, ସୋନମଣି ସୋରେନ ମନୋନୀତ ହୋଇଛନ୍ତି।

### ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ

## ୫୩ ଲିଟର ଦେଶୀମଦ ଜବତ, ୪ ଗିରଫ

**ବେତନଟୀ, ୯।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ପ୍ରାୟ ୫୩ ଲିଟର ଦେଶୀମଦ ସହିତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ବେତନଟୀ ସଠିଲୋ ଗ୍ରାମରୁ ଉମାକାନ୍ତ ରଣାଙ୍କ ନିକଟରୁ ୧୩ ଲିଟର, ଏସଏସ ମହୁଲିଆ ଗ୍ରାମରୁ ଦୀନକୃଷ୍ଣ ସିଂ ନିକଟରୁ ୧୪ ଲିଟର, ସୁବ୍ରତ ଦାଶ ନିକଟରୁ ୧୩ ଲିଟର, ଉମାକାନ୍ତ ବେହେରାଙ୍କଠାରୁ ୧୩ ଲିଟର ଚୋରା ଦେଶୀମଦ ଜବତ କରିବା ସହିତ ଏହି ଚାରିଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ଆଗକୁ ଆଖପାଖ ଅଞ୍ଚଳରେ ଚୋରା ଦେଶୀ ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯିବ ବୋଲି ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରା କହିଛନ୍ତି।

### ବିକାଶମୂଳକ କାର୍ଯ୍ୟର ମନ୍ତ୍ରୀଙ୍କ ସମୀକ୍ଷା

## ଅବହେଳା ପାଇଁ ଦୁଇ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



**ବାରିପଦା/ରାଇରଙ୍ଗପୁର, ୯ ।୫(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ସହରୀକରଣ ଓ ବିକାଶମୂଳକ କାର୍ଯ୍ୟ ଚାଲିଛି। ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର। କାର୍ଯ୍ୟରେ ଅବହେଳା ଓ ବିଲ୍ ପ୍ରଦାନରେ ବିଳମ୍ବ ଅଭିଯୋଗରେ ଦୁଇଜଣ ଯନ୍ତ୍ରୀଙ୍କ ଉପରେ ମନ୍ତ୍ରୀ ବର୍ଷିଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ସହରାଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରାଯାଇଛି। ବିଶେଷକରି ଭିତ୍ତିଭୂମି ବିକାଶ, ପାନୀୟଜଳ ଯୋଗାଣ, ସହରାଞ୍ଚଳ ଗରିବ କଲ୍ୟାଣ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ବୈଠକରେ ରାଜ୍ୟ ଟାଉନ ପ୍ଲାନିଂ ନିର୍ଦ୍ଦେଶକ ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶତ୍ରୁଘ୍ନ କରଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଠିକାଦାରଙ୍କୁ ବିଲ୍ ପ୍ରଦାନରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ମନ୍ତ୍ରୀ। ଏହି ଅଭିଯୋଗ ଆଧାରରେ ରାଇରଙ୍ଗପୁର ମ୍ୟୁନିସିପାଲିଟିର ସହକାରୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପହିଙ୍କ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସେହିପରି କରଞ୍ଜିଆ ଏନଏସିର ଜୁନିୟର ଇଞ୍ଜିନିୟର ମିଥୁନ ହେମ୍ବ୍ରମଙ୍କୁ ମଧ୍ୟ ସମାନ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ଯେଉଁ ଅଧିକାରୀ ଜନସାଧାରଣଙ୍କ କାର୍ଯ୍ୟରେ କିମ୍ବା ବିକାଶମୂଳକ ପ୍ରକଳ୍ପରେ ବାଧା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡା ମହାପାତ୍ର ଚେତାବନୀ ଦେଇଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ସ୍ମାର୍ଟ ମିଟର ଓ ଏଚ୍‌ପିଭି ଟିକାକୁ ବିରୋଧ



**ବାରିପଦା, ୯ ।୫(ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାରିପଦା ବ୍ଲକର ବିସିପୁର ଓ ହାତିକୋଟ ପଞ୍ଚାୟତର ବୁଧୁଶୋଳ ଛକରେ ବଂଶ ରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଭାରୀ ଚିନୁ ଦାଶ ଦୁଇ ପଞ୍ଚାୟତର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥଲେ। ଇଲେକ୍ଟ୍ରି ସ୍ମାର୍ଟ ମିଟର ଗାଁରେ ବସିବ ନାହିଁ ଓ ଏଚପିଭି ଭ୍ୟାକ୍ସିନ କିଶୋରୀଙ୍କୁ ଦିଆଯିବନାହିଁ। ଭ୍ୟାକ୍ସିନ ହିଁ ରୋଗର ମୂଳ କାରଣ। କରୋନା ଟିକା ନେବା ପରେ ଯୁବକଙ୍କଠାରେ ହଠାତ ମୃତ୍ୟୁ ଦେଖିବାକୁ ମିଳୁଛି। ବ୍ରେନ୍‌ଷ୍ଟ୍ରୋକ, ହାର୍ଟଷ୍ଟ୍ରୋକ, ପାରାଲିସିସ୍ ଓ ଚର୍ମରୋଗ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଶରୀରରେ ଦେଖାଯାଉଥିବାବେଳେ ସରକାର ଆଉଏକ ଭ୍ୟାକ୍ସିନ୍ କିଶୋରୀଙ୍କୁ ଦେଉଛନ୍ତି। ଯେଉଁ ରୋଗ ଶରୀରରେ ନାହିଁ, ସେ ରୋଗ ପାଇଁ କାହିଁକି ଭ୍ୟାକ୍ସିନ୍ ଦିଆଯିବ। ଯଦି ଭ୍ୟାକ୍ସିନ୍ ନେବା ଫଳରେ କିଶୋରୀଙ୍କଠାରେ ପ୍ରଜନନ କ୍ଷମତା ହ୍ରାସ, କୌଣସି ଶାରୀରିକ ସମସ୍ୟା ଦେଖାଯାଏ, ତେବେ ସ୍ୱାସ୍ଥ୍ୟ ବିଭାଗ ନା ସରକାର କିଏ ଦାୟୀ ହେବେ ସଂଗଠନ ପ୍ରଶ୍ନ ଉଠାଇଛି ସଂଗଠନ। ସେହିପରି ଆଗୁଆ ଟଙ୍କା ନେବା ଉଦ୍ଦେଶ୍ୟରେ କମ୍ପାନୀ ଇଲେକ୍ଟ୍ରି ସ୍ମାର୍ଟ ମିଟର ଲଗାଇ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାରକୁ ହନନ କରୁଛି। ସରକାର ଅନେକ ରାଜ୍ୟରେ ଚାଷୀଙ୍କୁ ବିଜୁଳି ମାଗଣାରେ ଦେଉଥିବା ସମୟରେ ଓଡ଼ିଶାରେ କାହିଁକି ବିଜୁଳି ରିହାତିରେ ଦିଆଯିବନାହିଁ ବୋଲି ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଆଲୋଚନା କରିଥଲେ। ଉକ୍ତ ସଭାରେ ଆକୁଳ ନାଏକ, ଅଶୋକ ଘୋଷ, ପଦ୍ମଲୋଚନ ମହାନ୍ତ, ଝାଡ଼େଶ୍ୱର ନାଏକ, ସୁରେନ୍ଦ୍ର ନାଏକ ଭଳି ବହୁ ନେତା ଉପସ୍ଥିତ ଥିଲେ।

## ନର୍ସିଂ ଦିବସରେ ରକ୍ତଦାନ ଶିବିର; ୩୪ ୟୁନିଟ୍ ସଂଗୃହୀତ

**ବାରିପଦା, ୯ ।୫(ସମିସ):** ସ୍ଥାନୀୟ ଡିପାସାହିସ୍ଥ ମହାରଣା ପ୍ରେମ କୁମାରୀ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ଆନୁକୂଲ୍ୟରେ ଆନ୍ତର୍ଜାତିକ ନର୍ସିଂ ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅବୋଧ କୁମାର ଧରମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଶଶୀକାନ୍ତ ସେଠୀ ଓ ଓଡ଼ିଶା ରକ୍ତ କେନ୍ଦ୍ର ବାରିପଦାର ମେଡିକାଲ ଅଫିସର ଡା. ନୀଲେଶ ଦାସ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷା ଅନନ୍ୟା ହାତୀଙ୍କ ସମେତ ସସ୍ମିତା ବେରା, ମଧୁସ୍ମିତା ପଣ୍ଡା, ବିଷ୍ଣୁପ୍ରିୟା କର, ପଦ୍ମାଳୟା ସାହୁ,



ଶର୍ମିଷ୍ଠା ପାତ୍ର, ଲିପ୍‌ସା ପ୍ରିୟଦର୍ଶିନୀ ଟୁଡୁ, ମନାଲି ଦତ୍ତ, ଭାଗ୍ୟଶ୍ରୀ ନାୟକ, ପରମା ରାୟ, ପୁଷ୍ପିତା ପୁଷ୍ପାଞ୍ଜଳି ମହାନ୍ତ, ସ୍ୱର୍ଣ୍ଣପ୍ରଭା ମହାକୁଡ଼, ତିଳୋତ୍ତମା ମୁର୍ମୁ, ପାର୍ବତୀ ମୁର୍ମୁ, ଅମ୍ରିତା ମିଶ୍ର, ଶୁଭ୍ରା ସାମନ୍ତ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୩୪ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ଅମର କୁମାର ସେଠୀ ଓ ସୋମନାଥ ସିଂହ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଗାୟତ୍ରୀ ସାହୁ, ଶୁଚିସ୍ମିତା ଆଚାର୍ଯ୍ୟ, ସତ୍ୟରଞ୍ଜନ ପାସା, ସଂଗ୍ରାମ ବେହେରା, ସତ୍ୟଜିତ ନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଚକ୍ର ସିଂ ଜାରିକାଙ୍କ ଚିକିତ୍ସା ଆରମ୍ଭ

**ଶରତ, ୯।୫(ସମିସ)**

ସକାଳ ପ୍ରଭାବ

କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଧନାସାହି ବାସିନ୍ଦା ଚକ୍ର ସିଂ ଜାରିକା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ନିରକ୍ଷରତା କାରଣରୁ ତାଙ୍କ ପରିବାର ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା ନ କରାଇ ତାଙ୍କର ସୁସ୍ଥତା କାମନା କରି କୁକୁଡ଼ା, ଛେଳିକ ମେଣ୍ଢା ପୂଜା ବଳି ଦେଉଥିବା ଖବର ୪ ତାରିଖ ଦିନ 'ସକାଳ' ଖବର କାଗଜରେ ପ୍ରକାଶ ପାଇଥିଲା। ତାଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଟିବି ହସ୍ପିଟାଲରେ ଚିକିତ୍ସା କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ ଖବରକାଗଜ ମାଧ୍ୟମରେ ନିବେଦନ କରିଥିଲେ। ଆଜି ଜିଲ୍ଲା ହସ୍ପିଟାଲ ଟିମ ଧନାସାହି ଗ୍ରାମକୁ ଆସି ଚକ୍ରଙ୍କୁ ଚିକିତ୍ସା କରାଯିବା ନିମନ୍ତେ ହସ୍ପିଟାଲ ନେଇଛନ୍ତି। ଚକ୍ର ସିଂ ବର୍ତ୍ତମାନ ଉଦଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ହେବା ପରେ ଆସନ୍ତାକାଲି ବାରିପଦାକୁ ସ୍ଥାନାନ୍ତର କରାଯିବ ବୋଲି ଜଣାଯାଇଛି।



## ଦୁର୍ଘଟଣାଗ୍ରସ୍ତ ପରିବାରକୁ ୧୧ ଲକ୍ଷ ଟଙ୍କା କ୍ଷତିପୂରଣ

**ବାରିପଦା, ୯ ।୫(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ଜୟବିଲ୍ଲା ଗ୍ରାମର ସାଧୁ ସିଂଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ୨୦୨୫ ଅଗଷ୍ଟ ୫ ତାରିଖରେ ଏକ ମାରୁତି ଭ୍ୟାନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବାରିପଦା ଜିଲ୍ଲା ଜଜ ସୁଦୀପ୍ତ ଆଚାର୍ଯ୍ୟ ବିଚାର କରି ରାଷ୍ଟ୍ରୀୟ ଲୋକ ଅଦାଲତରେ ଓରିଏଣ୍ଟାଲ ଇନ୍‌ସୁରାନ୍ସ କମ୍ପାନୀକୁ ୧୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ମୃତକଙ୍କ ପକ୍ଷରୁ ଆଇନଜୀବୀ ପ୍ରସନଜିତ କମିଲା ଓ ଇନ୍‌ସୁରାନ୍ସ କମ୍ପାନୀର ଓଡ଼ିଶା ପରିଚାଳନା ମୁଖ୍ୟ ତାପସ କୁମାର ବେହେରା ଓ ସ୍ଥାନୀୟ ଆଇନଜୀବୀ ବିଦ୍ୟୁତ କୁମାର ମହାନ୍ତି ପରିଚାଳନା କରୁଥିଲେ।

## ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୧୩ ଆହତ

**ବେତନଟୀ, ୯।୫(ସମିସ):** ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୧୮ ନଂ ଜାତୀୟ ରାଜପଥର ବେତନଟୀ ଥାନା ଅନ୍ତର୍ଗତ ହଣ୍ଡାଶୋଳ ନିକଟରେ ବିଳମ୍ବିତ ରାତିରେ ଏକ ବରଯାତ୍ରୀ ନେଇ ଯାଉଥିବା



ବୋଲେରୋ ଗାଡ଼ି ଏକ କଣ୍ଟେନର ସହ ଧକ୍କା ହୋଇଥିଲା। ବୋଲେରୋଟି ଡାଇଭର୍ସନ ଜାଣି ନ ପାରି କଣ୍ଟେନର ସହ ଧକ୍କା ହେବାରୁ ବୋଲେରୋଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ବୋଲେରୋରେ ଦୁଇ ମହିଳାଙ୍କ ସମେତ ୧୩ ଜଣ ଯାତ୍ରୀ ଥିଲେ। ସମସ୍ତେ ତାରାକୋଟି, ଖଡିଶୋଳ ଆଦି ଅଞ୍ଚଳର ଲୋକ। ବୋଲେରୋ ଚିତ୍ରଡାକୁ ବରଯାତ୍ରୀ ଯାଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ବୋଲେରୋ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିବାବେଳେ ସ୍ଥାନୀୟ ଲୋକେ ବୋଲେରୋ ତଳୁ ଲୋକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଓ ବାରିପଦା ମେଡିକାଲ କଲେଜକୁ ପଠାଇଥିଲେ। ବେତନଟୀ ପୁଲିସ ପହଞ୍ଚି ବୋଲେରୋ ଓ କଣ୍ଟେନରକୁ ଜବତ କରି ତଦନ୍ତ ଚଳାଇଛି।

## ଆର୍‌ଡିଏସ୍ ମହାବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ବିଦାୟ ଉତ୍ସବ



**ଉଦଳା, ୯।୫(ସମିସ):** କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସ୍ନାତୋକୋତ୍ତର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶେଷ ବର୍ଷ ସ୍ନାତୋକୋତ୍ତର ବିଭାଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦାୟକାଳୀନ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଯୋଗଦେଇ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଦିଗଦର୍ଶନ ଦେବା ସହ ସେମାନେ କିପରି ନିଜ ନିଜର ଦକ୍ଷତା ଅନୁସାରେ କର୍ମସଂସ୍ଥାନ ପାଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଅକ୍ଷୟ କୁମାର ଗିରି, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଗୋପିନାଥ ଦାସ, ଇତିହାସ ବିଭାଗ ଅଧ୍ୟାପିକା ଡ. ଅନୁରାଧା ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାକୁ ପ୍ରଥମ ବର୍ଷ ସ୍ନାତକୋତ୍ତର ବିଭାଗ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



## ପ୍ରାଣୀବିଜ୍ଞାନ ଟପ୍ପର କାଜଲ ଜେନାଙ୍କୁ ସମ୍ବର୍ଦ୍ଧନା

ଖଇରା, ୯।୫ (ସମିସ): ଖଇରା ବ୍ଲକ ଅଧୀନ କୁପାରୀ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଛାତ୍ରୀ କାଜଲ ଜେନା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନ ବିଷୟରେ ୯୦.୯ ପ୍ରତିଶତ ରଖି ଟପ୍ପର ହୋଇଥିବା ବେଳେ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଡ ସରୋଜ କୁମାର ଲେଙ୍କାଙ୍କ ତତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଫୁଲମଣି ଦେଇ ଉପସ୍ଥିତ ରହି ଛାତ୍ରୀ କାଜଲଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କର ପରିଶ୍ରମ, ଉଚ୍ଚ ଆକାଂକ୍ଷା ଓ ଅଧ୍ୟବସାୟ ଭଳି ଗୁଣ ପାଇଁ ସେ ଅନ୍ୟ ଛାତ୍ରୀଛାତ୍ରଙ୍କର ଉଦାହରଣ ହୋଇ ରହିବେ ବୋଲି ପ୍ରକାଶ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟପ୍ପର କାଜଲ କୁପାରୀ ଗ୍ରାମର ବିଜୟ ଜେନା ଓ ପୁଷ୍ପାଞ୍ଜଳି ଜେନାଙ୍କ କନ୍ୟା ଅଟନ୍ତି।

## ନୂତନ ଉଦ୍ୟୋଗ ଓ ନୂତନତ୍ୱ ସୃଜନଶୀଳତା କାର୍ଯ୍ୟକ୍ରମ

ବାଲେଶ୍ୱର, ୯।୫ (ସମିସ): ବଲାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ନୂତନ ଉଦ୍ୟୋଗ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୂତନ ଉଦ୍ୟୋଗ ଓ ସୃଜନଶୀଳତା ଉପରେ ଅଭିମତ ପ୍ରଦାନ ସହ ସ୍ୱହସ୍ତ ନିର୍ମିତ ଓଡ଼ିଆ ଖାଦ୍ୟ ବ୍ୟଞ୍ଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନମିତା ଦତ୍ତ, ଶ୍ରୀନିତା ଘୋଷ, ମୋନାଲିନା ଦାସ, ବିଶ୍ୱଜିତ ପ୍ରଧାନ, ନିର୍ମଳ ରାଉତ, ସାରଙ୍ଗଧର ତ୍ରିପାଠୀ, ପ୍ରହ୍ଲାଦ କୁଅଁର, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ ପ୍ରମୁଖ ଦାୟିତ୍ୱ ପୂର୍ବକ କାର୍ଯ୍ୟନିର୍ବାହ କରିଥିଲେ।

## ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ଦେହାନ୍ତରେ ଶୋକ

ବାଲେଶ୍ୱର, ୯।୫(ସମିସ): ଶନିବାର ଭୋର ସମୟରେ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ଫଳରେ ସିଆଇଟିୟୁ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସେ ଜଣେ ଦରଦୀ ମଣିଷ ଥିବା ବେଳେ ସୁଲେଖକ, ସ୍ତମ୍ଭକାର, ମାର୍କ୍ସବାଦୀ ଚିନ୍ତାଧାରାର ବ୍ୟକ୍ତି ଥିଲେ। ସେ ସିଟୁର ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରହିବା ସହ ସିଟୁର ସର୍ବଭାରତୀୟ ଉପବ ସଭାପତି ମଧ୍ୟ ଥିଲେ। ଏପରିକି ସେ ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଭ୍ୟ ମଧ୍ୟ ରହିଥିଲେ। ତାଙ୍କ ସମୟରେ ବହୁ ଶ୍ରମିକ ଆନ୍ଦୋଳନକୁ ସଫଳତା ମଧ୍ୟ ମିଳିଛି। ତାଙ୍କ ଅବର୍ତମାନରେ ଆଗାମୀ ଦିନରେ ଶ୍ରମିକ ଆନ୍ଦୋଳନର ଭଟ୍ଟା ପଡ଼ିବ ବୋଲି ଆଶାଙ୍କା କରାଯାଉଛି। ସେ ରାଉରକେଲା ଷ୍ଟିଲ ପ୍ଲାଂଟ ଠାରୁ ଆରମ୍ଭ କରି ବହୁ ୟୁନିୟନରେ ସଭାପତି ରହି ଶ୍ରମିକମାନଙ୍କୁ ସବୁ କ୍ଷେତ୍ରରେ ସୁରକ୍ଷା ଦେଉଥିଲେ। ଏଣୁ ତାଙ୍କ ପରଲୋକ ଏକ ଅପୂରଣୀୟ କ୍ଷତି ହେଲା ବୋଲି କୁହାଯିବା ସହ ସିଟୁ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ଧର୍ମପରାୟଣଙ୍କ ଦେହାନ୍ତ

ଲଙ୍ଗଳେଶ୍ୱର, ୯।୫ (ସମିସ): ବାଲିଆପାଳ ବ୍ଲକ କୁଣ୍ଡଳୀ ପଞ୍ଚାୟତ ରେ ଇନ୍ଦିପଡ଼ା ଗ୍ରାମ ର ଧର୍ମ ପରାୟଣ ଲକ୍ଷ୍ମଣ ସୁର ୮୫ ବର୍ଷ ବୟସରେ ନିଜ ବାସ ଭବନରେ ଦେହାନ୍ତ ହଉଛି। ଲକ୍ଷ୍ମଣ ସୁର ଜଣେ ଦେଶ ସେବା ଏବଂ ଲୋକମାନଙ୍କ ସାହାଯ୍ୟ କରିବା ତାଙ୍କର ନିଶା ଥିଲା ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ବଡ଼ ପୁଅ ଶିବଶଙ୍କର ସୁର ମୁଖାଗ୍ନି ଦେଇଥିଲେ।

## ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର(ଉତ୍ତର), ୯।୫(ସମିସ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭୋଗରାଇ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଏ -୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଭବିଷ୍ୟତରେ ଜଣେ ମେଧାବୀ ଛାତ୍ର ଛାତ୍ରୀ ହେବା ସହିତ ଭଲ ମଣିଷ ହେବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ତେଜସ୍ୱିନୀ ପାଳ ସର୍ବାଧିକ ୫୪୯ ନମ୍ବରରଖି ଟପ୍ପର ହୋଇଥିଲା ବେଳେ ଅଂଶୁମାନ ନନ୍ଦ ୫୪୨, ନିରୋଜ କୁମାର ଜେନା ଓ ସ୍ନେହାଶିଷ ଦେ ଯୁଗ୍ମ ଭାବେ ୫୪୦ନମ୍ବର ରଖି ଏ ୱାନ ହୋଇଛନ୍ତି। ସେହିପରି ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ଆୟୋଜିତ ସମ୍ବର୍ଦ୍ଧନା ସଭାକରେ ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟୁତପ୍ରଭା ନନ୍ଦୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ, ରୋଜାଲିନ ପରିଡ଼ା, ଗୋବର୍ଦ୍ଧନ ଜେନା ପ୍ରମୁଖଙ୍କ ସହିତ ଟପ୍ପର ହୋଇଥିବା ଛାତ୍ରୀ ଙ୍କ ମାତା ନମିତା ପାଳ, ପିତା ପୂର୍ଣ୍ଣଚନ୍ଦ୍ର ପାଳ ଉପସ୍ଥିତ ଥିଲେ।

## ବାଲେଶ୍ୱର ଜିଲ୍ଲା ଜଜ୍ କୋର୍ଟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ଫଇସଲା ହେଲା ୧୦ ହଜାର ୮୭୮ ମାମଲା

ବାଲେଶ୍ୱର, ୯।୫ (ସମିସ)



ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର ଓ ତାଲୁକ ଆଇନସେବା ସମିତି ସୋରୋ, ଜଳେଶ୍ୱର, ନୀଳଗିରି, ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଆନୁକୁଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱରର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ମୋଟ ୧୦ ହଜାର ୮୭୮ ଟି (ଦେୱାନୀ- ୫୮୨, ରାଜସ୍ୱ- ୯୪୯୩, ମୋଟରଯାନ ଦୁର୍ଘଟଣା ଜନିତ ମାମଲା- ୩୦, ବୈବାହିକ ବିବାଦ ମୋକଦ୍ଦମା-୩୦, କ୍ରିମିନାଲ କମ୍ପାଉଣ୍ଡେବଲ-୫, ମନି ରିକଭରି-୮, ଚେକ୍ ବାଉନ୍ସ- ୮୭, ଅନ୍ୟାନ୍ୟ ଫୌଜଦାରୀ-୫୨, ପ୍ରାକ୍ ମୋକଦ୍ଦମା ଜନିତ ମାମଲା-୫୫୫) ମାମଲାର ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୩ କୋଟି ୧୨ ଲକ୍ଷ ୬୮ ହଜାର ଟଙ୍କା, ଚେକ୍ ବାଉନ୍ସ ମାମଲା ବାବଦକୁ ୪୬ ଲକ୍ଷ ୭୯ ହଜାର ୨ ଶହ ୭୬ ଟଙ୍କା, ରାଜସ୍ୱ ମାମଲା ବାବଦକୁ ୨ ଲକ୍ଷ ୧୦ ହଜାର ୩ ଶହ ୫୪ ଟଙ୍କା, ମନି ରିକଭରି ମାମଲା ବାବଦକୁ ୧ ଲକ୍ଷ ୩୮ ହଜାର ୮ ଶହ ୭୭ ଟଙ୍କା ଏବଂ ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୮୭ ଲକ୍ଷ ୬୪ ହଜାର ୯୭୫ ଟଙ୍କା ଆଦାୟ କରାଯାଇଥିଲା। ଉପରୋକ୍ତ ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍?ର ସତ୍ୟ ନାରାୟଣ ମିଶ୍ର ଦୀର୍ଘ ୧୪ ବର୍ଷ ଧରି ବିଚାରାଧୀନ ଥିବା ଏକ ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ ସମୟରେ ଏକ ଦୃଷ୍ଟାନ୍ତ ମୂଳକ ଆଦେଶ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲା ସିମୁଳିଆ ନିକଟ ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଅଜୟ ଓରଫ ଶିବ ପ୍ରସାଦ ନାଥ ନାମକ ଜନୈକ ବ୍ୟକ୍ତି ୨୦୧୨ ମସିହାରେ ଏକ ଟ୍ରକ୍ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଭାବରେ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହା ଏମ.ଏ.ସିଟି. କେସ୍ ନମ୍ବର- ୨୩୦/୨୦୧୨ ରେ ପଞ୍ଜୀକୃତ ହୋଇ ଦୀର୍ଘଦିନ ହେଲା ବିଚାରାଧୀନ ଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ର ଘଟଣା ସମୟରେ ବୀମା ଅବଧି ଜାରି ଥିବାରୁ ମାମଲାର ବିଚାର ସମୟରେ ଜିଲ୍ଲା ଏବଂ ଦୌରାଜଜ୍ ବାଜାଜ୍ ଏଲାଏଞ୍ଜ ସାଧାରଣ ବୀମା କମ୍ପାନୀକୁ ପାଞ୍ଚ ଲକ୍ଷ ଚାଳିଶ ହଜାର ଟଙ୍କା ଅଗ୍ରୀମ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସମୟରେ ସଡକ ସୁରକ୍ଷା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଯାନ ବାହାନ ଚଳାଇବା ସମୟରେ ଚାଳକ ମାନେ ସମସ୍ତ ପ୍ରକାରର ସଡକ ସୁରକ୍ଷା ନିୟମକୁ ଅନୁସରଣ କରିବା ସହ ଯାନ ବାହାନର ଆବଶ୍ୟକୀୟ ଜରୁରୀ କାଗଜପତ୍ର ଯଥା ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ, ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍, ପଲ୍ୟୁସନ୍ ସାର୍ଟିଫିକେଟ୍, ଫିଟ୍‌ନେସ୍ ସାର୍ଟିଫିକେଟ୍, ରୋଡ୍ ପରମିଟ୍, ରୋଡ୍ ଟ୍ୟାକ୍ସ ରିସିପ୍ଟ ଇତ୍ୟାଦି ନିଜ ପାଖରେ ରଖିବା ପାଇଁ ସଚେତନ ହେବାର ଆବଶ୍ୟକ୍ତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ ମାମଲାଟିକୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ତରଫରୁ ଆଇନଜୀବୀ ସତ୍ୟଶ୍ରୀ ଦାସ ପରିଚାଳନା କରିଥିବା ବେଳେ ବୀମା କମ୍ପାନୀ ତରଫରୁ ପ୍ରଦୀପ୍ତ କାନୁନଗୋ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ପରିଚାଳନା କରିଥିଲେ।

## ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




ରେମୁଣା, ୯।୫(ସମିସ): 'ସରକାର ତୁମେ ବିଚାର କର, ଓବିସି ମହିଳା କେଉଁ ଦଳର; କଂଗ୍ରେସ ଥିଲେ ସାଥିରେ, ମହିଳା ରହିବେ ଆଗରେ; ମହିଳାଙ୍କୁ ଦେଲେ ଆଘାତ, ଜୋରଦାର ହେବ ପ୍ରତିବାଦ; କଳାବିଲ ବିରୋଧରେ ନିଅ ଜଳିବ, ନାରୀ ଆୱାଜରେ ଦେଶ କମ୍ପିବ; ମହିଳା ଶକ୍ତି ଏକାଠି ହେବ, ଅନ୍ୟାୟ ବିରୋଧରେ ଜବାବ ଦେବ 'ଇତ୍ୟାଦି ନାରା ଦେଇ ରେମୁଣା ବ୍ଲକ କଂଗ୍ରେସ ପକ୍ଷରୁ ଏକ ମହିଳା ମଶାଲ ଶୋଭାଯାତ୍ରା ରେମୁଣା ମନ୍ଦିର ଛକରୁ ବାହାରି ହାତୀଆଗଣ୍ଡ ଛକ ପର୍ଯ୍ୟନ୍ତ ଯାଇଥିଲା। ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ମହିଳା କଂଗ୍ରେସ ନେତ୍ରୀ କୁମୁଦିନୀ ଦାସ, ରେମୁଣା ବ୍ଲକ ସଭାପତି କହ୍ନେଇ ଚରଣ ବେହେରା, ଜିଲ୍ଲା ମହିଳା ସଭାପତି ଉର୍ମିଳା ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ କେଶବ ଚନ୍ଦ୍ର ନାୟକ, ତରୁଣ ଦାସ, ଚାଷୀ ନେତା ନିରଞ୍ଜନ ବେହେରା, ସଂଯୁକ୍ତା ମିଶ୍ର, ରାଜା ଖାଁ, ଆରତୀ ଜେନା, ରମାଦେବୀ, ରେବତୀ ମହାଳିକ, ସୌଦାମିନି ଜେନା, ସାରଳା ଦାସ, ଏସକେ ରାଜୁଙ୍କ ସମେତ ଶତାଧିକ ମହିଳା ମାନେ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ସଂସଦରେ ମହିଳାଙ୍କ ପାଇଁ ୩୩% ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ ବୋଲି ଦାବି କରିଥିଲେ।

## ବ୍ୟାସକବିନଗର ବିକାଶ ପରିଷଦର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର, ୯।୫(ସମିସ): ସହଦେବଖୁଣ୍ଟାସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ଆସନ୍ତା ଦୁଇବର୍ଷ ପାଇଁ ଗତ ମାସ୨୭ ତାରିଖ ଦିନ ନିର୍ବାଚିତ ନୂତନ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ସଞ୍ଜୟ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ସଭାପତି ପ୍ରଭାତ କୁମାର ସାହୁ,



ସାଧାରଣ ସମ୍ପାଦକ ଅଦ୍ୱୈତ କୁମାର ମହାନ୍ତି, କୋଷାଧ୍ୟକ୍ଷ ରଜତ କୁମାର ପରିଡ଼ା ଉପଦେଷ୍ଟା ପ୍ରତିଭା ଆଚାର୍ଯ୍ୟ ପ୍ରମୁଖଙ୍କୁ ପରିଷଦର ପ୍ରତିଷ୍ଠାତା ତଥା ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ନୂତନ ଓ ପୁରାତନ କମିଟି କର୍ମକର୍ତା ବିନୋଦ ବିହାରୀ ପଣ୍ଡା, ଉମାକାନ୍ତ ମହାନ୍ତି, ଡମ୍ବରୁଧର ପ୍ରଧାନ, ଭଗବାନ ମହନୀ, ସୁବାସ ଚନ୍ଦ୍ର ନାୟକ, ଅନନ୍ତ କୁମାର ଦାସ, ରଞ୍ଜନ କୁମାର ଭୋଇ, ମନୋଜ ନାୟକ, ଅକ୍ଷୟ କୁମାର ତ୍ରିପାଠୀ ଓ ମୁକୁନ୍ଦ ମୁରାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ କର୍ମକର୍ତ୍ତା ସ୍ଥାନୀୟ ଅଞ୍ଚଳର ବିକାଶ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କରିଥିଲେ। ଶେଷରେ ନିରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ଚିକିତ୍ସା ଶିବିର




ବାଲେଶ୍ୱର, ୯।୫(ସମିସ): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ଚାନ୍ଦିପୁର ଠାରେ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରାକୃତିକ ଚିକିତ୍ସା ଶିବର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଂଟରନ୍ୟାସନାଲ ନେଚରପାଥି ଅର୍ଗାନାଇଜେସନର ଓଡ଼ିଶା ମୁଖ୍ୟ ଡ ସୁଭାଷଚନ୍ଦ୍ର ଷଡଙ୍ଗୀ, ଭଗବାନ ଭୂୟାଁ ଯେଗାଦେଇ ୪ଦିନରେ ମଣିଷ ସୁସ୍ଥ ପରିବେଶ ସହିତ ଜଳ ଚିକିତ୍ସା, ଖାଦ୍ୟ ଚିକିତ୍ସା ଏବଂ ଅନ୍ୟାନ୍ୟ ଚିକିତ୍ସା ମାଧ୍ୟମରେ ସବୁ ରୋଗ ଯାହାକି କ୍ୟାନସର, ଡାଇବେଟିସ, ବ୍ଲଡ ପ୍ରେସର, ଆଣ୍ଠୁ ଗଣ୍ଠି ଦରଜ ଆଦି ବିଭିନ୍ନ ରୋଗର ସହଜ ଓ ସରଳ ଉପାୟ ମାଧ୍ୟମରେ କିପରି କରିପାରିବେ ସେ ସମ୍ପର୍କରେ କହିଥିଲେ। ଏଥିରେ ୫୦ରୁ ଅଧିକ ବିଭିନ୍ନ ରୋଗୀ ଚିକିତ୍ସାରେ ଭାଗ ନେଇଛନ୍ତି। ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ ଡ. ଚିତ୍ତରଞ୍ଜନ ସାହୁ ବିଭିନ୍ନ ରୋଗର ମୁକ୍ତି ପାଇବା ସମ୍ପର୍କରେ ମତ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଯୋଗଦେଇ ପ୍ରାକୃତିକ ଚିକିତ୍ସା ଶିକ୍ଷା ମାଧ୍ୟମରେ ରୋଗମୁକ୍ତ ସମାଜ ଗଠନ କରିହେବ ସେନେଇ ମତ ରଖିଥିଲେ। ଏହି ଅବସରରେ ସକାଳେ ଯୋଗ ଚିକିତ୍ସା, ସମୁଦ୍ରକୂଳ ବାଲିରେ ନୃତ୍ୟ ଯୋଗ, ଖାଲିପାଦରେ ସୁମଦ୍ର କୂଳରେ ଚାଲିବା, ହାସ୍ୟ ଚିକିତ୍ସା, ଏକ୍ୟୁ ପ୍ରେସର, ମାଲିସ ଚିକିତ୍ସା ଆଦି ବିଭିନ୍ନ ଚିକିତ୍ସା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି।

## ବ୍ରଜକେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଖଇରା, ୯।୫(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ କେନ୍ଦୁଭଦଳି ଗ୍ରାମର ପରମ ଆରାଧ୍ୟ ବାବା ବ୍ରଜକେଶ୍ୱରଙ୍କ ନୁତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ଦିନ ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ବୁଧବାର ସକାଳେ ସୁକାନ୍ତ କୁମାର ଦାସ, ଗୟାଧର ଦାସ, ଗଦାଧର ଦାସ ଓ ଗଙ୍ଗାଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କଳସ ଶୋଭାଯାତ୍ରା ମନ୍ଦିର ପୋଖରୀରୁ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ଅଧିବାସ ପରେ ସଂଧ୍ୟାରେ କଟକ ତେଲେଙ୍ଗାପେଣ୍ଠରୁ ଆସିଥିବା ଲବଣୀଧାରା ଭଜନ ସନ୍ଧ୍ୟା ପକ୍ଷରୁ ନୁଆପୁରୁଣା ଭଜନ ଭକ୍ତଙ୍କୁ



ଆନନ୍ଦିତ କରିଥିଲା। ଗୁରୁବାର ଓ ଶୁକ୍ରବାର ୨ଦିନଧରି ମୁଖ୍ୟ କର୍ତ୍ତା ଗୌରଚନ୍ଦ୍ର ପାଠୀ ଓ ସହଯୋଗୀ ପଣ୍ଡିତ ଦୀନବନ୍ଧୁ ପାଣି, ନରସିଂହ ପାଣି, କେଶବ ପାଣି ଓ ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖଙ୍କ ଦ୍ୱାରା ବ୍ରଜକେଶ୍ୱରଙ୍କ ଜଳାଭିଷେକ ସହ ଯଜ୍ଞାଦି କର୍ମର ଆୟୋଜନ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଜିତୁ ଦାଶଙ୍କ ଭାବଗର୍ଭକ ଈଶ୍ୱରବାଣୀ ଓ ଶୁକ୍ରବାର ସଂଧ୍ୟାରେ ସୁନାମଧନ୍ୟ ଗାୟକ ରବୀନ୍ଦ୍ର ଓ ଗାୟିକା ମାନସୀଙ୍କ ସୁମଧୁର ଭଜନ ଦର୍ଶକଙ୍କୁ ବାନ୍ଧି ରଖିବା ଭଳିଥିଲା। ହିମାଂଶୁ ଶେଖର ଦାସ, ସୁଜିତ କୁମାର ଦାସ, ମାନସ ଦାସ, ଅଭିଜିତ ଦାସ, ଆଲୋକ ମହାନ୍ତି, ରଶ୍ମିତା ଦାସ, କରିସ୍ମା ଦାସ, ମନିଶା ଦାସ, ଗିରିବାଳା ଦାସ, ସମର୍ପିତା ଦାସ, କିରଣବାଳା ଦାସ, ସ୍ମୃତିବାଳା ଦାସ ଓ ବିଶ୍ୱଶ୍ରୀ ଦାସ ଙ୍କ ସମେତ କେନ୍ଦୁଭଦଳି ଗ୍ରାମର ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ମା' ସାହାଡ଼ା ସୁନ୍ଦରୀଙ୍କ ବାର୍ଷିକ ଉତ୍ସବ



ବାଲେଶ୍ୱର, ୯।୫(ସମିସ): ସଦର ବ୍ଲକ ଅର୍ନ୍ତଗତ ପଦ୍ମପୁର ଗ୍ରାମପଞ୍ଚାୟତ ପଦ୍ମପୁର ଗ୍ରାମର ଆରକ୍ଷୀ ଦେବୀ ମା ସାହାଡା ସୁନ୍ଦରୀଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆଜି ସକାଳେ ୧୫୧ଟି କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ପ୍ରଭାତରୁ ସଙ୍କିର୍ତନ ମଣ୍ଡଳୀ ସହ ମିଶି କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ପୂଜା କାର୍ଯ୍ୟ ଆଦି ପଣ୍ଡିତ ସର୍ବେଶ୍ୱର ପତୀ, ବିରଞ୍ଚି ନାରାୟଣ ମିଶ୍ର, ଗୋପୀନାଥ ପଣ୍ଡା, ଚନ୍ଦନ ପଣ୍ଡାଙ୍କ ଦ୍ୱାରା ସମାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମା ସାହାଡା ସୁନ୍ଦରୀ ପୂଜା କମିଟି ପଦ୍ମପୁରର ସମସ୍ତ କର୍ମକର୍ତା ଓ ସଭ୍ୟଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ରାଜପଥ ପାର୍ଶ୍ୱରେ ଶହ ଶହ ଭାରୀଯାନର ବେଆଇନ ପାର୍କିଂ

ବସ୍ତା ବ୍ଲକ, ୯।୫ (ସମିସ)



## ଘଟୁଛି ଦୁର୍ଘଟଣା, ପ୍ରଶାସନ ସବୁଦେଖି ଅଜଣା

୧୬ ନମ୍ବର ଜାତୀୟ ରାଜପଥର ବାଲେଶ୍ୱର ଜିଲ୍ଲା ହଳଦିପଦା ଠାରୁ ଭେଲୋରା ପାଲଟିଛି ଦୁର୍ଘଟଣା ଜୋନ। ପ୍ରତ୍ୟେକ ଦିନ ପ୍ରାୟତ ଘଟୁଛି ଦୁର୍ଘଟଣା। ଅକାଳରେ ଲିଭି ଯାଉଛି ଜୀବନ ଦୀପ। କେତେ ପଙ୍ଗୁ ହେଉଛନ୍ତି ତାହା ବର୍ଣ୍ଣନା କରିବା କଷ୍ଟକର। ରାଜପଥ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ସହିତ ରାଜପଥ ପ୍ରାଧିକରଣ ଆଇନର ଖୋଲା ଖୋଲି ଉଲଂଘନ ହେଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ରେ ଖୋଲିଛି ମାଳ ମାଳ ଢାବା, ପେଟ୍ରୋଲ ପମ୍ପ, ଜଳଖିଆ ଠାରୁ ଆରମ୍ଭ କରି ଫଳ ଦୋକାନୀ ପର୍ଯ୍ୟନ୍ତ ଦୋକାନ ର ପସରା ମେଲୁଛି। ସେହିପରି ଦହିବରାଠାରୁ ଆରମ୍ଭ କରି ଆଖୁ ରସ, ପଇଡ଼, ଚାହା ପାନ ମାଳ ମାଳ ଦୋକାନୀ। ସବୁ ନିୟମ କୁ ଖୋଲାଖୋଲି ଉଲଂଘନ କରି ରାସ୍ତା ଉପରେ ଦୋକାନ କରୁଛନ୍ତି ଗାଡ଼ି ମରାମତି ଓ ଟାୟାର ମରାମତି ଦୋକାନୀ। ଫଳରେ ରାଜପଥ ଜାମ୍ ରହୁଛି। ରାଜପଥ ପାର୍ଶ୍ୱ ରେ ବେଆଇନ ନିର୍ମାଣ ନିର୍ମାଣ ହେଉଥିବା ବେଳେ ରାଜପଥ କର୍ତ୍ତୃପକ୍ଷ ଓ ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ଚୁପ୍ ହୋଇ ବସିଛି। ଢାବା, ପେଟ୍ରୋଲ ପମ୍ପ, ହୋଟେଲ, ରେଷ୍ଟୁରାଣ୍ଟ ସବୁ ରାଜପଥ ରାସ୍ତା କୁ ଯୋଡ଼ି କରୁଛନ୍ତି। ଯାହା ଫଳରେ ଶହ ଶହ ଭାରି ଯାନ ରାସ୍ତା ଉପରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ଛିଡ଼ା ହୋଇ ରହୁଛି। ରାସ୍ତା ଅବରୋଧ ହେତୁ ଦୈନନ୍ଦିନ ଦୁର୍ଘଟଣା ଘଟି ଜୀବନହାନୀ ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ଗଲେ ବସ୍ତା ଥାନା ଅନ୍ତର୍ଗତ ବସ୍ତା ବାଇପାସ୍ ଠାରୁ ଅମର୍ଦ୍ଦା ରୋଡ ମଧ୍ୟରେ ଗତ ସପ୍ତାହ ମଧ୍ୟରେ ଗୋଟିଏ ସ୍ଥାନରେ ୩ଟି ବଡ ବଡ ଦୁର୍ଘଟଣା ଘଟିଛି। ଜୀବନ ହାନୀ ହୋଇଥିବା ବେଳେ ଲୋକେ ଗୁରୁତର ହୋଇ ହସ୍ପିଟାଲ ରେ ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି। ମାତ୍ର ଏହି ଦୁର୍ଘଟଣାକୁ ଏଡାଇବା ପାଇଁ ପ୍ରଶାସନର ନଜର ନାହିଁ। ରାସ୍ତା କଡ଼ରେ ଶହ ଶହ ଟ୍ରକ୍ ଓ ଭାରି ଓ ଛୋଟ ଯାନ ବେଆଇନ ପାର୍କିଂ କରୁଛନ୍ତି। ଦିନରାତି ରାଜପଥ ପେଟ୍ରୋଲିଂ ଭ୍ୟାନ୍, ପୁଲିସ ପିସିଆର୍ ଭ୍ୟାନ୍ ସହିତ ରାଜପଥ ଅଧିକାରୀ ଯାତାୟାତ କରୁଥିବା ବେଳେ ଏହାକୁ ଦୃଷ୍ଟି ନ ଦେବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଅର୍ଜୁନ ଚରଣ ସେନାପତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଜଳେଶ୍ୱର, ୯।୫ (ସମିସ) : ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପ୍ରୟାସ କରି ଆଜି ଅର୍ଜୁନ ଚରଣ ସେନାପତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସଞ୍ଜିତା ସେନାପତି ଓ ସମାଜସେବୀ ମଧୁସୂଦନ ସେନାପତିଙ୍କ ପୁତ୍ର ତଥା ନୂତନଭାବେ ବାଲେଶ୍ୱର ମେଡିକାଲ କଲେଜରେ ନିଯୁକ୍ତି ପାଇଥିବା ଡା. ପାର୍ଥସାରଥି ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ବାଘମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନୁଷ୍ଠିତ ନିଶୁଳ୍କ ଡାକ୍ତରୀ ପରାମର୍ଶ ଓ ଔଷଧ ବ ନ କାର୍ଯ୍ୟକ୍ରମକୁ ବିଡିଓ ଗୌରାଙ୍ଗ ଘୋଷ ଉଦ୍‌ଘାଟନ କରିଥିଲେ। ବାଘମାରୀ ଗ୍ରାମବାସୀ ଓ ଛାତ୍ର ସଂସଦଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମୁମ୍ବାଇ ସରକାରୀ ମେଡିକାଲ କଲେଜର ଡ. ରୁଦ୍ରନାରାୟଣ ପତି, କଟକ ଏସିବି ମେଡିକାଲ କଲେଜର ଡ. ସୁମନ ସୌରଭ ପାତ୍ର, ଭୁବନେଶ୍ୱର ସମ ହସ୍‌ପିଟାଲର ଡ. ନିତିନ କ୍ରିଷ୍ଣାଙ୍କ ସହିତ ଡ. ବିଶ୍ୱଜିତ୍ ସାହୁ, ଡ. ପୂଜାଚନ୍ଦନ ଦଳାଇ, ଡ. ପ୍ରିତମ ଭୋଇ, ଡ. ବିପ୍ଳବ ସାମଲ, ଡ. ପପୁ ମଲ୍ଲିକ, ଡ. ଶୁଭମ୍ ମହାନ୍ତି, ଡ. ସ୍ମୃତିସ୍ମିତା ନାୟକ. ଡ. ଚନ୍ଦ୍ରାବତି ବେହେରା, ସୁକୁମାର ମିନସିଂ, ଫକଜ କୁମାର, ସଂଗ୍ରାମ ସାଗର, ଆଶୁତୋଷ ନାୟକ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।





# ହତ୍ୟା ପାଇଁ ଷଡ଼ଯନ୍ତ୍ର



ଅଞ୍ଜନ ଚାନ୍ଦ

ସୁଜନ ବାବୁ ସେଦିନ ଖୁସି ଥିଲେ। ନୂଆ କିଣିଥିବା ଗାଡ଼ିଟିକୁ ନିଜେ ଚଳାଇ ପାରୁଥିଲେ। ଡ୍ରାଇଭର ନଥିଲେ ବି ସହରରୁ ବଜାର ସଉଦା ସାରି ଏବେ ଘରକୁ ଫେରୁଥିଲେ।

ଆଗକୁ ଭଉଣୀର ବାହାଘର । ବନ୍ଧୁବାନ୍ଧବ କେତେଜଣ ଆସିଗଲେଣି। ବାଡ଼ିରେ ଟେଣ୍ଟ ବନ୍ଧା ଚାଲିଛି। ପତ୍ନୀ ଫୋନ କରି ଫେରିବା କଥା ପଚାରୁଥିଲେ । ସୁଜନ ବାବୁ ଦେଖିଲେ ରାସ୍ତା ଦୁଇପଟେ ଗଛ ଲତା ଗହଳ ଦିଶୁଛି। ଏଇ ଜଙ୍ଗଲ ରାସ୍ତାଟି ପାରି ହୋଇଗଲେ ତାଙ୍କ ଗାଁ ଆସିଯିବ।

ଜଙ୍ଗଲ ଭିତରେ ଜଗଜ୍ଜନନୀ ମା' ପାର୍ବତୀଙ୍କ ମନ୍ଦିର । ସେଇଠୁ ଘାଟି ରାସ୍ତା ଉପରକୁ ଉଠିଛି। ସୁଜନ ବାବୁ ମା'ଙ୍କୁ ପ୍ରଣାମ କରି ସାବଧାନରେ ଗାଡ଼ି ଚଳାଇଲେ। ଗାଡ଼ି ଘାଟି ଉପରକୁ ଯାଇ ତଳକୁ ଖସିବା ବେଳକୁ ହଠାତ ଶୁଭିଲା ବିକଳ ଚିତ୍କାର।

ସୁଜନ ବାବୁ ଚମକି ପଡ଼ିଲେ । ରାସ୍ତା କଡ଼କୁ ଗାଡ଼ି ରଖି ଏଣେତେଣେ ଚାହିଁଲେ । କାହାକୁ ଦେଖିପାରିଲେ ନାହିଁ । କିନ୍ତୁ ଚିତ୍କାର ଶୁଭୁଛି। କିଏ ଜଣେ ବିକଳରେ ରକ୍ଷା କରିବାକୁ ନିବେଦନ କରୁଛି।

ସେ ଗାଡ଼ିରୁ ବାହାରକୁ ଆସିଲେ। ସ୍ୱରକୁ ଅନୁସରଣ କରି ଦେଖିଲେ ଗୋଟିଏ ଭୟଙ୍କର ଦୃଶ୍ୟ। କିଛି ଦୂରରେ ଗଛର ଚେରକୁ ଧରି ଲୋକଟିଏ ତଳକୁ ଝୁଲି ରହିଛି । ଦେହ ଯାକ ଲହୁଲୁହାଣ। ଦୁର୍ଘଟଣା ଅଥବା କିଏ ତଳକୁ ଠେଲି ଦେଇଛି।

ଆରେ, ଯେ ତ ଦୁର୍ଜନ ସିଂ । ଲୋକଟିକୁ ସେ ଚିହ୍ନି ପାରିଲେ। ନାଁ ଯେମିତି କାମ ବି ସେମିତି। ଗାଁରେ କାହାର। ଅନିଷ୍ଟ ସେ କରିନାହିଁ। କଳି ଗୋଳ, ମାର୍‌ପିଟ, ତାଙ୍କ ନିଜର କେନାଲ ପାଖ ଭଲ ଜମିଟିଏ ଜୋର ଜବରଦସ୍ତ ମାଡ଼ି ବସିଛି। ସେ ପୋଲିସ ପାଖରେ ଫେରାଦ ଦେଲେ। ପୋଲିସ ଗାଁକୁ ଆସି ତାକୁ ବାନ୍ଧି ନେଲା । ସମସ୍ତେ ଶାନ୍ତିରେ ନିଃଶ୍ୱାସ ମାରିଲେ। ସେତେବେଳେ ସେ ପୁଣି କଉଁ ଫନ୍ଦିରେ ହାଜତରୁ ବାହାରି ଆସିଲା । ଖଣ୍ଡା ବୁଲାଇ ଧମକ ଦେଲା – "ଆଉ ଥରେ ଯଦି କିଏ ପୋଲିସ ପାଖକୁ ଯିବ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେବି।"

ଯାଉ, ମରୁ ସେ ସଇତାନ।

ଗାଁ ଲୋକେ ଆଜିଠୁ ଖୁସିରେ ରହିବେ । ସୁଜନ ବାବୁ ଗାଡ଼ି ପାଖକୁ ଫେରି ଆସିଲେ । ଡୋର ଖୋଲି ଭିତରେ ପଶୁଛନ୍ତି କ'ଣ ଭାବି ଅଟକିଗଲେ। ଗାଡ଼ି ଡିକି ଖୋଲି ମୋଟା ରସିଟିଏ ନେଇ ପଛକୁ ଫେରିଲେ। ରସି ସାହାଯ୍ୟରେ ଦୁର୍ଜନ ସିଂକୁ ସେ ଉପରକୁ ଉଠାଇଲେ। ପାଣି ପିଆଇ ସାନ୍ତ୍ୱନା କଲେ। ଗାଡ଼ିରେ ବସାଇ ଡାକ୍ତରଖାନାକୁ ନେଲେ। ଚିକିତ୍ସା ପରେ ତା' ଘରକୁ ନେଇ ଛାଡ଼ି ଆସିଲେ।

ତାପରେ କିଛି ଦିନ ବିତିଯାଇଛି । ସୁଜନ ବାବୁଙ୍କ ଭଉଣୀ ବାହାଘର ଭଲରେ ସରିଛି। କୁଣିଆ, ମଇତ୍ର ଚାଲି ଯିବା ପରେ ଘରଟି ଖାଁ ଖାଁ ଲାଗୁଛି। ସୁଜନ ବାବୁ ସେଦିନ ଅଗଣାରେ ପାରା ଓ ବଣିମାନଙ୍କୁ ଖାଇବାକୁ ଦେଉଛନ୍ତି । ସେମାନଙ୍କ କଳରବରେ ତାଙ୍କ ମନରେ ଥିବା ଶୂନ୍ୟତାର ଦୁଃଖ ଲାଘବ ହେଉଛି। ସେତେବେଳେ କିଏ ଜଣେ ଗେଟ୍ ଖୋଲି ଭିତରେ ପଶିଲା। ସୁଜନ ବାବୁ ଦେଖିଲେ ଦୁର୍ଜନ ସିଂ ଆସୁଛି। ନିଶ ଦାଢ଼ି ନଥିବାରୁ ତାର ଭୟଙ୍କର ମୁହଁଟି ନିରୀହ ଦିଶୁଛି।

ସୁଜନ ବାବୁଙ୍କ ପାଖକୁ ଆସି ସେ କହିଲା - "ମୁଁ ବହୁତ ଅନ୍ୟାୟ କରିଛି। ମୋତେ କ୍ଷମା କରିଦିଅନ୍ତୁ।"

ସୁଜନ ବାବୁ କିଛି କହିଲେ ନାହିଁ।

- "ଆପଣଙ୍କ ଜମି ଆଜିଠୁ ଆପଣଙ୍କର। ଏତେ ଦିନ ଯାଏ ସେଥିରୁ ଯେଉଁ ଫସଲ ଅମଳ କରିଛି ତାହାର ମୂଲ୍ୟ ହିସାବ କରି ମୁଁ ଫେରାଇ ଦେବି।"

ସୁଜନ ବାବୁ ତଥାପି ନିରବ।

- "ସେଦିନ ଯେଉଁ ବିପଦରେ ମୁଁ ପଡ଼ିଥିଲି ଆପଣ ଚାହିଁଥିଲେ ମୋତେ ସେଇ ଅବସ୍ଥାରେ ଛାଡ଼ି ଚାଲି ଆସିଥାନ୍ତେ। ତଳକୁ ଖସିପଡ଼ି ମୋର ଜୀବନ ଯାଇଥାନ୍ତା। କିନ୍ତୁ ତାହା ନକରି ଆପଣ ମୋତେ ସାହାଯ୍ୟ କଲେ। ଡାକ୍ତରଖାନାକୁ ନେଇ ମୋ ଜୀବନ ବଞ୍ଚାଇଲେ।"

ସୁଜନ ବାବୁ ହସିଲେ। କହିଲେ – "ତୁମେ ଭୁଲ ବୁଝିଛ। ପ୍ରକୃତରେ ମୁଁ ତୁମର ମୃତ୍ୟୁ ଚାହୁଁଥିଲି ଏବଂ ସେଦିନ ସେଇ ମୁହୂର୍ତ୍ତରେ ମୁଁ ତୁମକୁ ହତ୍ୟା କରିଛି।"

ଦୁର୍ଜନ ସିଂ ଚକିତରେ ତାଙ୍କୁ ଚାହିଁ ରହିଲା। ■

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ : ୬୩୭୦୬୬୧୧୪୭

## ପୁସ୍ତକ ପରିଚୟ

### ଅଶ୍ଳେଷା

ରଶ୍ମିରଞ୍ଜନ ରାଉତ




ସାଧନା ଛପାଛପି
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୫୦ ଟଙ୍କା

ଯୁବ ଗାଳ୍ପିକ ରଶ୍ମିରଞ୍ଜନ ରାଉତଙ୍କ ଗଳ୍ପ ସଂକଳନ 'ଅଶ୍ଳେଷା' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୧୪ଟି ଗଳ୍ପ ସଂକଳିତ ହୋଇଛି । 'ସେପାଖେ ଅନ୍ଧାର', 'ଲେଉଟାଣି', 'ଭଡ଼ାଘର', 'ଦୂର ଆକାଶର ତାରା', 'ଅବ୍ୟକ୍ତ ଅବସୋସ', 'ବୟସ୍କ ଲୋକର ବାଲକୋନୀ', 'ଅଦୃଶ୍ୟ', 'ପରିଧି ବାହାରେ ଜୀବନ', 'ଦାଗ', 'ସକାଳ ପକ୍ଷୀର ଗପ', 'ୱାଲ୍‌ପେପର', 'ପାଣିକାଚ', 'ଅଶ୍ଳେଷା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଗାଳ୍ପିକଙ୍କ ନିଜସ୍ୱ ଅନୁଭବ ଓ ଅନୁଭୂତିରେ ଗଳ୍ପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି । ନିଜ ଆଖପାଖରେ ଥିବା ସାଧାରଣ ଚରିତ୍ର ଭିତରେ ସେ ଖୋଜିଛନ୍ତି ଅସାଧାରଣ ଜୀବନ । ଭଡ଼ାଘରେ ରହୁଥିବା ଜଣେ ଭଦ୍ରଲୋକଙ୍କ ସହିତ ଦେବସ୍ମିତାର ଆତ୍ମୀୟତାକୁ ଗାଳ୍ପିକ ଅତି ଚମତ୍କାର ଭାବେ ଚିତ୍ରଣ କରିଛନ୍ତି 'ଭଡ଼ାଘର' ଗପରେ । ଏହି ପୁସ୍ତକର ଅନେକ ଗପରେ ମାନବୀୟ ଭାବାବେଗ, ନାରୀ ଜୀବନର କୋହ ଓ ଅସହାୟତା, ଅବ୍ୟକ୍ତ ଭାବ, ଅବସୋସ, ପିଲାଦିନ କଥା, ଗ୍ରାମ୍ୟଜୀବନର ଚିତ୍ର ପ୍ରତିଫଳିତ ହୋଇଛି । କାହାଣୀରେ ନୂତନତା, ଚରିତ୍ର ଚିତ୍ରଣରେ ପରିପକ୍ୱତା, ନିଆରା ଉପସ୍ଥାପନା ଶୈଳୀ ଗଳ୍ପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । 'ଅଶ୍ଳେଷା'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଏକ ଅସ୍ପଷ୍ଟ ସାନ୍ନିଧ ଓ ଆତ୍ମଜାମାନେ

ସୋନମ୍ ମହାପାତ୍ର




ବିଦ୍ୟା ପବ୍ଲିଶିଙ୍ଗ ଇଙ୍କ୍
ଟରାଣ୍ଟୋ, କାନାଡ଼ା
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ଅଲିଅଳି କୁଆଁରୀ କନ୍ୟାଟି/ ଦିଗହରା ସାଗରର ବେଳାଭୂମିରେ/ ଅଧା ଓଦା ସାଗର ବାଲିରେ/ ଥାପି ଚାଲିଛି ତାର/ ଅସରନ୍ତି ସୀମାହୀନ ପାଦଚିହ୍ନ... ।" (କୁଆଁରୀ ମନର କଥା...) ଏମିତି କୁଆଁରୀ ମନର ସ୍ୱପ୍ନ,ଆଶା, ଆକାଂକ୍ଷା ପ୍ରତିଫଳିତ ହୋଇଛି ସୋନମ୍ ମହାପାତ୍ରଙ୍କ 'ଏକ ଅସ୍ପଷ୍ଟ ସାନ୍ନିଧ ଓ ଆତ୍ମଜାମାନେ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକର 'ଭାରି ମନେ ପଡ଼ ତୁମେ...', 'ତମେ ଥିଲ କି ପାଖେ', 'ଅଧା ଗଢ଼ା ସ୍ୱପ୍ନ', 'ସ୍ୱପ୍ନ ରାଇଜର କଥା...', 'ଭଲ ପାଇବାର କଥା କୁହ...', 'ସଂପର୍କ', 'ସାଥୀ ବିନା ଜୀବନ...', 'ଲୁଚକାଳି', 'ସଂପର୍କର ମଧୁଛନ୍ଦା', 'ଆତ୍ମଜା ପଚାରେ ଆଜି', 'ଝଡ଼ ଚାଲିଗଲା ପରେ', 'ଏକ ଅସ୍ପଷ୍ଟ ସାନ୍ନିଧ', 'ଶୂନ୍ୟତା' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ନାରୀ ମନସ୍ତତ୍ତ୍ୱ, ପ୍ରକୃତି ପ୍ରୀତି, ମାନବୀୟ ସମ୍ବେଦନଶୀଳତା, ସୁକୁମାର ଭାବନା, ରୋମାଣ୍ଟିକ୍ ଚେତନା ମାର୍ମିକ ଭାବେ ଫୁଟି ଉଠିଛି । ସୋନମ୍‌ଙ୍କ ଆବେଗଧର୍ମୀ କବିତାର ଆଙ୍ଗିକ ଓ ଆତ୍ମିକ ଉଭୟ ରସୋତ୍ତୀର୍ଣ୍ଣ ହୋଇଛି । 'ଏକ ଅସ୍ପଷ୍ଟ ସାନ୍ନିଧ ଓ ଆତ୍ମଜାମାନେ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ । ■

## ଅରଣ୍ୟ ବୀଜ





ଦେବେନ୍ଦ୍ର କୁମାର ବାଉରୀ

ମୁଁ ଅରଣ୍ୟ ନୁହେଁ
ସଭ୍ୟତା ଉତ୍ପତ୍ତି ପୂର୍ବରୁ
ତମ ଛାତିରେ ଧଡ଼କୁ ଥିବା
ମୁଁ ସେଇ ସବୁଜ ସ୍ପନ୍ଦନ

ତମ ପ୍ରଗତିର ଯଜ୍ଞବେଦୀର ଆହୁତିରେ
ତମ ଶ୍ୱାସର
ମୁଁ ଗୋଟେ ଅସମ୍ପୂର୍ଣ୍ଣ ପ୍ରାର୍ଥନା

ଦିନେ କେବେ ମାଲିକାନା ନଥାଇ
ତମେ ମୋତେ ପିନ୍ଧିଥିଲ
ଆକାଶ ଯେମିତି ପ୍ରଭାତକୁ ପିନ୍ଧେ

ତମ ପାହୁଣ୍ଡ ଥିଲା ଧୀର
ଶୈଳୀ ଶିଖୁଥିଲା ଶୈବାଳର ବ୍ୟାକରଣ
ଛାଲ ଓ ପବନରେ ଲେଖା
ଶାସ୍ତ୍ର ପଢୁଥିଲା

ତମ ପଞ୍ଜରା ହାଡ଼ ଭିତରେ
ମୁଁ ରକ୍ତ ବୁଣି ଦେଇଥିଲି
ମୋ ମୂଳ ତଳେ
ତମେ ପୋତି ଦେଇଥିଲ ଅଗ୍ନି

ଆମେ ଦୁଇଟା ଆକୃତି ନଥିଲୁ
ଥିଲୁ ଗୋଟିଏ ଛାଇ
ସକାଳର ପ୍ରହରକୁ ପାର କରୁଥିଲୁ

ତା' ପରେ ଆସିଲା ସମାନ୍ତର ରେଖା
ମପା ଯାଇଥିବା ଦିଗନ୍ତ
ଲୁହାର ବର୍ଣ୍ଣମାଳା

ନିରବତା ଗାଢ଼ ହେଲା

ପକ୍ଷୀର ଗୀତ ସବୁକୁ
ଅଭିଲେଖାଗାରର ପ୍ରତିଧ୍ୱନିରେ
ସାଇତା ହେଲା
ନଈମାନେ ଶିଖିଲେ
ପଛକୁ ବହିବାର କଳା

ତମେ ତିଆରି କଲ ଛାତ
ତାକୁ ଆଶ୍ରୟ କହିଲ
ତଥାପି ତମ ସ୍ୱପ୍ନ
ପତ୍ର ହେଇ କହିଁଲୁ ଥିଲା

କାହିଁକି ତମ ନିଦ
ବର୍ଷାର ଗନ୍ଧ ପରି ଲାଗେ?
କାହିଁକି ତମ ବିଷାଦ
ହଣା ଖାଉଥିବା ଗଛର କାନ୍ଦ ପରି ଶୁଭେ?

କାରଣ ମୁଁ ଏଯାଏ ଅଛି
ଅକଟା
ତମ ଅସ୍ଥିର ମଜ୍ଜାରେ

ତମେ ଯେତେ ଥର ମୋତେ
ନିର୍ବାସିତ କରିଛ
ମୁଁ ସେତେ ଥର
ତମ ଭିତରକୁ ଫେରିଛି

ଅରଣ୍ୟ କେବେ ଲୋପ ପାଏନି
ଏହା ପ୍ରତ୍ୟାହାର କରେ
ରକ୍ତ ସ୍ରୋତକୁ

ଏବଂ ସେଇଠି
ତମ ଶେଷ ଶ୍ୱାସରେ
ମୁଁ ଅପେକ୍ଷା କରିଛି

ବୀଜ ହେଇ । ■

ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ
ଏସ୍.ବି.ଆଇ. ମୁଖ୍ୟ ଶାଖା, ରାୟଗଡ଼
ମୋ: ୯୬୬୮୯୯୮୩୨୧

## ପକ୍ଷୀର ସକାଳ



ମୌସୁମୀ ଦାସ୍

ସକାଳ ଆସିଲା ଯେଉଁ ପକ୍ଷୀର ପିଠିରେ
ସେଠି ନଥିଲା ସୁନାରଙ୍ଗୀ ଆଲୁଅ,
ଆକାଶ ଦିଶୁଥିଲା ବିବର୍ଣ୍ଣ ଧୂସର
ପକ୍ଷୀର ଭୟାର୍ତ୍ତ ସ୍ୱରରେ ନଥିଲା ସକାଳର ଗୀତ
ବାରୁଦ ଗନ୍ଧରେ ଆକ୍ରାମାକ୍ରା ବାସନ୍ତୀ ବୟାର।

ଗଛର ଶାଖାରେ ବସି ପଚାରେ ପକ୍ଷୀ
କାହିଁକି ଅଶାନ୍ତ ସାରା ଆକାଶ ?

ସ୍କୁଲ ବ୍ୟାଗ୍‌ରେ ଖୁସି ସଜେଇଥିବା କୁନି ଝିଅ
ଗତକାଲି ପର୍ଯ୍ୟନ୍ତ ଶିଖୁଥିଲା ଅକ୍ଷର,
ଆଜିର ସକାଳ ଜାଳିଦେଲା ତା' ଓଠର ହସ
ତା' ଖାତାର ଅପୂରନ୍ତ ପୃଷ୍ଠାରେ ରହିଗଲା
ଅଧାଲେଖା ଗୋଟେ ସ୍ୱପ୍ନ,

ଖେଳପଡ଼ିଆରେ ମୃତ ପ୍ରଜାପତିଙ୍କ ଡେଣା,
ଧୂଳି ସାଉଁଟି ପଡ଼ିଛି ଆୟେଶାର ସୁନ୍ଦର ଜୋତା
ପାଉଁଶର ଆବର୍ଜନା ତଳେ
ଜରିନାର ଗୋଲାପୀ ମୁଣ୍ଡଫିତା
ସେମାନେ କ'ଣ ଜାଣିଥିଲେ, ଯୁଦ୍ଧ ଏତେ ନିର୍ମମ!
ଯେଉଁଠି କ୍ଷଣିକରେ ଖୁସି ସବୁ ପାଲଟିଯାଏ ଶ୍ମଶାନ!

ପକ୍ଷୀର ଆଖିରେ ଲୁହ,
ଦେଶାନ୍ତରୀ ଶ୍ରମିକର ଭୟାର୍ତ୍ତ ଦୃଷ୍ଟିରେ
ହତାଶାର କ୍ଳାନ୍ତି, ପାଦତଳେ ତତଲା ବାଲି
ଛାତିତଳେ ଭାଙ୍ଗିଥିବା ବସାଘରର ସ୍ମୃତି।

ଦୂରଦେଶେ ଗାଁ ତା'ର, ତା' ପ୍ରିୟାର ଘର
ମାଆର ପଣତ, ବାପାଙ୍କ ଆକଟ,
କୁନିପୁଅର ଦରୋଟି ଡାକ,
ଏଠି ଯୁଦ୍ଧର ଘନଛାୟା
ମୁହୁର୍ମୁହୁ ମୃତ୍ୟୁର ଦୁଆର ଠକ୍ ଠକ୍।

ପକ୍ଷୀର ଡେଣା ଝାଡ଼ି ଖସି ଆସିଲା ସକାଳ,
ସୀମାନ୍ତର ସୈନିକ ସକାଳର ଆଲୋକକୁ ଚାହିଁ
ମନେ ପକାଉଛି ତା'ର ବୈକୁଣ୍ଠ ସମାନ ଘର
ଚାତକ ଆଖିରେ ଅନିଶା କରୁଛି ତା' ଫେରିବା ବାଟ,
ଠାକୁରାଣୀ ଆଗେ ଜାଳିଦେଇ ଦୀପ,
ଗୁହାରି କରୁଛି ସ୍ତ୍ରୀ, କୁନୁବାପା ଭଲରେ ଫେରି ଆସ।

ପକ୍ଷୀର ଡେଣାରେ ପୂର୍ବାଶାର ନାରଙ୍ଗୀ ସକାଳ
ନା ଉଠେଇ ପାରିବ ଗାଢ଼ ନିଦରୁ ଜରିନା କି ଆୟେଶାମାନଙ୍କୁ,
ନା ଫେରାଇ ଆଣିବ ଗାଁକୁ
ସନ୍ତୋଷ, ସୁକାନ୍ତ, ରାମାରାଓମାନଙ୍କୁ,
ପୁଣିଥରେ ଜୀବନ୍ୟାସ ଦେଇ ପାରିବନି
ଜଳିଜଳି ଲିଭି ଯାଉଥିବା ଗୋଟେ ଅଧାଗଢ଼ା
ଗପର ଦେହକୁ।

ଏବେ ବି ଥୁଣ୍ଟା ଡାଳରେ ଗୀତ ଗାଉଛି ଉଦାସୀ ପକ୍ଷୀ
ଯୁଦ୍ଧର ବଙ୍କର ନୁହେଁ, ଆକାଶଟେ ଲୋଡ଼ା
ପିଲାମାନଙ୍କ ସ୍ୱପ୍ନ ପାଇଁ ତାରା ଭରା ରାତିଟେ ଲୋଡ଼ା
ଦେଶାନ୍ତରୀ ଯୁବକ ପାଇଁ ଆଶ୍ୱସ୍ତ ଫେରାପଥ ଲୋଡ଼ା
ଅସ୍ଥିର ପୃଥିବୀ ପାଇଁ ଶୁଭ ସକାଳଟେ ଲୋଡ଼ା
ଯୁଦ୍ଧର ନିନାଦ ନୁହେଁ, ପ୍ରେମର କବିତାଟେ ଲୋଡ଼ା। ■

ଭୁବନେଶ୍ୱର



# ଦିବ୍ୟ ଚେତନାର ଅନନ୍ୟ କବି ଦୀନକୃଷ୍ଣ



ଡକ୍ଟର କାଳିକିଙ୍କର

ରୀତି ଯୁଗର ଅନ୍ୟତମ ସ୍ରଷ୍ଟା ହେଲେ ଭକ୍ତି ଓ ମାନବୀୟ ମୂଲ୍ୟବୋଧର କବି ଦୀନକୃଷ୍ଣ ଦାସ। ତାଙ୍କର କବିତାରେ ସେ ସବୁବେଳେ ରସ ଅର୍ଥାତ ସତ୍ୟ ଓ ସରଳତାକୁ ଆପଣେଇଛନ୍ତି। ଯଦି ଆମେ ଦୀନକୃଷ୍ଣଙ୍କର କବିତାର ଅନ୍ତଃସ୍ୱରକୁ ବୁଝିବା ତା'ହେଲେ ତାଙ୍କର ପ୍ରତ୍ୟେକ ଶବ୍ଦ ଓ ପଦରେ ସତ୍ୟ ଓ ସୁନ୍ଦରତାକୁ ସହଜରେ ଅନୁଭବ କରିହେବ। ତାଙ୍କ ରଚିତ 'ରସକଲ୍ଲୋଳ', 'ରସବିନୋଦ', 'ଆର୍ତ୍ତତ୍ରାଣ ଚଉତିଶା', 'ଜଗମୋହନ ଛାନ୍ଦ', 'ପ୍ରସ୍ତାବ ସିନ୍ଧୁ', 'ନାମରତ୍ନ ଗୀତା' ଆଦି ଗ୍ରନ୍ଥ ଓଡ଼ିଆ ସାହିତ୍ୟକୁ ସମୃଦ୍ଧଶାଳୀ କରିଛି। ବାସ୍ତବରେ ରୀତି ଯୁଗର ଯେଉଁ କେତେ ଜଣ କବି ତାଙ୍କର କବିତାରେ ଏ ଉତ୍କଳର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ସେମାନଙ୍କ ମଧ୍ୟରେ ଦୀନକୃଷ୍ଣ ଥିଲେ ସ୍ୱତନ୍ତ୍ର। କବି ଦୀନକୃଷ୍ଣଙ୍କ କବିତା ଏଡ଼େ ସୁନ୍ଦର ଓ ସୁଲଳିତ ସୃଷ୍ଟି ଯେ, ତାହା ଯୁଗେ ଯୁଗେ ତାଙ୍କୁ ଅମର କରି ରଖିଛି। ସୁଲଳିତ ଛନ୍ଦମୟ କବିତା ଦୀନକୃଷ୍ଣଙ୍କ କବିତାକୁ ମହାନ ଓ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଏକଥା ସତ ଯେ ଯେଉଁ ସାହିତ୍ୟରେ ରସ ନାହିଁ, ସେ ସାହିତ୍ୟ କାଳର ବକ୍ଷରେ ଅମଳିନ ହୋଇ ରହିପାରେ ନାହିଁ ।

କବି ଦୀନକୃଷ୍ଣ ଥିଲେ ଶ୍ରୀକୃଷ୍ଣ ବା ଶ୍ରୀବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କ ପ୍ରତି ସର୍ବଦା ଉନ୍ମୁଖ ଓ ଚରଣ ଆଶ୍ରିତ । ଶ୍ରୀକ୍ଷେତ୍ର ପୁରୀରେ ଯାଇ ରହିବାକୁ ଚାହୁଁଥିଲେ ଦୀନକୃଷ୍ଣ । ସେ ଦୀର୍ଘପଥ ଅତିକ୍ରମ କରି ପୁରୀରେ ପହଞ୍ଚିଥିଲେ । ସେଠାରେ ରହି ପ୍ରଭୁଙ୍କ ଉଦ୍ଦେଶ୍ୟରେ ରଚନା କଲେ ଅନେକ କାବ୍ୟ ଓ କବିତା। କବି ଦୀନକୃଷ୍ଣଙ୍କ ଅନ୍ତର୍ଦୃଷ୍ଟି ଥିଲା ଅତ୍ୟନ୍ତ ଗଭୀର। ତାଙ୍କ ଭିତରେ ପ୍ରଭାତର ଆଲୋକ ବା କୁସୁମର ବିକାଶ ପରି ଆତ୍ମାନୁଭୂତି ଥିଲା ଖୁବ ଉଜ୍ଜ୍ୱଳ। ସେ ଥିଲେ ସ୍ଥିତପ୍ରଜ୍ଞ । କବିତ୍ୱ ଥିଲା ତାଙ୍କର ଅନନ୍ୟ ଶକ୍ତି । ସେ କହନ୍ତି- "କବିତ୍ୱ ରସ ଉତ୍ତମ ଗୋକ୍ଷୀର- କବିତ୍ୱ ଶାନ୍ତି ଜଳ ଏକାକାର।" ତେଣୁ ଏମିତି କବିଙ୍କୁ ଅବା କିଏ ପରାଜିତ କରିପାରିବ ।

କବି ଦୀନକୃଷ୍ଣଙ୍କର ସମସ୍ତ ସୃଷ୍ଟି ଥିଲା ଅନନ୍ୟ ଓ ଅସାଧାରଣ। ସେଥିପାଇଁ ତାଙ୍କୁ କିଏ ଓଡ଼ିଆ ଭାଷା ସାହିତ୍ୟର ଉଜ୍ଜ୍ୱଳ ପୁରୁଷ ଭାବରେ ଚିତ୍ରିତ କରନ୍ତି ତ କିଏ ତାଙ୍କୁ ସନ୍ଥ କବିର ମର୍ଯ୍ୟାଦା ପ୍ରଦାନ କରନ୍ତି । କିଏ ତାଙ୍କୁ ଭକ୍ତି ଚେତନାର ଉଜ୍ଜ୍ୱଳ ଜ୍ୟୋତିଷ୍କର କହନ୍ତି ତ କିଏ ତାଙ୍କୁ ଗଣଚେତନାର ସମୁଜ୍ଜ୍ୱଳ ସ୍ୱାକ୍ଷର କହନ୍ତି । କିଏ ତାଙ୍କୁ କୃଷ୍ଣଭାବ, ଗୋପୀଭାବର କବି କହନ୍ତି ତ କିଏ ଜନଭାବର କବି ବୋଲି କହନ୍ତି । ତେବେ ଏକଥା ସମସ୍ତେ କହନ୍ତି ସେ ଜଣେ ରସର ପରମ ରସିକ, ଯେଉଁ ରସକୁ କାବ୍ୟ କବିତାର ରସବୋଲି ସ୍ୱଚ୍ଛନ୍ଦରେ କୁହାଯାଏ ।

ଦୀନକୃଷ୍ଣଙ୍କର ସୃଷ୍ଟି ସାଗର ଭିତରେ ରତ୍ନ ସମ୍ଭାର; ଅନେକ ଗବେଷକ ଅନୁମାନ କରନ୍ତି ଯେ, କବି ଦୀନକୃଷ୍ଣ ପ୍ରଥମେ ଗୀତି କବିତା ରଚନା କରିଛନ୍ତି । ସେହି କ୍ରମରେ ସେମାନେ ଆଲୋଚନା ପ୍ରସଙ୍ଗକୁ ନେଇଛନ୍ତି ତାଙ୍କର ପ୍ରସ୍ତାବ ସିନ୍ଧୁ, ଜଗମୋହନ ଛାନ୍ଦ, ଭୂତ କେଳି, ନାବକେଳି, ଅଳଙ୍କାର ବୋଲି, ସମଦୀର୍ଘ ବୋଲି ଇତ୍ୟାଦି । ଏସବୁକୁ ଅନେକେ ଭକ୍ତି ଗୀତିକା, କୃଷ୍ଣଲୀଳାତ୍ମକ ଗୀତିକା, ଲୌକିକ ଗୀତିକା, ଚଉତିଶା ବା ବିବିଧ ପର୍ଯ୍ୟାୟ ବୋଲି କହିଛନ୍ତି। ଭକ୍ତି ଗୀତିକାର ଯେମିତି ଭଜମନ କଳା କହ୍ନେଇ, ଜୟ ଜଗବନ୍ଧୁ ହେ ଯାଦୁ ନନ୍ଦନ, ଆରେ କଳା ମଲ୍ଲି, କରୀନ୍ଦ୍ର ଦନ୍ତ ପଲଙ୍କ ତେଜି, ଜଗବନ୍ଧୁ ପରି ଜଣେ ସାମନ୍ତ, ସତ୍ୟବାଦୀ ଗୋବିନ୍ଦ ରାଧାମୋହନ, ତୋର ଶରଣ ଗଲିରେ ମୁରଲୀ ଆଦି କାଳର ପରିଧି ଡେଇଁ ଚିରକାଳ ଆଦୃତ ହେଉଛି । ସେହିପରି କୃଷ୍ଣଲୀଳାତ୍ମକ ଗୀତିକାରେ ପ୍ରାୟ ଚାଳିଶ ଗୋଟି ଲୋକଲୋଚନକୁ ଆସିଥିଲେ ହେଁ ଏହା ଯେ ଚାରି ଶହ ହୋଇ ନ ଥିବ କହି ହେଉନାହିଁ। ରାଧାକୃଷ୍ଣଙ୍କର ନବାନୁରାଗ, ରୂପପ୍ରୀତି, ମାନ, ମାନଭଙ୍ଗ ପାଇଁ ଚାଟୁ, ଆକ୍ଷେପାନୁରାଗ, ବଂଶୀ ବିଭବ, ଘାଟଲୀଳା, କୃଷ୍ଣଙ୍କ ମଥୁରା ଗମନ ଜନିତ ବିରହ କାରୁଣ୍ୟ ବସନ୍ତ ବିଚ୍ଛେଦ, ପ୍ରୀତି ବିପତ୍ତି, ଅଭିସାରିକା ଆଦି ଖୁବ୍ ଚମତ୍କାର ସୃଷ୍ଟି ।

ଏ ସୌଦାମିନୀ ଘେନି କାଦମ୍ବିନୀ
ଘନେ ଘନରସ ବରଷିଲା
ଅତି ହରଷରେ ମଦନ ବଶରେ
ଶ୍ୟାମ ଶ୍ୟାମ ତନୁ ଜଡ଼ିଗଲା ।

କବି ଦୀନକୃଷ୍ଣଙ୍କୁ 'ଚଉତିଶା'ର ମହାନାୟକ ବୋଲି କୁହାଯାଏ। କାରଣ ପ୍ରାଚୀନ କବିମାନଙ୍କ ଭିତରୁ କବି ଦୀନକୃଷ୍ଣ ଥିଲେ ସର୍ବାଧିକ ଚଉତିଶାର ସ୍ରଷ୍ଟା । ରାଧା ଓ କୃଷ୍ଣଙ୍କୁ ନେଇ ଏ ସମସ୍ତ ଚଉତିଶା ଖୁବ୍ ବଳିଷ୍ଠ । 'କମଳାକାନ୍ତ ଚଉତିଶା', 'ପ୍ରାଣସଖୀ ଚଉତିଶା', 'ରାଧାକୃଷ୍ଣ ଚଉତିଶା', 'ଆର୍ତ୍ତତ୍ରାଣ ଚଉତିଶା', 'ସ୍ନାନୋତ୍ସବ ଚଉତିଶା' ଇତ୍ୟାଦି ହେଉଛି ତାଙ୍କର ଶ୍ରେଷ୍ଠ କୃତି। ଭଜନ, ଜଣାଣ, ଚଉପଦୀ, ଚଉତିଶା ଆଦିରେ ପ୍ରସ୍ଫୁଟିତ ହୁଏ କବି ଦୀନକୃଷ୍ଣଙ୍କର ମାନବୀୟ ମୂଲ୍ୟବୋଧର ଚେତନା। ସେହିପରି 'ନାମରତ୍ନ ଗୀତା', 'ରସ ବିନୋଦ', 'ନାମବ୍ରହ୍ମ ଗୀତା' ଆଦି କବିଙ୍କ ସାର୍ଥକ ସୃଷ୍ଟି ସଂପର୍କରେ ବିଶେଷ ଆଲୋଚନା ଏଯାବତ୍ ହୋଇନାହିଁ । 'ନାମରତ୍ନ ଗୀତା'ରେ ଶହେ ଅଧ୍ୟାୟ ରହିଛି ଯେଉଁଥିରେ କବି ବ୍ରହ୍ମଜ୍ଞାନର ସନ୍ଦେଶ ଦେବାକୁ ଚେଷ୍ଟା କରିଛନ୍ତି । ପ୍ରଥମ ଅଧ୍ୟାୟରେ କବି ଲେଖିଛନ୍ତି-

ଏଠାରେ ସେଠାରେ ବୋଲି ନ ରଟିବୁ ତା
ନାମ ରତ୍ନ ଗୀତା ପାର୍ଥ ସ୍ୱଚ୍ଛନ୍ଦ ମୁକୁତା
ବେଦ ବିଦ୍ୟା ନାନା ଶାସ୍ତ୍ର ପଢିଣ ବିଚାରି
ଚିତ୍ତରେ କଳ୍ପିଲେ ନାମ ସେହି କ୍ଷଣି ତରି ।

ସେମିତି 'ରସ ବିନୋଦ'ରେ ବୈଷ୍ଣବ ସାହିତ୍ୟର ମହାନ ଦର୍ଶନ ପ୍ରତିପାଦିତ ହୋଇଛି । ଏଥିରେ ବୟାଳିଶ ଅଧ୍ୟାୟ ରହିଛି। ପ୍ରତ୍ୟେକ ଅଧ୍ୟାୟ ନବାକ୍ଷରୀ ବୃତ୍ତରେ ରଚନା କରାଯାଇଛି । ମୋଟ ଉପରେ କବି ଦୀନକୃଷ୍ଣଙ୍କର ସୃଷ୍ଟି ସମ୍ଭାରକୁ ସାମଗ୍ରିକ ଭାବରେ ବିଚାର କଲେ ଗୁଣ ସାଗର, ଭାବ ସମୁଦ୍ର, ଭୂତ କେଳି, ନାବକେଳି, କଳିଯୁଗ, ତତ୍ତ୍ୱ ସାଗର, ପ୍ରସ୍ତାବ ସିନ୍ଧୁ, ଜଗମୋହନ ଛାନ୍ଦ, ଜାମ୍ବବତୀ ବିଭା, ରାସ ସାଗର, ବୃନ୍ଦାବନ ରାସଙ୍କ ବିଭା, କଂସ ବିଭା, ଜ୍ଞାନ ସାଗର, ଧର୍ମ ସାଗର, ପାଞ୍ଚପାଟ ବଂଶୀ ବିଭା, ସଂସାର ବୋଧକ ବୋଲି, ଅମୃତ ସାଗର, ମୁକ୍ତି ସାଗର, ଦରିଦ୍ର ଦାମୋଦର ଦ୍ୱିଜ, ନାମ ରତ୍ନ ଗୀତା, ଜ୍ଞାନ ଚୂଡାମଣି, ରସ ବିନୋଦ, ନରକାସୁର ବଧ, ଭକ୍ତି ସାଗର, ସ୍ତ୍ରୀ ପୁରୁଷ ଲକ୍ଷଣ, ମହିମା ସାଗର ଓ ଚଉତିଶାମାନ ଅନ୍ୟତମ । 'ରସ ବିନୋଦ' ପରେ ତାଙ୍କର ଅବଶିଷ୍ଟ ସୃଷ୍ଟି 'ରସ କଲ୍ଲୋଳ', 'ଅଳଙ୍କାର ବୋଲି', 'ଶରୀର ଭେଦ ଉଚ୍ଚ ନାଦ ଗୀତିକା', 'ସୁଭଦ୍ରା ହରଣ କାବ୍ୟ', 'ବଉଦ ବ୍ରହ୍ମ ଗୀତା' ଆଦି ବୋଲି କୁହାଯାଏ। ସର୍ବୋପରି ରୀତିଯୁଗର ସ୍ରଷ୍ଟାମାନଙ୍କ ମଧ୍ୟରେ ଦୀନକୃଷ୍ଣ ଜଣେ ଅନନ୍ୟ ଦିବ୍ୟ ଚେତନାର ସ୍ରଷ୍ଟା ବୋଲି କୁହାଯାଇ ପାରିବ । ■

ବିଶ୍ୱଶ୍ରୀ ପ୍ରେସ୍
ଫକୀରମୋହନ କଲେଜ ରୋଡ୍
ବାଲେଶ୍ୱର-୭୫୬୦୦୧

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏନ୍.ଏସ୍. ରାଜାସୁବ୍ରମଣି...

ସେବାପଦକ' ଓ 'ଅତି ବିଶିଷ୍ଟ ସେବା ପଦକ' ଭଳି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରାଯାଇଛି। ସେନାବାହିନୀ ସହିତ ନୌସେନାରେ ମଧ୍ୟ ନେତୃତ୍ୱ ପରିବର୍ତ୍ତନ ହୋଇଛି। ଭାଇସ୍ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ଆସନ୍ତା ମେ ୩୧ ତାରିଖରେ ଆଡମିରାଲ ଦିନେଶ କୁମାର ତ୍ରିପାଠୀଙ୍କ ସ୍ଥାନ ନେବେ। ସ୍ୱାମୀନାଥନ ଜଣେ ଦକ୍ଷ ଯୁଦ୍ଧ ଜାହାଜ ପରିଚାଳକ ଏବଂ ବୈଦ୍ୟୁତିକ ଯୁଦ୍ଧ କୌଶଳରେ ନିପୁଣ। ସେ ଭାରତର ବିଶାଳ ବିମାନବାହୀ ପୋତ 'ଆଇଏନଏସ ବିକ୍ରମାଦିତ୍ୟ'ର ମଧ୍ୟ ନେତୃତ୍ୱ ନେଇସାରିଛନ୍ତି। ଭାରତର ସୀମା ସୁରକ୍ଷା ଏବଂ ଆଭ୍ୟନ୍ତରୀଣ ପ୍ରତିରକ୍ଷା କ୍ଷେତ୍ରରେ ଏହି ଦୁଇ ଅଭିଜ୍ଞ ଅଧିକାରୀଙ୍କ ନିଯୁକ୍ତି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ବିଶେଷ କରି ସାମରିକ ଆଧୁନିକୀକରଣ ଏବଂ ତିନି ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

### ଅଗ୍ନି କ୍ଷେପଣାସ୍ତ୍ରର...

ୱାରହେଡ୍ ଲକ୍ଷ୍ୟଭେଦ କରିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଟ୍ରାକ୍ କରାଯାଇଥିଲା। ଏହି ପରୀକ୍ଷଣ ପାଇଁ ନିର୍ଦ୍ଧାରିତ ସମସ୍ତ ମିଶନ୍ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଥିବା ଉଡ଼ାଣ ତଥ୍ୟରୁ ସୂଚନା ମିଳିଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏହି ସଫଳ ପରୀକ୍ଷଣ ପରେ ଏକକ କ୍ଷେପଣାସ୍ତ୍ର ବ୍ୟବସ୍ଥା ଦ୍ୱାରା ଏକାଧିକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଏକସଙ୍ଗେ ଆକ୍ରମଣ କରିବାର କ୍ଷମତା ଭାରତ ପୁଣିଥରେ ପ୍ରଦର୍ଶନ କରିଛି। ଏମ୍ଆଇଆରଭି ଜ୍ଞାନକୌଶଳ ଓ ପ୍ରଯୁକ୍ତିକୁ ବିଶ୍ୱର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ବ୍ୟବସ୍ଥା ମଧ୍ୟରେ ଗଣାଯାଏ। ଏହା ମାଧ୍ୟମରେ ଏକ କ୍ଷେପଣାସ୍ତ୍ର ଏକାଧିକ ଲକ୍ଷ୍ୟକୁ ସ୍ୱତନ୍ତ୍ର ଭାବେ ଆକ୍ରମଣ କରିପାରେ। ଭାରତର ଏହି ସଫଳ ପରୀକ୍ଷଣ ଦେଶର ରଣନୈତିକ ଓ ପ୍ରତିରକ୍ଷା କ୍ଷମତାକୁ ନୂଆ ଶକ୍ତି ପ୍ରଦାନ କରିଛି। ଏହି ମିସାଇଲ୍ ବ୍ୟବସ୍ଥାକୁ ଦେଶର ବିଭିନ୍ନ ଶିଳ୍ପସଂସ୍ଥାଙ୍କ ସହଯୋଗରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାନ (ଡିଆରଡିଓ)ର ବିଭିନ୍ନ ପରୀକ୍ଷାଗାର ଦ୍ୱାରା ବିକଶିତ କରାଯାଇଛି। ପରୀକ୍ଷଣ ସମୟରେ ଡିଆର୍ଡିଓର ବରିଷ୍ଠ ବୈଜ୍ଞାନିକ ଓ ଭାରତୀୟ ସେନାର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ଭାରତୀୟ ସେନା ଏବଂ ଏଥିରେ ଜଡ଼ିତ ଶିଳ୍ପ ସଂସ୍ଥାଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆର୍ଡିଓ ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ମଧ୍ୟ ସଫଳ ପରୀକ୍ଷାରେ ଜଡ଼ିତ ବୈଜ୍ଞାନିକ ଓ ପ୍ରାୟୋଗିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

### ପଶ୍ଚିମବଙ୍ଗରେ ଶପଥ...

ମାତ୍ର ଆଉ ଦୁଇ ବିଧାୟକଙ୍କ ସମର୍ଥନ ପାଇଁ ଅଟକିଥିଲା ସରକାର ଗଠନ ପ୍ରକ୍ରିୟା। ଆଜି ଭିସିକେ ଏବଂ ମୁସଲିମ ଲିଗର ସମର୍ଥନ ଘୋଷଣା ପରେ ଏହି ଅଚଳାବସ୍ଥା ଦୂର ହୋଇଛି।

ଅଭିନେତାରୁ ନେତା ସାଜିଥିବା ବିଜୟଙ୍କ ଦଳ 'ତାମିଲଗା ଭେଟ୍ରି କାଝାଗମ' (ଟିଭିକେ)କୁ ଭିସିକେ ଏବଂ ମୁସଲିମ ଲିଗ୍ ବିନା ସର୍ତ୍ତରେ ସମର୍ଥନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ଦୁଇ ଦଳର ୪ ଜଣ ବିଧାୟକ ଅଛନ୍ତି। ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିନଥିବାରୁ ସରକାର ଗଠନକୁ ନେଇ ସଂଶୟ ଦେଖାଦେଇଥିଲା। ମାତ୍ର ଦୁଇ ବର୍ଷ ପୁରୁଣା ଏହି ଦଳ ୧୦୮ଟି ଆସନ ଜିତି ସର୍ବବୃହତ ଦଳ ଭାବେ ଉଭା ହୋଇଛି। ତେବେ ବିଜୟ ଦୁଇଟି ଆସନରୁ ଜିତିଥିବାରୁ ଜଣେ ସଦସ୍ୟ ଭାବେ ତାଙ୍କ ଦଳର ସଂଖ୍ୟା ୧୦୭ ରହିଛି। ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୧୧୮ ହୋଇଥିବା ବେଳେ ବିଜୟଙ୍କ ପାଖରେ ଏବେ ୧୨୦ ଜଣ ବିଧାୟକଙ୍କ ସମର୍ଥନ ମିଳିଛି। ଟିଭିକେକୁ ସମର୍ଥନ କରୁଥିବା ଦଳଗୁଡ଼ିକ ହେଲା କଂଗ୍ରେସ(୫), ବାମଦଳ(୪) ଓ ଭିସିକେ (୨) ଓ ମୁସଲିମ ଲିଗ (୨)। କଂଗ୍ରେସ ୫ଟି ଆସନ ସହ ସର୍ବପ୍ରଥମେ ବିଜୟଙ୍କୁ ସମର୍ଥନ କରିଥିଲା। ସେହିପରି ବାମଦଳ ୪ ଜଣ ବିଧାୟକଙ୍କ ସହ ଶୁକ୍ରବାର ସମର୍ଥନ ଜଣାଇଥିଲେ। ଶେଷରେ ଭିସିକେ ଓ ମୁସଲିମ ଲିଗ୍ ଆଜି ସମର୍ଥନ ଘୋଷଣା କରିବା ପରେ ବିଜୟଙ୍କ ସଂଖ୍ୟା ୧୨୦ରେ ପହଞ୍ଚିଛି। ଏହି ୪ଟି ଯାକ ଦଳ ନିର୍ବାଚନରେ ଡିଏମକେ ସହ ମେଣ୍ଟ କରିଥିଲେ।

### ବାଇକ୍‌କୁ ଧକ୍କା...

ଧାମୁଣିପଙ୍ଗା ଗାଁରେ ଜଣେ ସମ୍ପର୍କୀୟଙ୍କ ଶବ ସତ୍କାର କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ଦିନ ପ୍ରାୟ ୧୧ଟା ବେଳେ ବାଇକ୍ (ଓଡି-୧୮-ଏଲ-୭୦୬୮)ରେ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କୃଷ୍ଣନଗର ନିକଟରେ ଏକ ଦ୍ରୁତଗାମୀ କାର୍ (ଓଡି-୦୨-ଜି-୫୯୫୭) ସେମାନଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଦେବ ଓ ଶକୁନ୍ତଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇବା ପରେ କାର୍‌ର ଚକ ପଙ୍କଚର୍ ହୋଇଯିବାରୁ କିଛି ଦୂରରେ ତାହା ଅଟକି ଯାଇଥିଲା ଏବଂ ସେଥିରେ ଥିବା କାର୍ ଚାଳକ ଓ ଅନ୍ୟ ଜଣେ ଯାତ୍ରୀ ଫେରାର୍ ହୋଇଯାଇଥିଲେ। ଚାନ୍ଦିଲି ପୁଲିସ ଓ କଲ୍ୟାଣସିଂହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସୌମ୍ୟ ରଞ୍ଜନ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଦମ୍ପତିଙ୍କ ପରିବାର ଓ ସ୍ଥାନୀୟ ଲୋକ ୪୫ ନମ୍ବର ରାଜ୍ୟ ରାଜପଥକୁ ପ୍ରାୟ ୮ ଘଣ୍ଟା ଧରି ଅବରୋଧ କରିଥିଲେ। ପରେ ଚାନ୍ଦିଲି ଆଇଆଇସି ଉତ୍ତମ କୁମାର ସାହୁ, ଏସ୍‌ଡିପିଓ ଗୌରହରି ସାହୁ ଓ କଲ୍ୟାଣସିଂହପୁର ଏସଆଇ ସଞ୍ଜୟ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

### କ୍ରାଇମ୍‌ବ୍ରାଞ୍ଚ ତଦନ୍ତ...

ସାଂସଦ, ବିଧାୟକମାନେ ମଧ୍ୟ ରାଜ୍ୟରେ କ୍ରମାଗତ ବଢ଼ୁଥିବା ହିଂସା, ଅପରାଧକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ କରିବା ସହ ଘଟଣାକୁ ଗୁରୁତ୍ୱର ସହ ନେଇ ଲୋକସେବା ଭବନରେ ବରିଷ୍ଠ ପୁଲିସ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚ୍ଛେ, ଅତିରିକ୍ତ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଏଡିଜି କ୍ରାଇମବ୍ରାଞ୍ଚ୍ ବିନୟତୋଷ ମିଶ୍ର, ପୁଲିସ କମିସନର ଏସ୍ ଦେବଦତ୍ତ ସିଂହ ଏବଂ ଡିସିପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

### ପୁଲିସ ଅଟକାଇଲା ନାହିଁ...

ଥିବା ପୁଲିସ ଅଧିକାରୀମାନେ ପଛରେ ଛିଡ଼ା ହୋଇଥିଲେ। ଏପରିକି ସୌମ୍ୟ ମାଡ଼ ଖାଉଥିଲା ବେଳେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ଜଣେ ପୁଲିସ ଅଧିକାରୀ ସୌମ୍ୟଙ୍କ ଉପରେ ଚଢ଼ି ଯାଇଥିଲେ। ସୌମ୍ୟଙ୍କ ହାତଗୋଡ଼ ବାନ୍ଧି ବାଉଁଶରେ ଲଟକାଇ ଏକ ମିନିଟ୍ରକ୍‌ର ଡାଲାରେ ଫୋପଡ଼ାଯାଇଥିଲା, ଯାହା ସମ୍ପୃକ୍ତ ସାଦା ପୋଷକଧାରୀ ପୁଲିସ ଅଧିକାରୀଙ୍କର ହିଁ ପ୍ଲାନ୍ ଥିଲା ବୋଲି ଓମ୍ ସିଧାସଳଖ ଗଣମାଧ୍ୟମକୁ କହିଛନ୍ତି। ଭିଡ଼ରେ ୪୫ରୁ ଊର୍ଦ୍ଧ୍ୱ ଲୋକ ଥିଲେ; ହେଲେ ୧୨ରୁ ୧୫ ଜଣ ନିଛୁକ ମାଡ଼ ମାରୁଥିଲେ। ତେବେ ସୌମ୍ୟ ଯୁବତୀମାନଙ୍କୁ ଅସଦାଚରଣ କରିଥିବା ଅଭିଯୋଗକୁ ଓମ୍ ଅସ୍ୱୀକାର କରିଛନ୍ତି। ସେହିପରି ସୌମ୍ୟଙ୍କ ବାପା ଦୁଃଶାସନ ସ୍ୱାଇଁ ମଧ୍ୟ ପୁଅର ମୃତ୍ୟୁ ପାଇଁ ପୁଲିସକୁ ଦାୟୀ କରିଛନ୍ତି। ପୁଲିସ ସୌମ୍ୟଙ୍କୁ ଯେଉଁଭଳି ଭାବେ ହସ୍ପିଟାଲ ନେଇଗଲା, ତାହାକୁ ସେ କଠୋର ଭାଷାରେ ନିନ୍ଦା କରିଛନ୍ତି। ହାତଗୋଡ଼ ବାନ୍ଧି ଯେଭଳି ହସ୍ପିଟାଲ ନିଆଯାଇଥିଲା, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଲାଗୁଥିଲା ଯେପରି ଗାଈ ଓ ମଇଁଷିକୁ ବାନ୍ଧି ଡାଲା ଅଟୋରେ ନିଆଯାଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ; ଯାହାଦ୍ୱାରା ସମସ୍ତ ସତ୍ୟ ସାମ୍ନାକୁ ଆସିବ। ଏପରିକି ଏହି ଘଟଣା ସହ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯାଉ। ଯୁବତୀମାନଙ୍କର ମଧ୍ୟ ପଲିଗ୍ରାଫ୍ ଟେଷ୍ଟ କରାଗଲେ ସେମାନଙ୍କ ଅଭିଯୋଗର ସତ୍ୟତା ଜଣାପଡ଼ିବ। ଅନ୍ୟପକ୍ଷରେ ଏହି ଘଟଣାରେ ପୁଲିସ ପୂର୍ବରୁ ୫ଜଣଙ୍କୁ ଗିରଫ କରିଥିଲା ବେଳେ ଶନିବାର ଆଉ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଣ୍ଟି ଜେନା, ପ୍ରମୋଦ ଜେନା, ସୁଜିତ୍ ରାଣା, ଅଭିଷେକ୍ କାରା, ସଦାନନ୍ଦ ଖୁଣ୍ଟିଆ ଏବଂ ବିକ୍ରମ କେଶରୀ ଦାସ। ବିଭିନ୍ନ ସ୍ଥାନରୁ ଗିରଫ କରାଯିବା ପରେ ସେମାନଙ୍କୁ ଥାନାକୁ ଅଣାଯାଇଥିଲା।

ପରେ ଡାକ୍ତରୀମାଇନା ପାଇଁ ପଠାଯାଇଛି। ବାଲିଅନ୍ତା ଭିଡ଼ହତ୍ୟା ମାମଲାରେ ଗିରଫଦାରି ସଂଖ୍ୟା ୧୧ରେ ପହଁଞ୍ଚିଛି। ଏହି ସଂଖ୍ୟା ଆଗକୁ ବଢ଼ିପାରେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ୧୧ରେ ଲଘୁଚାପ...

କରାଯାଇଛି। ଏହାବ୍ୟତୀତ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହ ବର୍ଷା ଆଶଙ୍କା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ଧକ୍କା ଦେଇ ଚଢ଼ିଗଲା...

ହଠାତ୍ ଏକ ଅଜଣା ଗାଡ଼ି ସେମାନଙ୍କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡ଼ିଟି ସେଠାରୁ ଖସି ପଳାଇଥିଲା। ତେବେ ପଛରୁ ଦ୍ରୁତ ଗତିରେ ଆସୁଥିବା କିଛି ଗାଡ଼ି ମଧ୍ୟ ସେମାନଙ୍କ ଉପରେ ଚଢ଼ି ଯାଇଥିବା କୁହାଯାଉଛି। ଗାଡ଼ି ଚଢ଼ିଯାଇ କାହାର ମୁହଁ ନଷ୍ଟ ହୋଇଯାଇଥିଲା ତ ଆଉ କାହାର ଗୋଡ଼ ବୁଲି ଯାଇଥିଲା। ଏମିତିକି, ମୁଣ୍ଡରୁ ରୁଟି ମଧ୍ୟ ଉପୁଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇ ଯାଇଥିଲା। ଦୁର୍ଘଟଣା ପରେ ଭୁବନେଶ୍ୱର -ଖୋର୍ଦ୍ଧା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୁରୁତର ହୋଇଥିବା ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲା। ରାସ୍ତାରେ ପଡ଼ିଥିବା ମୃତଦେହକୁ ଉଠାଇ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଘଟଣାସ୍ଥଳରୁ ୨ଟି ସ୍କୁଟି ଓ ଗୋଟିଏ ବାଇକ୍ ଜବତ କରିଛି। ସେପଟେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବା ଲାଗି ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରୁଛି।

### ବାପା-ପୁଅ...

ରେ ସପରିବାର କୋରାପୁଟରୁ ମାଲକାନଗିରିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ସେଠାରୁ ଘରକୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ମାଣୀକାନ୍ତାଙ୍କ ଆଖି ଲାଗିଯିବାରୁ ମାଥିଲି ଥାନା ନିକଟରେ ଥିବା ବ୍ୟାରିକେଡ୍‌ରେ କାର୍‌ଟି ଧକ୍କା ହୋଇ ଥାନା ସମ୍ମୁଖରେ ଥିବା ଏକ ଜବତ ଟ୍ରକ୍‌ର ସମ୍ମୁଖକୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଶବ୍ଦ ଶୁଣି ସ୍ଥାନୀୟ ଲୋକ, ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସମସ୍ତେ କାର୍ ମଧ୍ୟରେ ଫସି ରହିଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟର୍ ସାହାଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ମାଣୀକାନ୍ତା ଓ ତାଙ୍କର ୧୧ମାସର ଶିଶୁ ପୁତ୍ର ପଟନୁର ପାର୍ଥିବକୁ ମୃତ ଘୋଷଣା କରିଥିଲେ। ଗାଡ଼ିରେ ଉପସ୍ଥିତ ଥିବା ବାକି ୩ ମହିଳା ଓ ଜଣେ ନାବାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ୨୦୨୬ ଶେଷ...

ଆକାଉଣ୍ଟରେ ପହଞ୍ଚିବା ମାତ୍ରେ, ଆମେ ଗ୍ରାହକ ଭାବରେ ଏକ ଗମ୍ଭୀର ମୁଦ୍ରାସ୍ଫୀତି ଆଘାତର ସମ୍ମୁଖୀନ ହେବୁ। ଅପରପକ୍ଷେ କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ଏପ୍ରିଲରେ ଭାରତରେ ନିରାମିଷ ଓ ଆମିଷ ଥାଳି ମହଙ୍ଗା ହୋଇଛି। କ୍ରିସିଲ୍ 'ରୋଟି ରାଇସ୍ ରେଟ୍' (ଆରଆରଆର) ରିପୋର୍ଟ ଅନୁସାରେ ବାର୍ଷିକ ଆଧାରରେ ଥାଳି ପିଛା ଖର୍ଚ୍ଚ ପ୍ରାୟ ୨% ବଢ଼ିଯାଇଛି। ଏଥିପାଇଁ ଟମାଟର, ବନସ୍ପତି ତେଲ ଓ ଏଲପିଜି ଙ୍କଟକୁ ଦାୟୀ କରାଯାଇଛି। ରିପୋର୍ଟ ମୁତାବକ ଦକ୍ଷିଣ ଭାରତରେ ଟମାଟୋ ଚାଷ ଅଞ୍ଚଳରେ ହ୍ରାସ ଯୋଗୁ ଉତ୍ପାଦନ ପ୍ରଭାବିତ ହୋଇଛି। ଏଣୁ ବଜାରରେ ଟମାଟୋ ଦର ପାଖାପାଖି ୩୮% ପର୍ଯ୍ୟନ୍ତ ବଢ଼ିଯାଇଛି। ସେହିପରି ବୈଶ୍ୱିକ ଯୋଗାଣ ଚାପ ଯୋଗୁ ବନସ୍ପତି ତେଲ ଓ ଏଲପିଜି ସିଲିଣ୍ଡର ଦର ୭% ଲେଖାଏଁ ବୃଦ୍ଧି ହୋଇଛି। ରିପୋର୍ଟରେ ଏହା ବି ସତର୍କ କରାଯାଇଛି ଯେ ଜୁଲାଇ ଓ ଅଗଷ୍ଟ ମାସରେ ଟମାଟର ଦର ଆହୁରି ବଢ଼ିପାରେ। ଆଗାମୀ ଦିନରେ ପିଆଜ ଦର ବୃଦ୍ଧି ନେଇ ମଧ୍ୟ କ୍ରିସିଲ ସତର୍କ କରିଛି। ଚଳିତ ବର୍ଷ ରବି ଫସଲ ଅମଳରେ ୪ରୁ ୬% ପର୍ଯ୍ୟନ୍ତ ହ୍ରାସ ହୋଇଛି।

---

**AFFIDAVIT**

By virtue an affidavit sworn before Notary Public, Phulbani, Kandhamal, dtd. 09.05.2026, I, Biranchi Majhi, S/o Shishir Majhi, At: Jargipadar, PO: Ratanga, PS: Phiringia, Dist: Kandhamal, Odisha, do hereby declare that I have changed my name from Akash Majhi to Biranchi Majhi for Aadhaar correction. Henceforth, I shall be known as **Biranchi Majhi** for all purposes.

Biranchi Majhi

**AFFIDAVIT**

By virtue of an affidavit Sl. No.84 sworn before The Notary Public, Bhubaneswar, dated: 08/05/2026. I, Abhimanyu Gouda, resident of Unit-4, Lalsingi, PO- Badakodanda, P.S.-Bhanjanagar, Dist. Ganjam, Odisha-761125, declare that I have changed the name of my son from **Managala Gouda** to **Rudra Prasad Gouda**. Henceforth, he shall be known as **Rudra Prasad Gouda** for all purposes.

**AFFIDAVIT**

By virtue of an affidavit (CF No. 103, dtd- 08.05.2026) sworn before The Executive Magistrate, Bhubaneswar. I, **Sai Krishna,** S/o Vijay Narayan Sanjay Kumar, (Aadhaar Card No: 9366 8154 2042), resident of Plot No. 190/694/695, Phase-1, Near Union Bank of India, Ananta Vihar, PO: Aerodrome Area, PS: Airfield, Bhubaneswar, PIN-751020, State: Odisha declare that I have changed my name from **V.N. Sai Krishna** (old name) to **Sai Krishna** (new name). Henceforth, I shall be known as **Sai Krishna** (new name) for all purposes.

**Sai Krishna**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 494, dated 07.05.2026, I, RATANABATI NAYAK, W/o - Lab Alias Laba Nayak, permanent resident of Village - Sirisi, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from RATNA NAYAK to RATANABATI NAYAK. Henceforth, I shall be known as **RATANABATI NAYAK** for all purposes.

Sd/- Ratanabati Nayak

**AFFIDAVIT**

By virtue an affidavit sworn before Executive Magistrate, Phulbani, Kandhamal, dtd. 06.05.2026, vide no.1341, I, Manasa Jala, S/o Balmiki Jala, At: Balipadar, PO: Gochhapada, Dist: Kandhamal, do hereby declare that I have changed my name from Manas Jal (old name) to Manasa Jala (new name) for Aadhaar correction. Henceforth, I shall be known as **Manasa Jala** for all purposes.

Manasa Jala

**OFFICE OF THE SUPERINTENDING ENGINEER**
**POTTERU CANAL DIVISION, M.V-79**

32001/179/2627

e-mail Id : eepcdbhuba65@gmail.com

e-Procurement Notice No. SE-PCD-MV79-01/ 2026-27

1. **Type of Works:** System Improvement works.
2. **Total No. of Works:** - Thirty Seven (37) Nos.
3. **Estimated Cost:** - Varies from Rs.9.65 Lakhs to Rs.32.91 Lakhs
4. **Period of Completion:** - 180 (One hundred eighty) days

| Procurement Officer | Bid Identification No. | Bid Amount (Rs. In Lakhs) | Availability & Submission of Bids- on line. |
|---|---|---|---|
| Superintending Engineer, Potteru Canal Division, M.V-79, Malkangiri | SE-PCD-MV79-01(1)/2026-27 to SE-PCD-MV79-01(37)/2026-27 | Varies from Rs.9.65 Lakhs to Rs.32.91 Lakhs | From 12.05.2026 10.00 A.M. to 21.05.2026 5.00 P.M. |

**Date of opening of the Tender / Bid:** - 22.05.2026 at 11.00 A.M.

Further details can be seen from the Govt. Website www.tendersorissa.gov.in

Superintending Engineer,
Potteru Canal Division, M.V-79

OIPR-32001/32551/1/26-27/0002

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 803, dated 08.05.2026, I, TRIPATI MIRGAN, S/o - Sabhapati Mirgan, permanent resident of Village - Saranpur, PO - Mantriguda, PS - Papadahandi, Dist - Nabarangpur, Odisha, Pin - 764059, declare that I have changed the name of my Son from PILA BABU MIRSHAN to PILABABU MIRGAN. Henceforth, he shall be known as **PILABABU MIRGAN** for all purposes.

Sd/- Tripati Mirgan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 802, dated 08.05.2026, I, SANTI LATA PATRA, W/o - Biswanath Patra, permanent resident of - Sankhari Sahi, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from LALI BEHERA to SANTI LATA PATRA. Henceforth, I shall be known as **SANTI LATA PATRA** for all purposes.

Sd/- Santi Lata Patra

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ବୃଉଙ୍ଗ ଏବଂ ହାଡୁଆ ଜଳସେଚନ ପ୍ରକଳ୍ପ, ଦଶପଲ୍ଲା, ନୟାଗଡ**

32001/179/2627

ସଂଖ୍ୟା -୪୬୩ ତାରିଖ: ୦୮.୦୫.୨୦୨୬

**ଟେଣ୍ଡର ଆମନ୍ତ୍ରଣ ନୋଟିସ୍**

"e" Procurement Notice No. CCE-BHIP-02/2026-27 Dt.08.05.2026

ପ୍ରକଳ୍ପଗୁଡ଼ିକର ସୁରକ୍ଷା ଓ ଗୁଣବତ୍ତା ନିଶ୍ଚିତ କରିବା ପାଇଁ ପ୍ରୁଫ୍ ଇଞ୍ଜିନିୟରିଂ କନ୍ସଲଟାଣ୍ଟ (PEC) ର ନିଯୁକ୍ତି ପାଇଁ ଇ-ସଂଗ୍ରହଣ ମାଧ୍ୟମରେ ଡବଲ୍ କଭରରେ ଅନଲାଇନ୍ ପ୍ରସ୍ତାବ ପାଇଁ ଅନୁରୋଧ (RFP) ଟେଣ୍ଡର ଆମନ୍ତ୍ରଣ ନିମନ୍ତେ।

| | | |
|---|---|---|
| ୧ | କାର୍ଯ୍ୟର ନାମ: | ୦୧ (ଗୋଟି) ସଂଖ୍ୟା ପ୍ରୁଫ୍ ଇଞ୍ଜିନିୟରିଂ କନ୍ସଲଟାଣ୍ଟ (PEC) ନିଯୁକ୍ତି |
| ୨ | ଅଟକଳ ମୂଲ୍ୟ: | ୮୧ ଲକ୍ଷ ଟଙ୍କା ପ୍ରତ୍ୟେକ |
| ୩ | କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: | ୨୪ (ଚବିଶି) ମାସ। |
| ୪ | ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: | ତା.୧୧.୦୫.୨୦୨୬ ରେ ୧୦.୦୦ ଘଣ୍ଟାରୁ ତା. ୨୫.୦୫.୨୦୨୬ ରେ ୧୭.୦୦ ଘଣ୍ଟା ପର୍ଯ୍ୟନ୍ତ। |
| ୫ | ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: | ତା. ୨୫.୦୫.୨୦୨୬ ରେ ୧୭.୦୦ ଘଣ୍ଟା |
| ୬ | ବୈଷୟିକ ବିଡ୍ ଖୋଲିବାର ତାରିଖ: | ତା. ୨୬.୦୫.୨୦୨୬ ରେ ୧୧.୩୦ ଘଣ୍ଟା |
| ୭ | ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: | ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ବୃଉଙ୍ଗ ଏବଂ ହାଡୁଆ ଜଳସେଚନ ପ୍ରକଳ୍ପ, ଠିକଣା: ଦଶପଲ୍ଲା, ନୟାଗଡ-୭୫୨୦୮୪; ଇମେଲ: ccebhip@gmail.com |

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ବଳିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।

ମୁଖ୍ୟ ନିର୍ମାଣ ଯନ୍ତ୍ରୀ
ବୃଉଙ୍ଗ ଏବଂ ହାଡୁଆ ଜଳସେଚନ ପ୍ରକଳ୍ପ, ଦଶପଲ୍ଲା

OIPR-32001/32551/1/26-27/0002

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 805, dated 08.05.2026, I, NANDINI BEHERA, W/o - Purna Chandra Behera, permanent resident of - Ichabatiguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from PURNA NANDINI BEHERA to DISHA BEHERA. Henceforth, she shall be known as **DISHA BEHERA** for all purposes.

Sd/- Nandini Behera

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
**ଜିଲ୍ଲା - ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୧୬**

13001/408/2627

**NOTIFIED AREA COUNCIL, TARBHA**

Dist. - Subarnapur, Odisha 767016

No. 823 / Date 07.05.2026, EMAIL- nactarbha@gmail.com

**QUOTATION CALL NOTICE**

Sealed Quotations/ Tenders in Double Covers are invited by the Executive Officer, NAC Tarbha from the Registered Firms / Entrepreneurs / Agency / Contractors /Private Companies for **Supplying, Fitting, Fixing, Construction of 12.00Mtr.** Entrance Structural Night Vision Gate at Tarbha-Kamsara Road JNV Chowk as per specification given in DTCN. All Quotations/ Tenders should reach before the undersigned by **Dt.21.05.2025 within 01.00 PM** through Speed Post / Regd. Post / Courier /by hand (Box Drop) accompanied with Registration Certificate, PAN, GSTIN Certificate, ITR Statements of last 3 Years etc. as specified in the DTCN along with Tender Paper Cost of **Rs. 10000/- and EMD @ Rs. 01%** of the estimated cost in shape of TDR pledged in favour of Executive Officer, NAC Tarbha which will be opened on **Dt.22.05.2025 at 10.30 AM** in the **Office of Executive Officer, NAC, Tarbha** in the presence of Quotationers/ Bidders or their authorized representative. Quotations received after the stipulated period shall not be entertained. The undersigned reserves the right to accept or reject any or all the quotations without assigning any reason thereof.

Executive Officer
N.A.C., Tarbha

OIPR-13001/13199/1/26-27/0002

**GOVERNMENT OF ODISHA,**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**HARABHANGI IRRIGATION DIVISION,**
**ADAVA, Dist: GAJAPATI, ODISHA.**

32001/172/2627

e mail – eeharabhangi@gmail.com

**e-Procurement Notice No.:- SE- HID-ADV-02 /2026-27**

Bid document consisting of work, estimated cost, cost of tender paper, time of completion, class of contractor, the set of terms and conditions of contract and other necessary documents can be seen in e-procurement portal http://tendersodisha.gov.in

| | | |
|---|---|---|
| 1. | Type of the work | : System Improvement Works. |
| 2. | No. of work | : 36 Nos. |
| 3. | Class of contractor | : " D", and "C" |
| 4. | Bid identification No. | : HID–05/2026-27 to HID–40/2026-27 |
| 5. | Estimated cost | : Rs. 3.25 Lakh to 19.72 Lakh. |
| 6. | Period of completion | : 30 days & 90 days |
| 7. | Date & time of availability of bid documents in the portal. | : From 11.05.2026, 11.00 AM to 22.05.2026 up to 5.30 P.M. |
| 8. | Last date / time for receipt of bids in the portal. | : 22.05.2026 up to 5.30 P.M. |
| 9. | Name of the officer inviting Bid. | : Superintending Engineer, Harabhangi Irrigation Division, Adava, Dist.: -Gajapati, Odisha. |

Any addendum / corrigendum / cancellation of tender can also be seen in the said Website.

**Date of opening of the Bid:- 25.05.2026 at 11.00 A.M**

Further details can be seen from the Govt. website www.tendersodisha.gov.in.

S/d
Superintending Engineer
Harabhangi Irrigation Division
Adava, Dist:Gajapati

OIPR-32001/32474/1/26-27/0002

**PM SHRI SCHOOL**
**JAWAHAR NAVODAYA VIDYALAYA**

AT/PO:TARBHA,DIST.SONEPUR,ODISHA,PIN-767016
An Autonomous Organization under Ministry of Education
Department of School Education & Literacy, Government of India

**Ref. No. F.No. 2.16/JNVTS(O)/2026-27/271** **Dated: 07.05.2026**

**निविदा सूचना / TENDER NOTICE**

पीएम श्री स्कूल जवाहर नवोदय विद्यालय, तरभा, जिला : सोनपुर (ओडिशा) को सत्र 2026-27 के लिए विभिन्न भण्डार सामग्री जैसे बिस्तर सामग्री, किराना सामान, सब्जियां, बेकरी सामग्री, मांसाहारी सामग्री, शौचालय सामग्री, स्टेशनरी सामग्री, खेल सामग्री, रखरखाव और मरम्मत सामग्री, बिजली के सामान आदि की आपूर्ति और बाल काटने, वर्दी धोने और इस्त्री करने, वाहन किराए पर देने आदि जैसे कार्यों के लिए अधिकृत पंजीकृत डीलरों/निर्माताओं/आपूर्तिकर्ताओं/कंपनियों से सीलबंद निविदाएं आमंत्रित की जाती हैं।

निविदा प्रपत्र/दस्तावेज प्राचार्य, पीएम श्री स्कूल जवाहर नवोदय विद्यालय, तरभा, जिला : सोनपुर (ओडिशा) के कार्यालय से **09.05.2026 से 30.05.2026** तक किसी भी कार्य दिवस में शाम 4 बजे तक **500/- रुपये** प्रति सेट के भुगतान पर प्राप्त किए जा सकते हैं। इसके अतिरिक्त, इसे विद्यालय की आधिकारिक वेबसाइट *https://www.navodaya.gov.in/nvs/nvs-school/Sonepur/en/home/* से भी डाउनलोड किया जा सकता है। हालांकि, निविदा प्रपत्र जमा करते समय, निविदा प्रपत्र की लागत के रूप में प्राचार्य, जेएनवी, तरभा के नाम पर डिमांड ड्राफ्ट के रूप में प्रति सेट 500/- रुपये की राशि अलग से जमा करनी होगी।

पूर्ण, सीलबंद निविदाएं और प्राचार्य, जेएनवी, तरभा के नाम पर डिमांड ड्राफ्ट के रूप में E.M.D. जमा करने की अंतिम तिथि **01.06.2026 को शाम 4:00 बजे तक** है। निविदाएं व्यक्तिगत रूप से या पंजीकृत डाक/स्पीड पोस्ट द्वारा जमा की जा सकती हैं। निर्धारित तिथि/समय के बाद प्राप्त निविदाएं स्वीकार नहीं की जाएंगी।

निविदाएं **02.06.2026 को सुबह 11:00 बजे** प्राचार्य के कार्यालय कक्ष में क्रय सलाहकार समिति द्वारा खोली जाएंगी।

Sealed Tenders are invited from the authorized registered Dealers/ Manufacturers/ Suppliers/ Companies for supply of various Store items like Bedding items, Grocery items, Vegetables, Bakery items, Non-veg. items, Toilet items, Stationary items, Sports items, M&R items, Electrical items etc. and work like hair cutting, Uniform washing and pressing, Hiring of Vehicle etc. for the session 2026-27 to PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha).

The tender form/documents can be purchased on payment of **Rs.500/-** for each set of tender form from the office of the Principal, PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha) **w.e.f. 09.05.2026 to 30.05.2026 upto 04.00 pm in any working day.** Further the same can also be downloaded from the official website of the Vidyalaya i.e. https://www.navodaya.gov.in/nvs/nvs-school/Sonepur/en/home/. However, during submission of tender forms an amount of **Rs.500/-** per set in the form of demand draft should be deposited separately in favour of Principal, JNV, Tarbha as cost of tender form.

The last date of submission of completed sealed tenders alongwith the EMD in the form of Demand draft in favour of the Principal, JNV, Tarbha in the office of the Principal is **01.06.2026 upto 04.00 PM** physically or by registered post/speed post. Tender received after stipulated date/time will not be entertained.

The tenders will be opened on **02.06.2026 at 11.00 AM** in the office chamber of Principal by the Purchase Advisory Committee.

Sd/-
प्राचार्य / Principal

**AFFIDAVIT**

By virtue of an affidavit No-2071, dated- 06.05.2026 sworn before the Executive Magistrate, Binjharpur. I, **Jagatjita Panda,** D/o- Upendra Kumar Panda, permanent resident of Vill- Dihakula, Po- Biripata, Dist- Jajpur, Odisha, Pin- 755013 declare that I have changed my name from **Soumya Jagatjita Panda** (old name) to **Jagatjita Panda** (new name). Henceforth, I shall be known as **Jagatjita Panda** for all future purposes.

**(Jagatjita Panda)**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 495, dated 07.05.2026, I, SADASIBA BHATRA, S/o - Johano Bhatra, permanent resident of Village - Khandiguda, PO - Sindhigaon, PS - Nabarangpur, Dist- Nabarangpur, Odisha, Pin - 764063, declare that I have changed the name of my Son from KAMESWAR BHATRA to KEMESWAR BHATRA. Henceforth, he shall be known as **KEMESWAR BHATRA** for all purposes.

Sd/- Sadasiba Bhatra

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 09/05/2026. I, **Debanti Bag** (applicant name), W/o Debendra Bag, permanent & current resident of AT: Bagpada, Mahulpada, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Lily Bag** (old name) to **Nilu Bag** (new name). Henceforth, he shall be known as **Nilu Bag** (new name) for all future purposes.

**(Debanti Bag)**

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
**ବାଲେଶ୍ୱର ଶାଖା**
(ଭାରତ ସରକାରଙ୍କ ଏକ ଉପକ୍ରମ)

ଠିକଣା : ବିବେକାନନ୍ଦ ମାର୍ଗ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧
ଫୋନ୍ ନଂ.: ୮୯୨୫୯୫୦୮୩୨, ଇମେଲ୍ ଆଇଡ଼ି : iob0832@iob.in

**ଦଖଲ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ କଥିତ ରୁଲ ୮ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ**

ନିମ୍ନସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲ କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବାଲେଶ୍ୱର ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେବାକୁ ଥିବା ଦେୟ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସବିଶେଷ ବିବରଣୀ |
|---|---|---|---|
| ଋଣଗ୍ରହୀତା : ମେସର୍ସ ଶ୍ରୀ ଭଗବତୀ କ୍ରିଏସନ୍, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ଦିଲ୍ଲୀପ କୁମାର ଦାଶ, ସା : ୫୭, ଭାସ୍କରଗଞ୍ଜ-ଏ, ଏଫ୍.ଏମ୍. ସର୍କଲ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧ / ବନ୍ଧକଦାତା : ଶ୍ରୀ ଦିଲ୍ଲୀପ କୁମାର ଦାଶ, ପିତା : ଶ୍ରୀ ନିରଞ୍ଜନ ଦାଶ, ସା : ଦୁର୍ଗାପୁର, ପୋ: ନରସିଂହପୁର, ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ / ଜାମିନଦାର : ଶ୍ରୀ ନିରଞ୍ଜନ ଦାଶ, ସା : ଦୁର୍ଗାପୁର, ପୋ: ନରସିଂହପୁର, ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ | ତା ୩୦.୧୧.୨୦୨୫ ସୁଦ୍ଧା ଟ.୧୬,୪୮,୮୫୧.୫୧ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ପରବର୍ତ୍ତୀ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୫.୧୨.୨୦୨୫ / ୦୮.୦୫.୨୦୨୬ | ଶ୍ରୀ ଦିଲ୍ଲୀପ କୁମାର ଦାଶଙ୍କ ନାମରେ ଥିବା ବାସପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୬/୧୬୩୯, ଖାତା ନଂ .: ୧୩୭, କ୍ଷେତ୍ର : ଏକର ୦.୧୮୦ ଡିସିମିଲି, ମୌଜା : ଦୁର୍ଗାପୁର, ପୋ : ନରସିଂହପୁର, ଥାନା / ତହସିଲ: ନୀଳଗିରି, ଜିଲ୍ଲା : ବାଲେଶ୍ୱର, ଓଡ଼ିଶା - ୭୫୬୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର : ପ୍ଲଟ୍ ନଂ.: ୧୨୩୪ ଏବଂ ୧୨୫୮, ଦକ୍ଷିଣ : ପ୍ଲଟ୍ ନଂ.: ୧୨୪୯ ଏବଂ ୧୨୫୦, ପୂର୍ବ : ରାସ୍ତା, ପଶ୍ଚିମ : ପ୍ଲଟ୍ ନଂ.: ୧୨୪୧ ଏବଂ ୧୨୪୫ |

ତାରିଖ : ୦୮.୦୫.୨୦୨୬, ସ୍ଥାନ : ବାଲେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଗୁଜରାଟର ଅପହୃତ ମାର୍ବଲ ବ୍ୟବସାୟୀ ଉଦ୍ଧାର

## କାର୍ ଜବତ; ଦୁଇ ଗିରଫ

ଆନନ୍ଦପୁର, ୯।୫ (ସମିସ): ଆନନ୍ଦପୁର ପୁଲିସ ଟିମ ଆକ୍ସନ ମୋଡରେ। ଅପହୃତ ହୋଇଥିବା ଗୁଜରାଟର ଜଣେ ମାର୍ବଲ ବ୍ୟବସାୟୀ ଜମନଭାଇଙ୍କୁ ଉଦ୍ଧାର କରିଛି। ଏଥିସହ ଏହି ମାମଲାରେ ସମ୍ପୃକ୍ତ ଏକ ବ୍ୟବହୃତ କାର ଏବଂ ଅପହରଣକାରୀ କେନ୍ଦୁଝର ଟାଉନର ବ୍ୟବସାୟୀ ବଜରଙ୍ଗ ଲାଲ ଓ ତାଙ୍କ ଡ୍ରାଇଭର ମୁନିରାମଙ୍କୁ କାବୁ କରଛି। ସୂଚନା



ଅନୁସାରେ, ଦୀର୍ଘ ଦିନ ଧରି ପଡ଼ି ରହିଥିବା ପ୍ରାୟ ୯ ଲକ୍ଷ ବାକି ଟଙ୍କା ମାଗିବାରୁ ଅଭିଯୁକ୍ତ ବଜରଙ୍ଗଲାଲ ଘରକୁ ଡାକି ନିସ୍ଠୁକ ମାଡ଼ ମାରି ପାଖରେ ଥିବା ପ୍ରାୟ ୧୪ ଲକ୍ଷ ଟଙ୍କା ଲୁଟି ନେଇଥିଲା। ୩୩ ଲକ୍ଷ ଟଙ୍କା ବାକି ଅଛି; ଯାହା ନଦେଲେ ମାରିଦେବାକୁ ଧମକ ଦେଇଥିଲା। କିଛି ସମୟ ପରେ ଓଡି ୨୨ୱାଇ ୪୯୯୯ ନମ୍ବର କାରରେ କଟକ ନେଇଯାଉଥିବା ବେଳେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା ପୁଲିସ ପାଟ୍ରୋଲିଙ୍ଗ ପାର୍ଟି ଗାଡ଼ିକୁ ଜବଦ କରି ବ୍ୟବସାୟୀଙ୍କୁ ଉଦ୍ଧାର କରିଥିଲେ।

# ମହେଶ୍ୱର ସାହୁଙ୍କୁ ଭେଟିଲେ ବିଜେଡି ରାଜ୍ୟ ସମ୍ପାଦକ

ହାଟଡିହୀ, ୯।୫(ସମିସ): କିଛିଦିନ ତଳେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ କୃଷକ ନେତା ମହେଶ୍ୱର ସାହୁ ଦୁର୍ଘଟଣାର ଶିକାର ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ଆଜି ରାଜ୍ୟ ବିଜେଡ଼ି ସମ୍ପାଦକ ତଥା ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଆନନ୍ଦପୁରସ୍ଥିତ ମହେଶ୍ୱରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶ୍ରୀ ରାଉତ କହିଛନ୍ତି ଯେ ମହେଶ୍ୱର ସାହୁ ଜଣେ ସମର୍ପିତ କୃଷକ ନେତା। ଚାଷୀ ଓ ସାଧାରଣ ଲୋକଙ୍କ ଅଧିକାର ପାଇଁ ସଂଘର୍ଷ କରିଆସିଛନ୍ତି।



ତାଙ୍କ ପରି ଜଣେ ଅନୁଭବୀ ଓ ଲୋକପ୍ରିୟ ନେତା ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ସାମାଜିକ ଓ ସଂଗଠନୀୟ କାର୍ଯ୍ୟରେ ସକ୍ରିୟ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଥିସହ ଅଞ୍ଚଳ ତଥା ଅଞ୍ଚଳ ବାହାରୁ ବହୁ ବରିଷ୍ଠ ନେତା, ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ ଓ ଶୁଭେଚ୍ଛୁମାନେ ମଧ ଶ୍ରୀ ସାହୁଙ୍କୁ ଭେଟି ତାଙ୍କ ଆରୋଗ୍ୟ କାମନା କରିଛନ୍ତି।

# ହାତୀଙ୍କୁ ଚିଡ଼ାଇ ଦୁଇ ଗିରଫ

ତୁରୁମୁଙ୍ଗା, ୯।୫(ସମିସ): ବଣୁଆ ହାତୀଙ୍କୁ ଠେଙ୍ଗାରେ ପିଟିବା, ଲାଞ୍ଜ ଟାଣିବା ସହ ଡ୍ରୋନ ସାହାଯ୍ୟରେ ବଣୁଆ ହାତୀ ପଲଙ୍କ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ଭଳି ଅପରାଧ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୯/୫୨କୁ ଉଲଂଘନ କରିବା ଅଭିଯୋଗରେ ପାଟଣା ବନ ବିଭାଗ ୨ ନାବାଳକଙ୍କୁ ଗିରଫ କରି ବାଳ ସୁଧାର ଗୃହକୁ ପଠାଇଛି। ତାଙ୍କ ପାଖରୁ ବନ ବିଭାଗ ଜଙ୍ଗଲୀ ହାତୀଙ୍କ ଭିଡିଓ ଉତ୍ତୋଳନ କରିଥିବା ମୋବାଇଲ ଫୋନ ଜବତ କରିଛି।

# ଯୁବତୀଙ୍କ ଝୁଲନ୍ତା ଶବ ଉଦ୍ଧାର

ତୁରୁମୁଙ୍ଗା, ୯।୫(ସମିସ): ପାଟଣା ଥାନା ସୋରାସକେଲା ଗ୍ରାମର ମକାବନ୍ଧ ସାହି ରୁପା ବେଣ୍ଟକାର (୨୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳୁ ଘର ପଛ ପଟରେ ଥିବା ଏକ କାଜୁ ଗଛରୁ ଉଦ୍ଧାର ହୋଇଛି। ସେ ଏକ ଶାଢ଼ି ସାହାଯ୍ୟରେ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଏସଆଇ ଧନେଶ୍ୱର ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

**ବେଆଇନ ବାଲି ଚାଲାଣରେ ସ୍ପେସାଲ ସ୍କ୍ୱାଡ୍‌ର ଚଢ଼ଉ**

# ୧୧ ହାଇୱା ସହ ୪ଟି ମେସିନ୍ ଜବତ; ୧୬ ଗିରଫ







ହାଟଡ଼ିହୀ/ଆନନ୍ଦପୁର, ୯।୫ (ସମିସ):

ଆନନ୍ଦପୁର ଉପଖଣ୍ଡରେ ଗୃହ ନିର୍ମାଣ ପାଇଁ ମୁଠାଏ ବାଲି ମିଳୁ ନଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈତରଣୀ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ଉପରେ ଜିଲ୍ଲା ସ୍ପେସାଲ ସ୍କ୍ୱାଡ୍ ପକ୍ଷରୁ ଏକ ବଡ଼ଧରଣର ଚଢ଼ଉ ଶନିବାର କରାଯାଇଛି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଆମାରଙ୍ଗ ବାଲି ଘାଟ ଉପରେ ବିଳମ୍ବିତ ରାତିରେ କେନ୍ଦୁଝର ସ୍ପେସାଲ ସ୍କ୍ୱାଡର ଏକ ସ୍ୱତନ୍ତ୍ର ଟିମ ଅଚାନକ ଚଢ଼ଉ କରି ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ୨ଟି ଜେସିବି ମେସିନ ଓ ୪ଟି ହାଇୱା ଗାଡ଼ିକୁ ଜବତ କରିଛି। ସେହିପରି ଦୀର୍ଘ ଦିନ ଧରି ଘାଟ ନିକଟରେ ଖରାପ ଅବସ୍ଥାରେ ପଡ଼ିଥିବା ଅନ୍ୟ ୨ଟି ମେସିନକୁ ମଧ ଜବତ କରାଯାଇ ଘସିପୁରା ପୁଲିସଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ, ଅମାରଙ୍ଗ ବ୍ୟତୀତ ଏହି ଚଢ଼ଉ ଦଳ କୋଇମାଟି, ବନ୍ଧ, କଅଁସ, କେନ୍ଦୁଆ ଆଦି ଅଞ୍ଚଳରେ ମଧ ଛାନଭିନ କରି ମୋଟ ୧୧ଟି ହାଇୱା ଟ୍ରକ୍ ସହ ୪ଟି ଜେସିବି ମେସିନଗୁଡ଼ିକୁ ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ନନ୍ଦିପଦା ଥାନା ଇନ୍ସପେକ୍ଟର ବଳିଆ ବାରିକଙ୍କ ନେତୃତ୍ୱରେ ନନ୍ଦିପଦା ଥାନା ପୁଲିସ୍ ଓ ସ୍ପେସାଲ୍ ସ୍କ୍ୱାଡ ବୈତରଣୀ ନଦୀର ବିଭିନ୍ନ ଘାଟ ଉପରେ ମିଳିତ ଚଢ଼ଉ କରିଥିଲେ। ବିଳମ୍ବିତ ରାତିରେ ଚଢ଼ଉ ବେଳେ ବେନିୟମ ବାଲି ପରିବହନ କରୁଥିବା ୫ଟି ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିବାରେ ସଫଳ ହୋଇଥିଲା। ଏହି ସମୟରେ କିଛି ଯୁବକ ଯେଉଁମାନେ କି ବାଲି ଗାଡିକୁ ସୁରକ୍ଷା ଯୋଗାଉଥିଲେ ସେହି ଯୁବକମାନେ ପୁଲିସର କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ପୁଲିସ ଗାଡ଼ିକୁ ପିଛା କରି ଟେକା ପଥର ଫିଙ୍ଗିଥିଲେ। ପୁଲିସ୍ ଏହି ଘଟଣାରେ କିଛି ଅଭିଯୁକ୍ତଙ୍କୁ ପଚରାଉଚରା କରୁଥିବା ବେଳେ ଡ଼ିମିରିଆ ଗ୍ରାମର ରାଧାମୋହନ ବାରିକ, ପ୍ରହ୍ଲାଦ ବାରିକ, ଲିଟୁ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ରବିନ୍ଦ୍ର ବାରିକ, ସୁଲଣ ପଞ୍ଚାୟତ ଜଳସରପୁର ଗ୍ରାମର ଅଜୟ ଜେନା, ଅଣା ଗ୍ରାମର ସୋମନାଥ ରାଜ, ଭଦ୍ରକ ଜିଲ୍ଲା ଅସୁରାଳୀ ଗ୍ରାମର ସୁଧିର ଘଡେଇ, ଆଗରପଡା ଥାନା ବୋଡକ ମହାଯିବ ଗ୍ରାମର ଶଙ୍କର୍ଷଣ ଜେନା ପ୍ରମୁଖଙ୍କୁ ଗିରଫ କରିଛି। ଏନେଇ ୬ଟି ମାମଲା ରୁଜୁ କରିବା ସହ ଭାରତୀୟ ନ୍ୟାୟ ସଂହିତା ଧାରା ୧୯୧(୨), ୧୯୧(୩), ୧୨୬(୨), ୧୦୯, ୧୩୨, ୧୨୧(୧), ୨୨୧, ୨୯୬, ୩୫୧(୩), ୧୯୦ ଏବଂ ଓଡ଼ିଶା ମାଇନିଙ୍ଗ ରୁଲ୍ ଧାରା ୫୧(୧) ରେ ୬ଟି ମାମଲା ରୁଜୁ କରିଛି।

ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଘାଟ ସୃଷ୍ଟି କରି ଦିନ ରାତି ବ୍ୟାପକ ଭାବେ ବାଲି ଲୁଟ କରାଯାଉଛି। ବାଲି ମାଫିଆମାନେ ନଦୀ ଗର୍ଭକୁ ନିର୍ଦ୍ଦୟଭାବେ ଖୋଳି ପ୍ରତିଦିନ ଶତାଧିକ ଟ୍ରିପ ବାଲି ହାଇୱା ଯୋଗେ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହାଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ବାଲି ମାଫିଆମାନେ ମାଲେମାଲ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବେଆଇନ ବାଲି ଉତ୍ତୋଳନ କାରଣରୁ ନଦୀର ପରିବେଶ ଗୁରୁତର ଭାବେ ପ୍ରଭାବିତ ହେଉଛି। ନଦୀ ବନ୍ଧ ଦୁର୍ବଳ ହେବା ସହ ଚାଷ ଜମି ମଧ କ୍ଷତିଗ୍ରସ୍ତ ହେଉଛି। ରାତି ଅଧିକ ହେଲେ ନଦୀ ପଠାରେ ହାଇୱା ଓ ଭାରୀ ମେସିନର ଶବ୍ଦରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ତେବେ ସ୍ପେସାଲ ସ୍କ୍ୱାଡର ଏହି ଚଢ଼ଉ ପରେ ବାଲି ମାଫିଆମାନଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏଭଳି ଚଢ଼ଉ ଆହୁରି ଜୋରଦାର କରାଯିବ ବୋଲି ପୁଲିସ ଏସଡିପିଓ କମଳ କୁମାର ପଣ୍ଡା କହିଛନ୍ତି।

■ **ତ୍ରୁଟିପୂର୍ଣ୍ଣ ଡିଭାଇଡର୍‌ରେ ଦୁର୍ଘଟଣା**

# ପଲଟିଲା କାର୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଆନନ୍ଦପୁର, ୯।୫(ସମିସ): ଘସିପୁରା ବସ୍‌ଷ୍ଟାଣ୍ଡ ରୋଡ୍‌ରେ ନିର୍ମିତ ହୋଇଥିବା



ଏକ ତ୍ରୁଟିପୁର୍ଣ ଡିଭାଇଡର୍‌ରେ ସିରିଜ ଦୁର୍ଘଟଣା ଘଟିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୩ ମାସ ମଧରେ ପ୍ରାୟ ୭ ଥର ଦୁର୍ଘଟଣା ଘଟିବା ନଜିର ଥିବାବେଳେ ଗତ ଶୁକ୍ରବାର ରାତିରେ ପୁଣି ଦୁର୍ଘଟଣା ଘଟିଛି। ଗୋଟିଏ କାର୍ ଏହି ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାତି ପ୍ରାୟ ୯ଟା ୫୦ରେ କାର୍‌ଟି ଯାଉଥିବା ବେଳେ ଡିଭାଇଡର୍‌ରେ ପିଟିହୋଇ ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ବାରମ୍ବାର ଦାବି ପରେ ଏଠାରେ ଡିଭାଇଡର୍ ଥିବା ସମ୍ପର୍କରେ କୌଣସି ସୂଚନା ଦିଆଯାଉ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ସ୍ଥାନରେ ବହୁ ସଂଖ୍ୟାରେ ଦୁଇ ଚକିଆ ଓ ଚାରିଚକିଆ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଅଳ୍ପଦିନ ତଳେ ଗୋଟିଏ କାର୍ ଡିଭାଇଡର୍‌ରେ ପିଟିହୋଇ ଓଲଟି ପଡ଼ିବାରୁ ଗାଡିରେ ଥିବା ୪ଜଣ ଯାତ୍ରୀ ଆହତ ହୋଇପଡ଼ିଥିଲେ। ଏଣୁ ପୂର୍ତ୍ତ ବିଭାଗ ପକ୍ଷରୁ ଯଥା ଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବ୍ୟବସାୟୀ ସଂଘ ସମ୍ପାଦକ ସୁରେଶ କୁମାର ସେଠୀ ଦାବି ଜଣାଇଛନ୍ତି।

# ଠାକୁରାଣୀ ଶାଳରେ ପୂଜା ପରେ ରାସ୍ତାରୁ ହଟିଲା ବିରାଟ ଗଛ



ତୁରୁମୁଙ୍ଗା, ୯।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ-ତୁରୁମୁଙ୍ଗା ମୁଖ୍ୟରାସ୍ତାର ନେଉଳିପଶି ନିକଟରେ ଶୁକ୍ରବାର ସକାଳ ୮ଟାରୁ ରାସ୍ତା ଉପରେ ଏକ ବିରାଟ ପୁରାତନ ଶାଳ ଗଛ ଉପୁଡ଼ି ପଡ଼ି ରହିଥିଲା। ଗଛଟି ଗ୍ରାମର ଠାକୁରାଣୀଙ୍କ ଗଛ ହୋଇଥିବା ଯୋଗୁଁ କଳା ବୁଦା ପୂଜା ନକଲେ ଗଛକୁ କଟା ଯାଇ ପାରିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ତେବେ ବୁଦା ଯୋଗଡ଼ କରିବାରେ ବିଭାଗୀୟ ଅଧିକାରୀ ନାକେଦମ ହୋଇଥିଲେ। ବୁଦା ଯୋଗାଡ଼ କରି ନ ପାରିବା ସହ ଦେହୁରୀ ଖାଇ ଦେଇ ଥିବା ଯୋଗୁଁ ଗଛକୁ କଟା ଯାଇ ପାରିନଥିଲା। ରାସ୍ତା ଉପରେ ବିରାଟ ଶାଳ ଗଛ ପଡି ରହିଥିବା ନେଇ ପ୍ରାୟ ୨୬ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଓ ପାରମ୍ପରିକ ରୀତିନୀତିକୁ ସମ୍ମାନ ଜଣାଇ ଶନିବାର ସକାଳେ ଗ୍ରାମର ଦେହୁରୀ ତରଣୀ ସେନଙ୍କ ଦ୍ୱାରା ଶାଳରେ ପୂଜାର୍ଚ୍ଚନା କରାଯିବା ସହ ପାଣି ଧରି ପରେ ବୁଦା ଦିଆଯିବ ବୋଲି ଠାକୁରାଣୀଙ୍କ ନିକଟରେ ଶରଣ ପଶିବା ପରେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ଉପସ୍ଥିତିରେ ବନ ବିଭାଗ କର୍ମଚାରୀମାନେ ଗଛଟିକୁ କାଟି ରାସ୍ତାରୁ ହଟାଇବା ପରେ ଦିନ ୧୧ଟା ପରେ ଚମ୍ପୁଆ ତୁରୁମୁଙ୍ଗା ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଘସିପୁରା ଥାନାରେ ଶିଶୁ ବିକାଶ ଓ ନାରୀ ସୁରକ୍ଷା ‘ଜୁଭେନ୍ତିକା’ କାର୍ଯ୍ୟକ୍ରମ

ଆନନ୍ଦପୁର, ୯।୫(ସମିସ): ନାରୀ ସୁରକ୍ଷା ଓ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଓଡ଼ିଶା ପୁଲିସ ଓ ୟୁନିସେଫର ମିଳିତ ଉଦ୍ୟମରେ ଘସିପୁରା ଥାନା ପରିସରରେ ‘ଜୁଭେନ୍ତିକା’ କାର୍ଯ୍ୟକ୍ରମ ଘସିପୁରା ଶିଶୁବିକାଶ ଅଧିକାରୀ ଶକୁନ୍ତଳା ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଥାନାଧିକାରୀ କିଶୋରଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବହୁ ମହିଳା, କିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଛାତ୍ରୀ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ନାରୀଙ୍କ ସୁରକ୍ଷା, ସ୍ୱାଭିମାନ, ଆତ୍ମରକ୍ଷା ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିବା। ଉପସ୍ଥିତ ଅଧିକାରୀମାନେ ନାରୀଙ୍କ ବିରୋଧରେ ହେଉଥିବା ଅପରାଧ, ସାଇବର ଠକେଇ, ଘରୋଇ ହିଂସା, ବାଲ୍ୟ ବିବାହ ଓ ମହିଳା ନିର୍ଯାତନା ଭଳି ବିଷୟରେ ଆଲୋଚନା କରିଥିଲେ। ସେମାନେ ମହିଳାମାନଙ୍କୁ ଭୟମୁକ୍ତ ଭାବେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ପୋଲିସ ପ୍ରଶାସନର ସହଯୋଗ ନେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ ମଧ ନିଜ ଅନୁଭବ ଓ ସମସ୍ୟା ସମ୍ପର୍କରେ ମତାମତ ରଖିଥିଲେ। ସମସ୍ତଙ୍କୁ ନାରୀ ସମ୍ମାନ ଓ ସୁରକ୍ଷା ପାଇଁ ସାମୂହିକ ଭାବେ କାମ କରିବାକୁ ଆହ୍ୱାନ କରାଯାଇଥିଲା।



# ଅଧିକା ପାଇଥିବା ଭତ୍ତା ଟଙ୍କା ଫେରାଇଲେ ରବୀନ୍ଦ୍ର

ହାଟଡ଼ିହୀ, ୯।୫(ସମିସ): ହାଟଡ଼ିହୀ ବ୍ଲକ ମରେିଗାଁ ପଞ୍ଚାୟତ ଚଣ୍ଡିଆ ବିରଞ୍ଚିପୁର ଗାଁର ୬୬ ବର୍ଷୀୟ ରବିନ୍ଦ୍ର ଜେନା ସରକାରୀ ଟଙ୍କା ଫେରାଇ ପ୍ରଶଂସାର ପାତ୍ର ସାଜିଛନ୍ତି। ସୂଚନା ଅନୁସାରେ, ରବିନ୍ଦ୍ର ଗତ ୨ ମାସ ଧରି ଭତ୍ତା ପାଇ ନଥିଲେ। ପିଇଓଙ୍କ ଭୁଲ୍‌ବଶତଃ ରବିନ୍ଦ୍ରଙ୍କ ଆକାଉଣ୍ଟକୁ ୨ ହଜାର ପରିବର୍ତ୍ତେ ୧୩ ହଜାର ଆସିଥିଲା। ପରେ ରବିନ୍ଦ୍ର ଏହା ଜାଣି ପାରି ତାଙ୍କର ୨ ମାସର ଭତ୍ତା ଟଙ୍କା ରଖି ପଞ୍ଚାୟତ ପିଇଓ ସୁଶ୍ରୀ ସଙ୍ଗୀତା ଚକ୍ରଙ୍କୁ ଡ଼ାକି ଅବଶିଷ୍ଟ ୧୧ ହଜାର ଟଙ୍କା ଫେରାଇ ଦେଇ ନିଜର ମହାନତାର ପରିଚୟ ଦେଇଛନ୍ତି। ରବିନ୍ଦ୍ରଙ୍କ ଏଭଳି ମହତ୍ କାର୍ଯ୍ୟ ପାଇଁ ହାଟଡିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ତାଙ୍କୁ ସାଧୁବାଦ ଜଣାଇଛନ୍ତି।



# ଚମ୍ପୁଆ କୋର୍ଟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ



ଚମ୍ପୁଆ, ୯।୫(ସମିସ): ଚମ୍ପୁଆ କୋର୍ଟ ପରିସରରେ ଆଜି ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ସାଧନଜିତ ପଣ୍ଡା, ଜେଏମ୍‌ଏଫ୍‌ସି ସୁସ୍ମିତା ମିଶ୍ର ଏବଂ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। କୋର୍ଟରେ ବିଚାରାଧୀନ ଥିବା ସର୍ବମୋଟ ୧୨୮ଟି ମାମଲାରୁ ୧୨ଟିର ଫଏସଲା କରାଯାଇ ୧୬ ଲକ୍ଷ ୬୦ ହଜାର ୩ ଶହ ୯୯ ଟଙ୍କା ୮୯ ପଇସା ଆଦାୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ ସୂରଜ ଖାନ ପରିଚାଳନା କରିଥିଲେ।

# ଜବତ ଟ୍ରାକ୍ଟର ଛଡ଼ାଇବା ମାମଲାରେ ଜଣେ ଗିରଫ

ଆନନ୍ଦପୁର, ୯।୫ (ସମିସ): ରେମାଳ ନଦୀର ବିଭିନ୍ନ ସ୍ଥାନରୁ ଚୋରା ବାଲି ଚାଲାଣ ହେଉଥିବା ଖବରପାଇ ସ୍ଥାନୀୟ ଆରଆଇ ପ୍ରଶାନ୍ତ କୁମାର ସାମଲ ଗୋଟିଏ ଟ୍ରାକ୍ଟର ଜବତ କରିଥିବା ବେଳେ ମାଲିକ ଗାଳିଗୁଲଜ କରି ଟ୍ରାକ୍ଟର ଛଡ଼ାଇ ନେଇଥିଲେ। ଏନେଇ ପୁଲିସରେ ରିପୋର୍ଟ ହୋଇଥିଲା। ଘସିପୁରା ଥାନାଧିକାରୀ କିଶୋର କୁମାର ସାମଲ ତଦନ୍ତ କରି କଁଅସ-କେନ୍ଦୁଆ ଗ୍ରାମର ସୁଶାନ୍ତ କୁମାର ଜେନା ଓରଫ ବୁବୁକୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।



**ପୁଣି ଚର୍ଚ୍ଚାରେ ଜିତୁ ମୁଣ୍ଡା**

# ଘରକୁ ପାଣି ଯୋଗାଣ ନହେଲେ ପୁଣି କଙ୍କାଳ ବୋହିବେ !

ତୁରୁମୁଙ୍ଗା, ୯।୫(ସମିସ):

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ଏବେ ପୁଣି ଥରେ ଚର୍ଚ୍ଚାରେ। ତାଙ୍କର ଏକ ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ନିଆଁ ଭଳି ବ୍ୟାପୁଛି। ଜିତୁ ମୁଣ୍ଡା ଉକ୍ତ ପ୍ରତିକ୍ରିୟାରେ କହିଛନ୍ତି ଯେ ଘରକୁ ପାଇପ ଯୋଗେ ପାନୀୟଜଳ ସଂଯୋଗ ନହେଲେ ପୁଣି ଥରେ କଙ୍କାଳ ବୋହିନେବେ।

ସୂଚନାଯୋଗ୍ୟ ଯେ ଜିତୁ ମୁଣ୍ଡା ତାଙ୍କ ଭଉଣୀ କାଳାରା ମୁଣ୍ଡାଙ୍କ ଜମା ଟଙ୍କାକୁ ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଉଠାଇବାକୁ ଯାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଭଉଣୀ ନ ଆସିଲେ ଟଙ୍କା ଦେବୁନାହିଁ କହିବାରୁ ଜିତୁ ନିଜ ଭଉଣୀର ଶବକୁ ମଶାଣୀରୁ ଖୋଳି କଙ୍କାଳ ବୋହି ପ୍ରଚଣ୍ଡ ଖରାରେ ଚାଲି ଚାଲି ଯାଇ ବ୍ୟାଙ୍କ ସମ୍ମୁଖରେ ରଖି ଭଉଣୀର ଜମା ଟଙ୍କା ଦେବାକୁ କହିଥିଲେ। ଭଉଣୀ କଙ୍କାଳ ବୋହିବା ଘଟଣା ପରେ ଜିତୁ ମୁଣ୍ଡା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ଘଟଣାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇବା ସହ ଜିତୁ ମୁଣ୍ଡାଙ୍କ ନିକଟରେ ପହଞ୍ଚିଥିଲା। ଗୋଟିଏ ଦିନରେ ଲିଗାଲ ହେୟାର ବାହାରିବା ସହ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ବାହାର କରାଯାଇ ଜିତୁ ମୁଣ୍ଡାଙ୍କ ସମସ୍ତ ପ୍ରାପ୍ୟ ଟଙ୍କା ବ୍ୟାଙ୍କ ପକ୍ଷରୁ ଦିଆଯାଇଥିଲା। ଏଥିସହ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ସହ ସ୍ଥାନୀୟ ବିଧାୟକ, ରାଜନେତା, ମନ୍ତ୍ରୀ, ଦେଶବିଦେଶରୁ ବିଭିନ୍ନ ସ୍ୱେଚ୍ଛାସେବୀ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ତାଙ୍କ ଘରକୁ ବିଦ୍ୟୁତ ସେବା ଯୋଗାଇଦେବା ସହ ବାର୍ଦ୍ଧକ୍ୟ ଭତ୍ତା ଏବଂ ଭଉଣୀଙ୍କ ନାମରେ ଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡକୁ ତାଙ୍କ ନାମରେ ପରିବର୍ତ୍ତନ କରାଯାଇଥିଲା। ଜିତୁ ମାସକୁ ୩୫ କେଜି ଚାଉଳ ପାଇବାର ମଧ ବ୍ୟବସ୍ଥା କରାଯାଇଥିଲା। ଜିତୁ ମୁଣ୍ଡାଙ୍କ ଜମାଖାତାରେ ଏବେ ୧୫ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ରହିଛି। ତେବେ ଜିତୁ ମୁଣ୍ଡାଙ୍କ କ୍ଷେତ୍ରରେ ଘଟିଥିବା ଘଟଣାକୁ ନେଇ ସାରା ବିଶ୍ୱରେ ପ୍ରଶାସନିକ ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଥିଲା। କଙ୍କାଳ ବୋହିଥିଲେ ବୋଲି ଜିତୁ ପୁନର୍ବାର ଶୁଦ୍ଧି ହେବା ସହ ଜାତିଭାଇଙ୍କୁ ଭୋଜିଭାତ ଦେଇ ଆପାୟିତ କରି ପୁନର୍ବାର ନିଜ ଜାତିରେ ମିଶିଛନ୍ତି। ମାତ୍ର ଜିତୁ ମୁଣ୍ଡା କଙ୍କାଳ ବୋହିଲେ ବୋଲି ତାଙ୍କ ନିକଟରେ ମାତ୍ର ଗୋଟିଏ ଦିନ ସମସ୍ତ ସରକାରୀ ଯୋଜନା ପହଞ୍ଚିପାରିଥିଲା। ହେଲେ ଜିତୁ ମୁଣ୍ଡାଙ୍କ ଗାଁ ଡିଆନାଳି ଗ୍ରାମରେ ପାନୀୟଜଳ ସହ ରାସ୍ତାଘାଟ ସମସ୍ୟା ରହିଛି। ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ନକଲେ ଜିତୁ ପୁଣି କଙ୍କାଳକୁ ନେଇକି ଯିବେ ବୋଲି ଏକ ପ୍ରତିକ୍ରିୟାରେ କହିଥିବା କଥା ସାମାଜିକ ଗଣମାଧ୍ୟମରେ ଏବେ ନିଆଁ ଭଳି ବ୍ୟାପୁଛି। ପାନୀୟ ଜଳ ଯୋଗାଣ କେବେ ପହଞ୍ଚିବ ସେନେଇ ଅପେକ୍ଷା କରି ରହିଛନ୍ତି ଜିତୁ ମୁଣ୍ଡା।

**ଜିତୁ ମୁଣ୍ଡାଙ୍କ କଙ୍କାଳ କାହାଣୀ**

## ଚିତ୍ର ଆଙ୍କି ଉପହାର ଦେଲେ ବିଶାଖାପାଟଣାର ବିଶ୍ୱଜିତ୍ ବାଗେ

ତୁରୁମୁଙ୍ଗା, ୯।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଭଉଣୀର ଶବକୁ ଖୋଳି କଙ୍କାଳକୁ ବାହାର କରି କାନ୍ଧରେ ବୋହି ବ୍ୟାଙ୍କ ଯିବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚିତ ହେବା ପରେ ଏବେ ଜିତୁଙ୍କୁ ସମସ୍ତ ସରକାରୀ ସହାୟତା ମିଳିବା ସହ ଆର୍ଥିକ ସହାୟତା ମଧ ମିଳୁଛି। ଏପରି ସ୍ଥଳେ ଜଣେ ଜିତୁ ତାଙ୍କ ଭଉଣୀର ସ୍ମୃତିକୁ ଉଦଜୀବିତ କରିବା ପାଇଁ ବିଶାଖାପାଟଣାର ଚିତ୍ରକର ବିଶ୍ୱଜିତ ବାଗେ ଉକ୍ତ ଘଟଣାକୁ ନିଜ ହାତରେ ରଙ୍ଗ ତୂଳୀରେ ଚିତ୍ର ତିଆରି କରି ଜିତୁଙ୍କୁ ଉପହାର ଦେଇଛନ୍ତି। ଶନିବାର ବିଶ୍ୱଜିତ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜିତୁଙ୍କଠାରୁ ପଚାରି ବୁଝିବା ସହ ନିଜେ ତିଆରି କରିଥିବା ଚିତ୍ରକୁ ଜିତୁଙ୍କୁ ଉପହାର ଦେଇଥିଲେ। ଜିତୁ ଖୁସିର ସହ ଉପହାରକୁ ଗ୍ରହଣ କରିବା ସହ ଚିତ୍ରକରଙ୍କୁ ଧନ୍ୟବାଦ ଜଣାଇଥିଲେ।



## ବନ୍ୟଜାତ ଦ୍ରବ୍ୟ ପାଇଁ ନାହିଁ ମଣ୍ଡି ବ୍ୟବସ୍ଥା

# ଦଲାଲଙ୍କୁ ଫାଇଦା; ମିଳୁନି ଉଚିତ ମୂଲ୍ୟ

କୁଆମରା, ୯।୫(ସମିସ): ଗୋପବନ୍ଧୁନଗର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ କୃଷି ବ୍ୟତୀତ ରୋଜଗାରର ମାଧ୍ୟମ ବନ୍ୟଜାତ ପଦାର୍ଥ। ମାର୍ଚ୍ଚ ଓ ଏପ୍ରିଲରେ ମହୁଲ ପରେ ଏବେ ଶାଳମଞ୍ଜି ସଂଗ୍ରହ କରୁଛନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ଚାଷ ପ୍ରଧାନ ଜୀବିକା ହୋଇଥିଲେ ମଧ୍ୟ ୮୦ ପ୍ରତିଶତ ଲୋକ ବନ୍ୟଜାତ ଦ୍ରବ୍ୟ ବିକି ବର୍ଷ ତମାମ ଗୁଜୁରାଣ ମେଣ୍ଟାଉଥା'ନ୍ତି। ଶାଳମଞ୍ଜି ସମେତ ମହୁଲ, ଝୁଣା, ଲାଖ, ମହୁ ପ୍ରଭୃତି ବର୍ଷ ସାରା ଜଙ୍ଗଲରୁ ସଂଗ୍ରହ କରନ୍ତି। ତତ୍‌ସହିତ ବର୍ଷାଋତୁରେ ବିଭିନ୍ନ ଜାତିର ଛତୁ ଓ ଦାନ୍ତକାଠିର ପସରା ମେଲାଇଥା'ନ୍ତି ସାପ୍ତାହିକ ହାଟରେ। ପରିତାପର ବିଷୟ ବନ୍ୟଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ବିକି ନ ପାରି କ୍ଷେତ୍ରରେ ଦଲାଲଙ୍କୁ ଟେକି ଦେଉଥା'ନ୍ତି। ଯାହାର ଫାଇଦା କେବଳ ଦଲାଲ ଉଠାଉଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

କୃଷି ସହ ସାମାଜିକ ଜୀବନଯାପନ ଓ ଅର୍ଥନୈତିକ ଅବସ୍ଥା ଜଙ୍ଗଲ ସହ ଜଡ଼ିତ ରହିଛନ୍ତି ଆଦିବାସୀ ଲୋକେ।



ବର୍ଷ ତମାମ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଥା'ନ୍ତି। ମାତ୍ର ବନ୍ୟଜାତ ପଦାର୍ଥ ସଂଗ୍ରହ କରିବାରେ ଯେତିକି ପରିଶ୍ରମ କରୁଛନ୍ତି ପ୍ରକୃତରେ ସେତିକି ପାରିଶ୍ରମିକ ମିଳୁନାହିଁ। ଦିନ ତମାମ ପରିବାର ସଦସ୍ୟ ଜଙ୍ଗଲରେ ରହି ଶାଳ ମଞ୍ଜି ସାଉଁଟିବା ପରେ ତାକୁ ଶୁଖାଇବା ଓ ମଞ୍ଜିକୁ ବାହାର କରିବା ପରେ ବିକ୍ରି କରିବା ପାଇଁ ସେପରି କୌଣସି ସୁବିଧା ନାହିଁ। ପଞ୍ଚାୟତ, ବ୍ଲକ ଓ ବନବିଭାଗ ପକ୍ଷରୁ ଏ ସବୁ ଦ୍ରବ୍ୟ କିଣିବା ପାଇଁ ଏ ପର୍ଯ୍ୟନ୍ତ ମଣ୍ଡି ବ୍ୟବସ୍ଥା ହୋଇନାହିଁ। ଫଳରେ ଆଦିବାସୀଙ୍କ ଜୀବିକା ଉପରେ ପ୍ରଭାବ ପଡୁଛି। ଗାଁରେ ଦଲାଲମାନେ ବୁଲି ବୁଲି ବହୁ କମ୍ ମୂଲ୍ୟରେ କିଣି ବାହାରେ ଅଧିକ ଦାମରେ ବିକ୍ରି କରି ବେଶ ଫାଇଦା ଉଠାଉଛନ୍ତି। ୨୦୦୮ରେ ଓଡ଼ିଶା ସରକାର ବନ୍ୟଜାତ ପଦାର୍ଥ କିଣିବା ପାଇଁ ପଞ୍ଚାୟତମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେପରି କିଣାବିକାରେ କୌଣସି ସୁବିଧା ରଖୁନାହାନ୍ତି ସରକାର। ଫଳରେ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି ନିରୀହ ଆଦିବାସୀ। ତେବେ ଏ ବର୍ଷ ଜଙ୍ଗଲରେ ପ୍ରଚୁର ଶାଳଫଳ ହୋଇଥିବାବେଳେ ଘରେ ଘରେ ଗାଦା ହୋଇରହିଛି ମଞ୍ଜି। ତେବେ ଲଘୁ ବନଜାତ ପଦାର୍ଥ ପାଇଁ ସରକାରଙ୍କ ପକ୍ଷରୁ ଯଦି ମଣ୍ଡି ଖୋଲାଯା'ନ୍ତା, ତେବେ ଆଦିବାସୀମାନେ ଏଥିରେ ଉପକୃତ ହୋଇପାରନ୍ତେ ବୋଲି ଉମାକାନ୍ତ ସିଂ, କୃପା ସିଂ, ସନ୍ତୋଷ ସିଂ, ହରିହର ସିଂ, ଜିତୁ ସିଂ ପ୍ରମୁଖ କହିଛନ୍ତି। ପ୍ରକୃତରେ ବନ୍ୟଜାତ ପଦାର୍ଥର ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ଉଦ୍‌ବେଗ ଜନିଯାଉଛି। ଏ ନେଇ ରେଞ୍ଜ ବନପାଳ ଅବନୀ କୁମାର ଜେନାଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ସେପରି କୌଣସି ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି।

## ମୟୂରଭଞ୍ଜର ୬ ବର୍ଷୀୟ ବୀରଭଦ୍ର ଓଡ଼ିଶାର ସର୍ବକନିଷ୍ଠ ରେଟେଡ୍ ଚେସ୍ ଖେଳାଳି



**ଭାରତରେ ଦ୍ୱିତୀୟ, ବିଶ୍ୱରେ ନବମ**

ବାରିପଦା, ୯।୫(ସମିସ): ଭୁବନେଶ୍ୱରର ନୟାପଲ୍ଲୀରେ ପ୍ରେଷ୍ଟୋ ପକ୍ଷରୁ ଅନୁଷ୍ଠିତ ପ୍ରଥମ ଡ଼ଃ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଓଡ଼ିଶା ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଜିଲ୍ଲାର ୬ ବର୍ଷୀୟ ବୀରଭଦ୍ର ବ୍ରହ୍ମା ଅସାଧାରଣ ପ୍ରଦର୍ଶନ କରିଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ବୀରଭଦ୍ର ବ୍ରହ୍ମା ୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନ (ଦ୍ୱିତୀୟ ରନର୍ସଅପ୍) ଅଧିକାର କରିଛନ୍ତି। ରେୟାନ୍ସ ରାଜ ପ୍ରଥମ ଓ ପରମାର୍ଥ ସିଂହ ଦ୍ୱିତୀୟ ହୋଇଥିଲେ। ବାରିପଦା ପୌରପରିଷଦର ୧୭ନଂ ୱାର୍ଡର ଭଞ୍ଜପୁର ଶାନ୍ତି କଲୋନୀ ନିବାସୀ ସବ୍ୟବ୍ରତ ବ୍ରହ୍ମା ଓ ସିପ୍ରା ବ୍ରହ୍ମାଙ୍କ ପୁତ୍ର ତଥା ଶାନ୍ତି ବିଦ୍ୟାମନ୍ଦିରର କେଜି-୨ ଛାତ୍ର ବୀରଭଦ୍ର ୧୪୭୪ ରେଟିଂ ସହିତ ଓଡ଼ିଶାର ସର୍ବକନିଷ୍ଠ ରେଟେଡ୍ ଚେସ୍ ଖେଳାଳି ଭାବେ ସ୍ୱୀକୃତି ଲାଭ କରିଛନ୍ତି। ଭାରତରେ ସେ ଦ୍ୱିତୀୟ ସର୍ବକନିଷ୍ଠ ରେଟେଡ୍ ଖେଳାଳି ଅଛନ୍ତି। କୋଲକାତାର ଅନୀଶ ସରକାର ପ୍ରଥମ ସ୍ଥାନରେ ଅଛନ୍ତି। ସେହିପରି ଏପ୍ରିଲ ମାସ ରେଟିଂରେ ବିଶ୍ୱରେ ନବମ ସ୍ଥାନରେ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ମୁଖ୍ୟଅତିଥି ଅଲିମ୍ପିକ ଆସୋସିଏସନ୍ ଉପସଭାପତି ସମୀର ମହାନ୍ତି, ଅଲ ଓଡ଼ିଶା ଚେସ ଆସୋସିଏସନ ସଭାପତି ଏସ୍.ଆର ପଟ୍ଟନାୟକ, ଇସି ସଦସ୍ୟ ପ୍ରଦୀପ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ଜିଏମ୍ ଶ୍ରୀ ମିଶ୍ର ଓ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଆସୋସିଏସନ୍ ସେକ୍ରେଟାରୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସୁବାଶିଷ ପଟ୍ଟନାୟକ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଏହି ସଫଳତା କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଗର୍ବର ମୁହୂର୍ତ୍ତ ସାଜିଛି।

## ଖୃଟିଂରେ ଚବିଶ ପ୍ରହର ନାମଯଜ୍ଞ



ଖୃଟିଂ, ୯।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଖୃଟିଂସ୍ଥ ମା' କିଚକେଶ୍ୱରୀ ଯଜ୍ଞ ମଣ୍ଡପରେ ବିଶ୍ୱଶାନ୍ତି ଚବିଶ ପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଦେଉଳା (ଉଦଳା), ପାଟିଆ ସିମୁଳି (କୁଳିଅଣା), ସାନଚାଟରା (ବମ୍ବେ ଛକ), ବାଉଁଶଡିହା (ଠାକୁରମୁଣ୍ଡା), କେନ୍ଦୁଝର ଜିଲ୍ଲାର ଲୁଙ୍ଗା ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି। ଯଥାବିଧି ପୂଜାର୍ଚ୍ଚନା ଓ ଯଜ୍ଞାଦି ପରିଚାଳନା ନିମନ୍ତେ ସ୍ଥାନୀୟ ବରିଷ୍ଠ ପୂଜକ ଧବଳେଶ୍ୱର ପାଣିଗ୍ରାହୀ ନିୟୋଜିତ ହୋଇଛନ୍ତି। ଆସନ୍ତା ୧୦ ତାରିଖରେ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ କାର୍ଯ୍ୟକ୍ରମ ହେବ।

## ଡିଭାଇନ୍‌ର ୧୦ ଛାତ୍ରଙ୍କୁ ଧାମରା ବନ୍ଦରରେ ନିଯୁକ୍ତି

ବାରିପଦା, ୯।୫(ସମିସ): ସହର ଉପକଣ୍ଠରେ ଅବସ୍ଥିତ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିର ୧୦ ଜଣ ଛାତ୍ରଙ୍କୁ ଧାମରା ବନ୍ଦରରେ ନିଯୁକ୍ତି ମିଳିଛି। ୮ ତାରିଖ ଦିନ ଧାମରା ବନ୍ଦରର ଉଚ୍ଚ ପଦାଧିକାରୀ ସମୂହ ଡିଭାଇନ୍‌କୁ ପରିଦର୍ଶନରେ ଆସିଥିବାବେଳେ ଏହାର ପରିବେଶ ଓ ଶିକ୍ଷା ଆୟତନକୁ ପ୍ରଶଂସା କରିବା ସହ ଇଲେକ୍ଟ୍ରିକାଲ୍ ବିଭଗର ୩ ଜଣ ଓ ମେକାନିକାଲ୍ ବିଭାଗର ୭ ଜଣ ଛାତ୍ରଙ୍କୁ ଧାମରା ବନ୍ଦରରେ ନିଯୁକ୍ତିର ସୁଯୋଗ ପ୍ରଦାନ କରିଛନ୍ତି। ଯାହାକି ଏ ଅଞ୍ଚଳ ପାଇଁ ଗୌରବର କଥା। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଧାମରା ବନ୍ଦରରୁ ଆସିଥିବା ସମସ୍ତ ଅଧିକାରୀଙ୍କୁ ନିଜର କୃତଜ୍ଞତା ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତତ୍‌ସହିତ ଡିଭାଇନର ଉତ୍କର୍ଷତାରେ ଯେଉଁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଶୁଭେଚ୍ଛୁ ଜଡିତ ସେମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ଡିଭାଇନ ୧୮ ବର୍ଷ ପୁରାତନ ଅନୁଷ୍ଠାନ ଓ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ଦ୍ୱାରା ଦୀର୍ଘ ୩ ବର୍ଷ ଧରି ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଆସିଛି। ଏହି ଅନୁଷ୍ଠାନରେ ସିଭିଲ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯାଏ। ଏଠାରେ ପାଠପଢ଼ା ସହ ଉତ୍କର୍ଷତାର ମାନଦଣ୍ଡ ବଜାୟ ରଖିବାକୁ ଯାଇ ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ତଥା ନିରାପଦ ଭବିଷ୍ୟତ ପାଇଁ ସର୍ବଦା ପ୍ରଚେଷ୍ଟା କରାଯାଇଥାଏ। ଡିଭାଇନ୍ ସ୍ନାଇଡାର ଇଣ୍ଡିଆ, ବୋସ୍ ଓ ଓଡ଼ିଶା ସରକାରଙ୍କ



ସିଭିଲ ଟେଷ୍ଟିଂ ଲ୍ୟାବ୍ ପାଇଁ ଚୁକ୍ତି ସ୍ୱାକ୍ଷର ସହ ସେହି କମ୍ପାନୀ ଦ୍ୱାରା ଚାକିରିର ସୁଯୋଗ ଏକ ବିରଳ କୃତିତ୍ୱ ବହନ କରେ। ପୂର୍ବ ବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ କମ୍ପାନୀରେ ୧୧୦ ଜଣ ଛାତ୍ରଛାତ୍ରୀ ନିଯୁକ୍ତିର ସୁଯୋଗ ପାଇଛନ୍ତି। ସିଭିଲ୍ ବିଭାଗରେ ରାମଟେକ୍ ଭୁବନେଶ୍ୱର, ହାଇଦ୍ରାବାଦ, ଦୁବାଇ, ଚେନ୍ନେଇସ୍ଥ ସ୍ୱିଙ୍ଗଷ୍ଟେଟର, ମାଣ୍ଡୋ ଇଣ୍ଡିଆ, ଜୟଶୋନ, ପୁନେସ୍ଥ ଲୁମାକ୍ସ, ଟାଟା ମୋଟର୍ସ, ଟାଟା ପାୱାର, ମହିନ୍ଦ୍ରା, ମାରୁତି, ରୟାଲ ଏନଫିଲ୍ଡ ଭଳି କମ୍ପାନୀରେ ନିଯୁକ୍ତି ପାଇଛନ୍ତି।

## ବାରିପଦା ଡିଗ୍ରୀ କଲେଜରେ ଯୁବ ରେଡକ୍ରସ୍ ଦିବସ




ବାରିପଦା, ୯।୫(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଦିବସ ପାଳନ ଅବସରରେ ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ରେଡକ୍ରସର ପ୍ରତିଷ୍ଠାତା ତଥା ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଜୀନ ହେନରୀ ଡୋନାଣ୍ଟଙ୍କ ସ୍ମୃତିଚାରଣ କରାଯିବା ସହିତ ସମାଜ ସେବାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତାଦେଇ ଉପସ୍ଥିତ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ସରୋଜ କୁମାର ବେହେରା, ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ସୁଶ୍ରୀ ରଶ୍ମି ଭଞ୍ଜ, ଓଡ଼ିଆ ବିଭାଗ ଅଧ୍ୟାପିକା ଜ୍ୟୋସ୍ନାରାଣୀ ଦତ୍ତ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ରେଡକ୍ରସ ଦିବସ ପାଳନ ଅବସରରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଅଧିକାରୀ ସଞ୍ଜୀବ କୁମାର ଉକ୍ତ ସଭାର ଆୟୋଜନ କରିଥିବାବେଳେ କର୍ମଚାରୀ ସହଯୋଗ କରିଥିଲେ।

## ମୟୂର ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

ବେତନଟୀ, ୯।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ପୁରାତନ ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂର ସାହିତ୍ୟ ସଂସଦ ବେତନଟୀର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବେତନଟୀ ଧର୍ମଶାଳା ପରିସରରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ବେତନଟୀ ସିଭିଲ୍ ସୋସାଇଟିର ସଭାପତି ତଥା ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ନିର୍ବାଚନ ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ସାମ୍ବାଦିକ ଅରୁଣ କୁମାର ଓଡା ଉପସ୍ଥିତ ଥିଲେ। ସଂସଦର ନିୟମ ଅନୁସାରେ ଆଗାମୀ ତିନି ବର୍ଷ ପାଇଁ ସଂସଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବୟୋଜ୍ୟେଷ୍ଠ କବି ଭାସ୍କର ଦ୍ୱିବେଦୀ, କାର୍ଯ୍ୟକାରୀ ସଭାପତି ଭାବେ ଲେଖକ ସଚ୍ଚିଦାନନ୍ଦ ମହାନ୍ତି, ଉପସଭାପତି ଭାବେ ଲେଖକ ଗୌତମ ବେହେରା ଓ କବୟିତ୍ରୀ ସବିତା ମହାନ୍ତି, ସାଧାରଣ ସମ୍ପାଦକ ଭାବେ ନାଟ୍ୟକାର ନୀରଦ ସୁନ୍ଦର ଜେନା, ଯୁଗ୍ମସମ୍ପାଦକ ଭାବେ



କବି ରତିକାନ୍ତ ବେହେରା, ସଂଗଠନ ସମ୍ପାଦକ ଭାବେ ମୀନକେତନ ମହାନ୍ତି, ସହସମ୍ପାଦକ ଭାବେ ସୌଦାମିନୀ ପଣ୍ଡା, କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର ନାଥ ଖଟୁଆ, ପତ୍ରିକା ସମ୍ପାଦକ ଭାବେ ପର୍ଶୁରାମ ସାହୁ, ପତ୍ରିକା ସହସମ୍ପାଦକ ଭାବେ ମିନତୀ ସିଂହ, ସୀମା ଦାସ ଓ ଡଃ ମନ୍ଦାକିନୀ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଡଃ ରମାକାନ୍ତ ମହାନ୍ତ, ପ୍ରାଧ୍ୟାପିକା ଉଷା ଶତପଥୀ, ଡଃ. କୃପାସିନ୍ଧୁ ବିନ୍ଧାଣୀ, ହରେନ୍ଦ୍ର ନାଥ ବାରିକ ଓ ପ୍ରଭାକର ସାହୁ, ବ୍ୟବସ୍ଥାପକ ଭାବେ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କୁ ଚୟନ କରାଯାଇଥିଲା। ସଂସଦର ଉପଦେଷ୍ଟା ମଣ୍ଡଳୀରେ ବାସୁଦେବ ନାପିତ, ବିଜୟ ଦ୍ୱିବେଦୀ, ଯତୀନ୍ଦ୍ରନାଥ ସାହୁଙ୍କୁ ମନୋନୀତ କରାଯାଇଛି। ସଂସଦର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ପୂର୍ବତନ ଅଧ୍ୟକ୍ଷ ଡଃ. ରମାକାନ୍ତ ସିଂହ, ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀ ଓ ସାମ୍ବାଦିକ ଅରୁଣ ଓଡା ମନୋନୀତ ହୋଇଛନ୍ତି। କମଳଲୋଚନ କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଶିଶୁ ଓ କିଶୋରୀ ସୁରକ୍ଷା ପାଇଁ ଜୁଭେଣ୍ଟିକା କାର୍ଯ୍ୟକ୍ରମ**

# ପୁଲିସ ଓ କିଶୋରୀଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ଲକ୍ଷ୍ୟ

ବେତନଟୀ, ୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ପକ୍ଷରୁ ଶୁକ୍ରବାର ଦିନ ନାବାଳିକା ଓ କିଶୋରୀଙ୍କ ସଚେତନତା ଓ ସୁରକ୍ଷା ପାଇଁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁଲିସ ଷ୍ଟେସନ୍‌କୁ ଶିଶୁ ଓ କିଶୋରୀଙ୍କ ପାଇଁ ନିରାପଦ ସ୍ଥଳ କରିବା ଲକ୍ଷ୍ୟ ରଖାଯାଇଛି। ଥାନାର ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ସବଇନ୍ସପେକ୍ଟର ସୋମାଲିନୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେତନଟୀ ପୁଲିସ୍ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ ଯୋଗଦାନ କରିଥିଲେ। ସେ ଡିଜିଟାଲ୍ ଠକେଇ, ସାଇବର ପ୍ରତାରଣା, ସୋସିଆଲ୍ ମିଡିଆରୁ ଉତ୍ସାହିତ ପ୍ରେମ ବିବାହ, ବାଲ୍ୟ ବିବାହ ଓ ନାବାଳିକାଙ୍କ ସହିତ ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ଦୁଷ୍କର୍ମ ଭଳି ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନଲାଇନ୍ ସୁରକ୍ଷା, ସାଇବର ବୁଲିଙ୍ଗ୍ ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ କିଶୋରୀଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ନାବାଳିକା (୧୫ରୁ ୧୮ ବର୍ଷ) ଅଂଶଗ୍ରହଣ କରିଥିଲେ। ବେତନଟୀ ବ୍ଲକ ସିଡିପିଓ ଛବିରାଣୀ ବେହେରା, ସୁପରଭାଇଜର ସବିତା ପଟ୍ଟନାୟକଙ୍କ ସମେତ ବିଭିନ୍ନ ଅଞ୍ଚଳର ଅଙ୍ଗନବାଡି ଶିକ୍ଷୟିତ୍ରୀ ଓ କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପୁଲିସ୍ ଓ ନାବାଳିକାଙ୍କ ମଧ୍ୟରେ ଥିବା ଭୟର ସମ୍ପର୍କକୁ ଦୂର କରି ବିଶ୍ୱାସ ବଢ଼ାଇବା ଓ ଶିଶୁ-ଅନୁକୂଳ ପୁଲିସିଂ ବ୍ୟବସ୍ଥାକୁ ମଜବୁତ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସଧାରଣରେ ବିବେଚନା କରାଯାଉଛି।

**ମୋରଡା:** ଶୁକ୍ରବାର ମୋରଡା ଥାନା ପରିସରରେ ଓଡ଼ିଶା ପୁଲିସ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ଶିଶୁଙ୍କ ସୁରକ୍ଷା କୁ ନେଇ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଥାନା ଅଧିକାରୀ



ସୁମିତ କୁମାର ସରେନ ଆୟୋଜନ କରିଥିବାବେଳେ ମୋରଡା ବ୍ଲକର ପାଞ୍ଚଟି ଅଙ୍ଗନବାଡି ସେଣ୍ଟରରୁ ୨୫ ଜଣ କିଶୋର ବାଳକ, କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ମୋରଡା ଥାନାର ସିଡବ୍ଲୁପିଓ ନିବେଦିତା ନାୟକ, ଥାନା ଅଧିକାରୀ ସୁମିତ କୁମାର ସରେନ ଉପସ୍ଥିତ ଥିବା ପିଲାମାନଙ୍କୁ କିପରି ସୋସିଆଲ ମିଡିଆରେ କୌଣସି ଶୋଷଣର ଶିକାର ହେବେ ନାହିଁ, ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏତଦବ୍ୟତୀତ ଦୈନନ୍ଦିନ ଜୀବନରେ କିଶୋର କିଶୋରୀ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନେ ଥାନାକୁ ଆସି ପାରନ୍ତିନାହିଁ। ତେଣୁ ସେମାନେ ସିଧାସଳଖ ପୁଲିସ ସହିତ ଯୋଡି ହେବାକୁ ସରକାର ଆଗକୁ ଜୁଭେଣ୍ଟିକା ନାମକ ଏକ ଏପ୍ଲିକେସନ ଆରମ୍ଭ କରୁଥିବା କଥା ପ୍ରକାଶ କରିଥିଲେ। ପରେ ବିଭିନ୍ନ ପ୍ରକାରର ସଚେତନତାମୂଳକ କାର୍ଟୁନ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଥାନା ପରିସରରେ କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତ ଲୋକଙ୍କୁ କିପରି ଡ୍ରିଙ୍କ ଏଣ୍ଡ ଡ୍ରାଇଭରେ ଚେକିଂ କରାଯାଏ, ତାହାର ଡେମୋ ଦେଖାଇଥିଲେ। ଏଏସଆଇ ଶାନ୍ତିଲତା ଜେନା, ସବଇନ୍ସପେକ୍ଟର ଦେବକୀ ସାହୁ, ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ମହୁଲଡିହା:** ୟୁନିସେଫ ସହାୟତାରେ ଓଡ଼ିଶା ପୁଲିସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଥାନାରେ ଏକକାଳୀନ ୩.୪୫ ମିନିଟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୫ଟି



ଅଙ୍ଗନବାଡି ଅନ୍ତର୍ଗତ କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସୁରକ୍ଷା ସଚେତନତା, ଡିଜିଟାଲ ବ୍ୟବସ୍ଥାର ବ୍ୟବହାର ଓ ଶିଶୁ ସୁରକ୍ଷା ଉପରେ ଆଲୋଚନାର ବିଷୟବସ୍ତୁ ଥିଲା। ଆଭାସୀ କାର୍ଯ୍ୟକ୍ରମରେ ମହୁଲଡିହା ଥାନାରେ ଆଇଆଇସି ତୁଷାର ନାୟକ ଓ ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୋବାଇଲ ବ୍ୟବହାର ଫଳରେ କିପରି ତରୁଣ ଯୁବକ/ଯୁବତୀ ଦିଗଭ୍ରଷ୍ଟ ହେଉଛନ୍ତି, ସରଳତାର ସୁଯୋଗ ନେଇ କିଶୋରୀ ବାଳିକାଙ୍କୁ କିପରି ବ୍ଲାକମେଲ କରାଯାଉଛି ସେ ସମ୍ପର୍କରେ ଆଲୋକପାତ କରି ସଚେତନତା ହିଁ ରକ୍ଷା ପାଇବାର ଶ୍ରେଷ୍ଠ ମାର୍ଗ ବୋଲି କହିଥିଲେ। ମହୁଲଡିହା ଥାନାରେ ଏହି କାର୍ଯ୍ୟକ୍ରମ ଥାନାଧିକାରୀ ସୁଶାନ୍ତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଠାରେ ମଧ୍ୟ ୫ଟି ଅଙ୍ଗନବାଡି ଅଞ୍ଚଳର କିଶୋରୀ ବାଳିକା ସମେତ ଅଙ୍ଗନବାଡି ଦିଦି, ସ୍ଥାନୀୟ ସୁପର ଭାଇଜର ସରୋଜିନୀ ନାୟକ ଓ ସ୍ଥାନୀୟ ଅଭିଭାବକ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଥାନାଧିକାରୀ ସମସ୍ତଙ୍କୁ ଥାନା ପରିସର ବୁଲାଇ ଦେଖାଇଥିଲେ।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବୈଶିଙ୍ଗା ଥାନା ସିଡବ୍ଲୁପିଓ ଇତିଶ୍ରୀ ସାହୁ ପରିଚାଳନା କରିଥିବାବେଳେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର କିଶୋରୀ, ଯୁବପିଢ଼ି ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ସିଡିପିଓ ଛବିରାଣୀ ବେହେରା ଓ ପୁଲିସ ଅଧିକାରୀ ଅନଲାଇନ୍ ଠକେଇରୁ କିପରି ସୁରକ୍ଷିତ ରହିବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର, ଅଜଣା ଲିଙ୍କ ଉପରେ କ୍ଲିକ୍ ନ କରିବା ଓ ଓଟିପି କାହା ସହ ସେୟାର



ନ କରିବା ସମ୍ପର୍କରେ ସଚେତନ କରିଥିଲେ। ସେମାନେ ସୋସିଆଲ୍ ମିଡିଆରେ ବ୍ୟକ୍ତିଗତ ତଥ୍ୟ ଅତ୍ୟଧିକ ସେୟାର କରିବାର କୁପରିଣାମ ବାବଦରେ ମଧ୍ୟ ବାଖ୍ୟା କରିଥିଲେ। ସାଇବର ଅପରାଧୀ ନୂଆ ପ୍ରକାରର ଠକେଇ ମାଧ୍ୟମରେ ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଏହାକୁ ରୋକିବା ପାଇଁ ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର। କୌଣସି ସନ୍ଦେହଜନକ କଲ୍ କିମ୍ବା ମେସେଜ୍ ମିଳିଲେ ତୁରନ୍ତ ସାଇବର ହେଲ୍ପଲାଇନ୍ ୧୯୩୦ କିମ୍ବା ନିକଟସ୍ଥ ପୁଲିସ ଥାନାକୁ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

**କୁଆମରା:** ଖୁଣ୍ଟା ଥାନା ପକ୍ଷରୁ ୧୪ରୁ ୧୮ ବର୍ଷ ବୟସର ବାଳିକାଙ୍କୁ ନେଇ ଥାନା ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଆଇଆଇସି ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକେଇ, ବିଭିନ୍ନ ପ୍ରଲୋଭନ, ମୋବାଇଲରୁ ଅଜଣା ବ୍ୟକ୍ତିଙ୍କ କଲ୍, ଲୋଭର ବଶବର୍ତ୍ତୀ ନ ହେବା, ଅନ୍ଧବିଶ୍ୱାସ ଓ କୁସଂସ୍କାରଠାରୁ ଦୂରେଇ ରହିବା ପ୍ରଭୃତି ଉପରେ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସବଇନ୍ସପେକ୍ଟର ଲିଲି ବେହେରା, ଏଏସ୍ଆଇ ରତିକାନ୍ତ ଦାସ, ସବ୍ୟସାଚୀ ସାମିଲ, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିଭିନ୍ନ ଅଞ୍ଚଳରୁ ବାଳିକା ଓ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ।



## ବାରିପଦାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୪୯୭ଟି ମାମଲାର ବିଚାର, ୧. ୭୧ କୋଟି ଟଙ୍କା ଆଦାୟ

ବାରିପଦା, ୯।୫(ସମିସ):

ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୮୭୯୦ଟି ମାମଲା ମଧ୍ୟରୁ ୨୪୯୭ଟି ମାମଲାର ଅପୋଷ ବିଚାର ହୋଇ ୧ କୋଟି ୭୧ ଲକ୍ଷ ୩୭ ହଜାର ୩୭୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୫୨୨୦ଟି ମାମଲା ମଧ୍ୟରୁ ୩୫୩୩ଟି ମାମଲା ଅପୋଷ ବିଚାର ହୋଇ ୭,୦୩,୬୮,୪୮୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି।




ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୩,୫୭୦ଟି ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୮୪ଟି ମଧ୍ୟରୁ ୩ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୪୦ଟି ମାମଲା ମଧ୍ୟରୁ ୨୭ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୧୫୦ଟିରୁ ୯ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୮୮ଟିରୁ ୧ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୦୨ଟି ମାମଲା ମଧ୍ୟରୁ ୫୩ଟି, ରାଜସ୍ୱ ମାମଲା ୨୪୮୮ଟି ମଧ୍ୟରୁ ୧୯୬୭ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୫୨ଟି ମଧ୍ୟରୁ ୪୩ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୯୩ଟି ମଧ୍ୟରୁ ୪୧ଟି ମିଶାଇ ମୋଟ ୨୪୯୭ଟି ମାମଲାର ଫଇସଲା କରାଯାଇ ୧ କୋଟି ୭୧ ଲକ୍ଷ ୩୭ ହଜାର ୩୭୯ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁମନ ମିଶ୍ର, ପରିବାର ଅଦାଲତ ଜଜ ପ୍ରଦ୍ୟୋତ ରାଉତ, ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ରେଜିଷ୍ଟ୍ରାର ଶ୍ରୁତିସ୍ମିଗ୍ଧା ଦାସ, ସିନିୟର ସିଭିଲ ଜଜ ସତ୍ୟରୂପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ ନିଶାକର ସାହୁ, ଏସଡିଜେଏମ କୁଓ୍ୱେଲ ପଟ୍ଟନାୟକ, ଜେଏମଏଫସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମଧୁଶ୍ରବା ମହାନ୍ତି, ନିଳିଶା ପଟ୍ଟନାୟକ, ଶୁଭାଂଶୁ ଠାକୁରଙ୍କ ସମେତ ଅନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ, ସରକାରୀ ଓକିଲ ରମାକାନ୍ତ ରାଉତ, ଆଇନଜୀବୀ ତାପସ ଦତ୍ତ, ସତ୍ୟନାରାୟଣ ବେହେରା, କମଳ କୁମାରରାୟ, ଧିରେନ୍ଦ୍ର ମହାପାତ୍ର, ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ, ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ● କୁଡୁମୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

# ଆନ୍ଦୋଳନ ଚେତାବନୀ ଦେଲା ଓଡ଼ିଶା କୁଡୁମୀ ସେନା



କରଞ୍ଜିଆ, ୯।୫(ସମିସ): ଓଡ଼ିଶା କୁଡୁମୀ ସେନା ପକ୍ଷରୁ ପଶ୍ଚିମବଙ୍ଗର ନବନିର୍ବାଚିତ କୁଡୁମୀ ବିଧାୟକଙ୍କୁ କୋଲକାତାରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ ଓ ଝାଡ଼ଖଣ୍ଡର କ୍ରାନ୍ତିକାରୀ ଯୁବ ସଂଗଠକ ଅମିତ ମାହାତୋଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ହାରାଲାଲ ମହାନ୍ତ, ସାରସକଣା ବ୍ଲକ ଉପସଭାପତି କାର୍ତ୍ତିକ ମହାନ୍ତ, ଶାମାଖୁଣ୍ଟା ବ୍ଲକ ସଭାପତି ଟିକି ମହାନ୍ତ, ରାଜ୍ୟ ଯୁବ ସମ୍ପାଦକ ଚିନ୍ମୟ ମହାନ୍ତ, ଗୁଲୁଗୁଲା ମହାନ୍ତ, କବିଳ ମହାନ୍ତ ପ୍ରମୁଖ ଗୋପିବଲ୍ଲଭପୁର ବିଧାୟକ ରାଜେଶ ମାହାତୋ ଓ ଜୟପୁର ବିଧାୟକ ବିଶ୍ୱଜିତ୍ ମାହାତୋଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏ ଅବସରରେ କୁଡୁମୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ନିର୍ବାଚନ ପ୍ରଚାର ବେଳେ କୁଡୁମୀ ସମାଜକୁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ଯଦି ସରକାର ଆଗାମୀ ମାସ ଭିତରେ ପାଳନ ନ କରନ୍ତି; ଓଡ଼ିଶା କୁଡୁମୀ ସେନା ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ତିନି ରାଜ୍ୟର କୁଡୁମୀଙ୍କୁ ନେଇ ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ ସୂଚନା ଦେଇଛନ୍ତି।

# ହାତୀ ଆକ୍ରମଣରେ ମହିଳା ଆହତ



ଠାକୁରମୁଣ୍ଡା/ଆନନ୍ଦପୁର, ୯।୫ (ସମିସ): କରଞ୍ଜିଆ ବନଖଣ୍ଡର ସାତକୋଶିଆ ରେଞ୍ଜ ଅନ୍ତର୍ଗତ ଧାତକିଡ଼ିହା ଗ୍ରାମରେ ଶନିବାର ସକାଳେ ହାତୀ ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଉଛନ୍ତି ସେହି ଗ୍ରାମର ବିଜୁଳି ବାଇଁସିଆ ବୋଲି ଜଣାପଡ଼ିଛି। ତାଙ୍କୁ ଉଦ୍ଧାର କରି ପରିବାର ଲୋକ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ମହିଳା ବିଜୁଳି ଗ୍ରାମର ଅନ୍ୟ ଜଣେ ମହିଳାଙ୍କ ସହିତ ସକାଳ ପ୍ରାୟ ୭ଟା ସମୟରେ ଗ୍ରାମ ନିକଟରେ ଥିବା ଆମ୍ବ ଗଛରୁ ପାଚିଲା ଆମ୍ବ ତେଳିବାକୁ ଯାଉଥିଲେ। ଏ ସମୟରେ ସେମାନେ ଏକ ହାତୀ ସମ୍ମୁଖରେ ପଡ଼ିଯାଇଥିଲେ। ଜଣେ ମହିଳା ହାତୀକୁ ଦେଖି ଦୌଡ଼ି ପଳାଇ ଯାଇଥିବାବେଳେ ବିଜୁଳିଙ୍କୁ ହାତୀ ଶୁଣ୍ଢରେ ପେଲି ଦେଇ ସେଠାରୁ ପଳାଇଯାଇଥିଲା। ପରେ ସଂଜ୍ଞାହୀନ ଅବସ୍ଥାରେ ଗ୍ରାମବାସୀ ବିଜୁଳିଙ୍କୁ ଉଦ୍ଧାର କରି ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସାତକୋଶିଆ ବନ୍ୟ ପ୍ରାଣୀ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

## ● ଯଶିପୁର ଅଞ୍ଚଳରେ ଲଘୁ ଖଣିଜ ମାଫିଆ ସକ୍ରିୟ

# ମିଳିତ ଚଢ଼ଉ ବେଳେ ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର/କରଞ୍ଜିଅଳ, ୯।୫(ସମିସ): ଯଶିପୁର ଅଞ୍ଚଳରେ ଲଘୁ ଖଣିଜ ମାଫିଆ ସକ୍ରିୟ ହୋଇଛନ୍ତି। ଲଘୁ ଖଣିଜ ଚୋରା ଚାଲାଣ ଜାରି ଥିବାବେଳେ ଖଣି ଓ ପୁଲିସ ବିଭାଗ ମିଳିତ ଚଢ଼ଉ କରି ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଏ ନେଇ ଜିଲ୍ଲା ମାଇନିଂ ବିଭାଗ ପକ୍ଷରୁ କନିଷ୍ଠ ମାଇନିଂ ଅଧିକାରୀ ଚାମରୁ ମାଝୀ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ମାଇନିଂ ଓ ଯଶିପୁର ଥାନା ପୁଲିସ ଦ୍ୱାରା ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ଶୁକ୍ରୁଳିସ୍ଥ ନଦୀ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଆନ୍ତଃଜିଲ୍ଲା ଚାଲାଣ ହେଉଥିବା ଖବର ପାଇଥିଲେ। ଟଙ୍ଗାବିଳା ରାସ୍ତାରେ ଦ୍ରୁତଗତିରେ ଆସୁଥିବା ହାଇୱା ଅଟକାଇ ପଚରାଉଚରା କରିଥିଲେ। ବେଆଇନ ଭାବେ ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ଯଶିପୁର ଥାନାରେ ଅଭିଯୋଗକ୍ରମେ ଲଘୁ ଖଣିଜ ବେଆଇନ ମାମଲା ରୁଜୁ କରାଯାଇ ଚୋରା ଚାଲାଣ ନେଇ ତଦନ୍ତ ଜାରି ରହିଛି।

## ● ପୌର ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ କଂଗ୍ରେସର ବୈଠକ

# ତୃଣମୂଳ ସ୍ତରରେ ସଙ୍ଗଠନ ମଜବୁତ ନେଇ ଆଲୋଚନା

ରାଇରଙ୍ଗପୁର, ୯।୫(ସମିସ): ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ସଙ୍ଗଠନକୁ ମଜବୁତ କରିବା ପାଇଁ କଂଗ୍ରେସ ଅଣ୍ଟା ଭିଡିଛି। ତୃଣମୂଳ ସ୍ତରରୁ ସଙ୍ଗଠିତ କରିବା ପାଇଁ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଛି। ସଭାପତି ଭୂବନ ବିହାରୀ ସାହୁଙ୍କ ପୌରୋହିତ୍ୟରେ ରାଇରଙ୍ଗପୁରଠାରେ ବ୍ଲକ, ପଞ୍ଚାୟତ ଓ ନଗର ବୁଥ ସଙ୍ଗଠନକୁ ମଜବୁତ କରିବା ପାଇଁ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି। ରାଜ୍ୟରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ରହିଛି। ରାଜ୍ୟରେ ହିଂସା ଓ ଅପରାଧ ମାତ୍ରା ବୃଦ୍ଧି ପାଉଛି। ବିଜେପି ସରକାରରେ ନାରୀ ନିର୍ଯାତନା ମାତ୍ରା ଅନେକ ବୃଦ୍ଧି ପାଇଛି। କିନ୍ତୁ ବିଜେପି ନାରୀ ସୁରକ୍ଷା ନେଇ ମିଛ ଡିଣ୍ଡିମ ପିଟୁଛି। ଯାହାକୁ ନେଇ କଂଗ୍ରେସ ଘରକୁ ଘର ଯାଇ ଜନସଚେତନ କରିବ। ପୌର ଓ ପଞ୍ଚାୟତ ନିର୍ବାଚନରେ ସଂଗଠିତ ହୋଇ ବିଜେପି ବିରୁଦ୍ଧରେ ଲଢେଇ କରିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଛି। ଆଗାମୀ ଦିନରେ ମହିଳା ଆନ୍ଦୋଳନକୁ ମଧ ତୀବ୍ରତର କରାଯିବ। ଏ ନେଇ ବୈଠକର ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ମହିଳା କଂଗ୍ରେସର ଉପସଭାପତି ଜବାମଣି ଟୁଡୁ, ଆଦିବାସୀ କଂଗ୍ରେସର ଜିଲ୍ଲା ସଭାପତି ବେରେଲ ସିର୍କା, ଜିଲ୍ଲା କୋଷାଧ୍ୟକ୍ଷ ଜାକିର ହୁସେନ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, ବିଧାୟକ ପ୍ରାର୍ଥୀ ଯୋଗେନ୍ଦ୍ର ବାନରା, ସମସ୍ତ ବ୍ଲକ ଓ ନଗର ସଭାପତି ଓ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ସମସ୍ତେ କଂଗ୍ରେସ ସଂଗଠନକୁ ସଶକ୍ତ ଓ ମଜବୁତ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଏଥିସହିତ ବହୁ କର୍ମୀ ଓ ସଂଗଠକ ଯୋଗ ଦେଇଥିଲେ।




## ● ରାସ୍ତା କଡ଼ରେ ପାର୍କିଂ ଟ୍ରଲର ଉପରକୁ ମାଡ଼ିଗଲା ଟ୍ରକ୍

# ବର୍ତ୍ତିଲେ ଚାଳକ ଓ ହେଲପର

ରାଇରଙ୍ଗପୁର, ୯।୫(ସମିସ): ଜାତୀୟ ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ପୁଣି ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରଲର ଉପରକୁ ଟ୍ରକ୍ ମାଡ଼ି ଦୁର୍ଘଟଣା ଘଟିଛି। ତେବେ ଅଳ୍ପକେ ଚାଳକ ଓ ହେଲପରଙ୍କ ଜୀବନ ବର୍ତ୍ତିଯାଇଛି। ଜାତୀୟ ରାଜପଥ ନମ୍ବର ୨୨୦ର ଭାଲୁବସା ନିକଟରେ ଶନିବାର ପୂର୍ବାହ୍ନ ସମୟରେ ଏକ ଟ୍ରଲର ରାସ୍ତା କଡ଼ରେ ପାର୍କିଂ ହୋଇଥିଲା।



ଏ ସମୟରେ ଟାଟା ପଟକୁ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ ବେପରୁଆ ଭାବେ ଗାଡି ଚାଳନା କରି ଦୁର୍ଘଟଣା ଘଟାଇଥିଲା। ଭାରସାମ୍ୟ ହରାଇ ଟ୍ରକଟି ଟ୍ରଲର ଡାଲା ଉପରକୁ ମାଡ଼ିଯାଇଥିଲା। ଚାଳକ ଓ ହେଲପର ଆହତ ହୋଇଥିବାବେଳେ ସେମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଯାଇଛି। ତେବେ ଏ ସମୟରେ ରାସ୍ତାରେ ଲୋକେ ନ ଥିବାରୁ ବଡ଼ ଦୁର୍ଘଟଣାରୁ ସେମାନେ ମଧ ବର୍ତ୍ତିଯାଇଛନ୍ତି। ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଦୁଇଟି ଗାଡି ଜବତ କରି ତଦନ୍ତ ଚାଲିଛି।

# ଆନନ୍ଦପୁର ଆର୍‌ଏମ୍‌ସିରେ ଉଦ୍ୟୋଗୀ ଓ ଚାଷୀ ବୈଠକ



ଆନନ୍ଦପୁର, ୯।୫(ସମିସ): ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ତପନ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପ୍ରାୟ ୫୦ ମହିଳା ଉଦ୍ୟୋଗୀ ଚାଷୀ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଘଷିପୁରା ବ୍ଲକରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟ କିପରି ଭାବେ ଇ-ନାମ ମାଧ୍ୟମରେ ସଠିକ୍ ମୂଲ୍ୟରେ ବିକ୍ରିବଟା ହୋଇ ପାରିବ ଏବଂ ଚାଷୀମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇପାରିବେ ସେହି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଏହାକୁ ନିୟନ୍ତ୍ରିତ ବଜାର କମିଟିର ମଣ୍ଡି ପର୍ଯ୍ୟବେକ୍ଷକ ଶକ୍ତିପ୍ରସାଦ ମିଶ୍ର ଭଲ ଭାବରେ ଚାଷୀଙ୍କୁ ବୁଝାଇ କହିଥିଲେ। ନିୟନ୍ତ୍ରିତ ବଜାର କମିଟିର ମଣ୍ଡି ପରୀକ୍ଷକ ସୁବ୍ରତ କୁମାର ବେହେରା ଏହାକୁ ଉପସ୍ଥାପନ କରିଥିଲେ। ନିୟନ୍ତ୍ରିତ ବଜାର କମିଟିର ଅନ୍ୟାନ୍ୟ କର୍ମଚାରୀ ଉକ୍ତ ସଭାରେ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

# କରଞ୍ଜିଆ ପଞ୍ଚାୟତରେ ଠିକାଦାର-ଯନ୍ତ୍ରୀ ସଲାସୁତୁରା



ଚମ୍ପୁଆ, ୯।୫(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ନିମ୍ନମାନର କରାଯାଉଥିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ସହ ଅଧିକାରୀଙ୍କ ତଦାରଖ ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି। ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୫ମ ଏସଏଫସି ଆର୍ଥିକ ବର୍ଷ ୨୦୨୫-୨୬ରେ ଚମ୍ପୁଆ ପଞ୍ଚାୟତ ସମିତି ଦ୍ୱାରା ୧୦ ଲକ୍ଷ ବ୍ୟୟ ଅଟକଳରେ ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର ନିର୍ମାଣ କରାଯାଉଛି। ମାତ୍ର କରାଯାଉଥିବା କାର୍ଯ୍ୟ ନିମ୍ନମାନର କରାଯାଉଥିବା ତଥା ଢଳେଇ ପରିବର୍ତ୍ତେ ମେଟାଲ ବିଛାଇ ସିମେଣ୍ଟ ମସଲା ମରାଯାଉଥିବା ଏବଂ ପିଲରଗୁଡିକ ଠିକ ଭାବରେ କରାଯାଉ ନଥିବା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନଥିବା ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଦେଖାଯାଇଛି। କାମ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବାର ନିୟମ ରହିଥିଲେ ହେଁ କାର୍ଯ୍ୟ ଅଧା ପରେ ତଥା ଅଭିଯୋଗ ପରେ ତରବରିଆ ଭାବରେ ସୂଚନା ଫଳକ ଲଗାଯାଇଛି। ଅନ୍ୟପକ୍ଷରେ, ଦିନକ ତଳେ ଉକ୍ତ ପଞ୍ଚାୟତର ସରପଞ୍ଚ ସୁପ୍ରିୟା ମୁଣ୍ଡା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ଅଣଦେଖା ଅଭିଯୋଗ କରି ନିଜ ପଦରୁ ଇସ୍ତଫା ଦେବାକୁ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ କରଞ୍ଜିଆ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଠିକାଦାର ଓ ଯନ୍ତ୍ରୀଙ୍କର ସଲାସୁତୁରାରେ ହେଉଥିବାରୁ କାର୍ଯ୍ୟ ଆରମ୍ଭ ସୂଚନା ସାଧାରଣ ଲୋକ ଜାଣି ପାରୁନାହାନ୍ତି। ଏନେଇ ଚମ୍ପୁଆ ବିଡିଓ ସ୍ମୃତି ରଂଜନ ସାହୁଙ୍କୁ ପଚାରିବାରୁ କହିଛନ୍ତି ଯେ ଖବର ପାଇବା ପରେ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।

## ନିମ୍ନମାନର କାର୍ଯ୍ୟ ଅଭିଯୋଗ

# ଜନଜାତିଙ୍କ ପାଇଁ ଅଣ୍ଟା ଭିଡ଼ିଲା ଭଞ୍ଜସେନା

ବାରିପଦା/ରାଇରଙ୍ଗପୁର, ୯।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଜନଜାତି ପିଲାଙ୍କ ଅଧାରୁ ପାଠ ବନ୍ଦ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପରେ ଶନିବାର ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସହିତ ବିଭିନ୍ନ ବର୍ଗର ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ପ୍ରଭାବିତ ଯଶିପୁର ବ୍ଲକ ଘଞ୍ଚ ଜଙ୍ଗଲ ପାହାଡ଼ଘେରା ବାଉଁଶନାଳି ପଞ୍ଚାୟତ ଅଧୀନସ୍ଥ ଟାଙ୍କୁରୁସାହି, ରାମସାହି, ମଣ୍ଡାମ ଓ ଗେନ୍ତେଇସାହି ପ୍ରଭୃତି ଅଞ୍ଚଳକୁ ଯାଇ ସେହି ଅଞ୍ଚଳରେ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ି ବସିଥିବା କୁନି କୁନି ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଭେଟି କେଉଁ କାରଣ ଯୋଗୁଁ ପ୍ରବଳ ଇଚ୍ଛା ଥାଇ ମଧ ପିଲାମାନେ ଅଧାରୁ ପଢା ଛାଡିଛନ୍ତି, ସେ ବାବଦରେ ସେମାନଙ୍କର ମୁଖରୁ ଦୁଃଖ ଦୁର୍ଦ୍ଦଶା ବୁଝିଥିଲେ। ଏ ବାବଦରେ ସଂଗଠନ ପ୍ରତିଷ୍ଠାତା ବିଭିନ୍ନ ସରକାରୀ ଅଧିକାରୀଙ୍କ ସହିତ ଉପୁଜିଥିବା ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ନିବେଦନ କରିଥିଲେ। ସମ୍ବଳ ଅଭାବରୁ ନିଜ ନିଜର ସମସ୍ୟା ସମାଧାନ ସକାଶେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରିପାରୁ ନ ଥିବା ଉକ୍ତ ଗରିବ ପରିବାରର ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାରବର୍ଗଙ୍କୁ ପ୍ରଶାସନିକ ଅଧିକାରୀ



ଭେଟି ସମସ୍ୟା ବାବଦରେ ଅବଗତ କରିବା ସକାଶେ ଯିବା ପାଇଁ ଅଳ୍ପ କିଛି ବାଟ ଖର୍ଚ୍ଚ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଥିଲା।

ଭଞ୍ଜସେନା ପ୍ରତିଷ୍ଠାତାଙ୍କ ସହିତ ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ଉପାଧ୍ୟକ୍ଷ ଦକ୍ଷିଣା ମହାନ୍ତ, ବାଉଁଶନାଳି ପଞ୍ଚାୟତ ସମିତି ସଭ୍ୟ ସଞ୍ଜୀବ କୁମାର ମହାନ୍ତ, ସରପଞ୍ଚ ସମୀର କୁମାର ନାୟକ, ବାରିପଦା ସହର ସଭାପତି ରାଜେଶ ଦାଶ ପ୍ରମୁଖ ସାମିଲ ହୋଇ ଏହି ଅଞ୍ଚଳରେ ହେଉଥିବା ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ ସଂଖ୍ୟା ଉପରେ ରୋକ୍ ଲଗାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରିଥିଲେ। ଆଉଏକ ଆଶ୍ଚର୍ଯ୍ୟଜନକ ସମସ୍ୟା ଯଶିପୁର ବ୍ଲକ ଘଞ୍ଚ ଜଙ୍ଗଲ ପାହାଡ଼ ଘେରା ବାଉଁଶନାଳି ପଞ୍ଚାୟତ ଅଧୀନସ୍ଥ ଟାଙ୍ଗୁରୁସାହି, ରାମସାହି, ମଣ୍ଡାମ, ଗେନ୍ତେଇସାହି ଅଞ୍ଚଳରେ ଦେଖିବାକୁ ମିଳିଥିଲା, ତାହା ହେଉଛି ସେହି ଅଞ୍ଚଳ ସହିତ ସେହି ପାଖାପାଖି ଅଞ୍ଚଳରେ ଉଦାହରଣ ସ୍ୱରୂପ ପ୍ରତ୍ୟେକ ଘରୁ କେହି ନା କେହି ରୋଜଗାର ଆଶାରେ ଦାଦନ ଖଟିବା ପାଇଁ ବାହାରକୁ ଯାଇଛନ୍ତି। ଏହି ସମସ୍ୟା ଯୋଗୁଁ ଗୋଟିଏ ପ୍ରକାରର ଗ୍ରାମଗୁଡ଼ି ଯୁବକ ଶୂନ୍ୟ ହେବା ଭଳି ଲାଗୁଥିଲା ବୋଲି ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ ଭଞ୍ଜସେନା ଉପାଧ୍ୟକ୍ଷ ଦକ୍ଷିଣା ମହାନ୍ତ ସୂଚନା ପ୍ରଦାନ କରିଛନ୍ତି।

# ଲତା-ଗୁଳ୍ମରେ ଲୁଚିଗଲାଣି ଆନନ୍ଦପୁର ମହାବିଦ୍ୟାଳୟ ଶିକ୍ଷାୟତନ





ଆନନ୍ଦପୁର, ୯।୫ (ସମିସ): ରକ୍ଷଣାବେକ୍ଷଣ ଅଭାବରୁ ଆନନ୍ଦପୁର ମହାବିଦ୍ୟାଳୟର ଶିକ୍ଷାୟତନ ଲତା-ଗୁଳ୍ମରେ ଲୁଚିଗଲାଣି। ଅନାବନା ଗଛବଢ଼ି ଯାଇ କୋଠା ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ପ୍ରତିଦିନ ଝଡ଼ାପତ୍ରରେ ପରିବେଶ ଦୂଷିତ ହେଉଥିବାରୁ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିୟମିତ ସଫେଇ ଏବଂ ଝଡ଼ାପୋଛା ହେଉ ନଥିବାରୁ ଶିକ୍ଷାୟତନର ପରିବେଶ ଦୂଷିତ ହୋଇପଡୁଥିବାରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ଭାଗ୍ୟ ଓ ଭବିଷ୍ୟତ ଗଢ଼ା ହେଉଥିବା ଶିକ୍ଷନୁଷ୍ଠାନର ପରିବେଶକୁ ମନଛୁଆଁ କରିବା ଜରୁରୀ ହୋଇପଡ଼ିଛି। କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଆନନ୍ଦପୁର ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଥିବା ବେଳେ ବିବିଧ ସମସ୍ୟା ଯୋଗୁଁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀ ସଂଖ୍ୟା ପ୍ରାୟ ୨୩ ଶହରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏବଂ ସର୍ବମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ଶତକଡ଼ା ୭୦ ପ୍ରତିଶତ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ରାଜ୍ୟର ଏକ ସର୍ବପୁରାତନ ମହାବିଦ୍ୟାଳୟ ହୋଇଥିଲେ ବି ସରକାରୀ ମାନ୍ୟତା ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇନାହିଁ। ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାର ଏହି ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ ବିଭାଗ ଖୋଲିବାକୁ ବହୁବାର ଦାବି ହୋଇଥିଲେ ମଧ ତାହା ବିଭାଗୀୟ ଦପ୍ତରୀରେ ଚାପି ହୋଇଯାଇଛି। ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲାଯାଇ ପାରିନାହିଁ। ରାଜ୍ୟ ସରକାର ଏହି ମହାବିଦ୍ୟାଳୟର ସମସ୍ୟା ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ବରିଷ୍ଠ ନାଗରିକଙ୍କୁ ତହସିଲଦାରଙ୍କ ଅଣଦେଖା ଅଭିଯୋଗ

ବେତନଟୀ, ୯।୫(ସମିସ):

ସରକାରୀ କାର୍ଯ୍ୟାଳୟରେ ଜନସାଧାରଣଙ୍କ କଥା କିମ୍ବା ଅଭିଯୋଗ ଶୁଣିବା ପାଇଁ ନିୟୋଜିତ ଅଧିକାରୀ ବରିଷ୍ଠ ନାଗରିକ, ସାଧାରଣ ଲୋକ ଓ ସାମ୍ବାଦିକଙ୍କୁ ଅଣଦେଖା କରିବା ଓ କାର୍ଯ୍ୟାଳୟରୁ ପଳାଇଯିବା ଅଭିଯୋଗ ହୋଇଛି। ଏହି ଘଟଣା ବେତନଟୀ ତହସିଲ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

ସୂଚନା ମୁତାବକ, କୌଣସି କାମ ପାଇଁ ଶିଂଲାମୁଣ୍ଡୁଳି ଗ୍ରାମର କିଛି ଲୋକ, ବାଘମରା ଅଞ୍ଚଳର ବରିଷ୍ଠ ନାଗରିକ ଶିଶିର ଦାସ ବେତନଟୀ ତହସିଲଦାରଙ୍କୁ ଭେଟିବାକୁ ଆସିଥିଲେ। ତହସିଲଦାର ନିଜ ଚାମ୍ବରରେ ବସିଥିବାବେଳେ ଶ୍ରୀ ଦାସ ଓ ଅନ୍ୟମାନେ ଚାମ୍ବରକୁ ପଶିବା ପାଇଁ ଅନୁମତି ମାଗିବା ମାତ୍ରେ ତହସିଲଦାର ହଠାତ୍ ନିଜ ଆସନରୁ ଉଠି ଯାଇ କିରାଣି ଓ କମ୍ପ୍ୟୁଟର ରୁମ୍‌କୁ ଚାଲିଯାଇଥିଲେ। ସେଠାରେ ନିଜ ଅଫିସ କର୍ମଚାରୀଙ୍କ ସହ ବସି ଟାହି ଟାପରା କଲା ଭଳି କଥାବାର୍ତ୍ତା ହେଉଥିଲେ, ଫଟୋ ଉଠାଉଥିଲେ ଓ ବିଭିନ୍ନ ପ୍ରକାର ଥଟା ମଜାରେ ବ୍ୟସ୍ତ ରହିଥିଲେ। ଏହାକୁ ଦେଖିଲେ ଏକ କଲେଜ ପିଲାଙ୍କ ଖଟି କିମ୍ବା ବଜାରରେ ଚାଲୁଥିବା ସକାଳ ଚାହା ଖଟିର ଭ୍ରମ ସୃଷ୍ଟି କରୁଥିଲା। ତାଙ୍କୁ ଦେଖା କରିବାକୁ ଆସିଥିବା ଶ୍ରୀ ଦାସ ଓ ଅନ୍ୟମାନେ ତହସିଲଦାରଙ୍କ ଚାମ୍ବରରେ ଅପେକ୍ଷା କରି ବସିରହିଥିଲେ। ଏହି ସମୟରେ ଜଣେ ସାମ୍ବାଦିକ ତାଙ୍କର କିଛି କାମ ପାଇଁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ବରିଷ୍ଠ ନାଗରିକ ଶ୍ରୀ ଦାସ ସେଠାରେ କାହାକୁ ଜଗି ବସିଥିବା ଦେଖି କ'ଣ ହୋଇଛି। ଏତେ ଲୋକ ଏଠି କ'ଣ ପାଇଁ ପଚାରିବାରୁ ଶ୍ରୀ ଦାସ କହିଲେ ବାପାମାନଙ୍କ ନାମରେ ଥିବା ଜମିରେ ଯଦି କିଛି ଗଣ୍ଡଗୋଳ ନ ଥାଏ, ତେବେ ତାହା ଅପୋସ ଆଲୋଚନା ମାଧ୍ୟମରେ ପୁଅଝିଅଙ୍କ ନାମକୁ ତହସିଲଦାର କରି ଦେଇପାରିବେ ବୋଲି ସରକାର କହିଛନ୍ତି। ତେଣୁ ସେହି କଥା ବୁଝିବାକୁ ଆସିଛୁ ବୋଲି କହିଥିଲେ। ସାମ୍ବାଦିକ ଯାଇ ତହସିଲଦାରଙ୍କୁ ଏହା ଜଣାଇଥିଲେ ମଧ ତହସିଲଦାର ନିଜ ଚାମ୍ବରକୁ ଫେରି ନ ଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଶ୍ରୀ ଦାସ ଓ ଅନ୍ୟ ଲୋକମାନେ ସେଠାରୁ ଫେରିଯାଇଥିଲେ। ଏହି ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତହସିଲଦାରଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ ସୃଷ୍ଟି କରିଛି।

ସରକାର ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ବିଭିନ୍ନ ବ୍ୟବସ୍ଥା କରୁଥିବା ତଥା ନିଜେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ଅସୁବିଧା ସମାଧାନ କରିବା ପାଇଁ ଜନଶୁଣାଣି କରି ଜନସାଧାରଣଙ୍କ ଅଭିଯୋଗ ଶୁଣୁଥିବା ସମୟରେ ଏପରି ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିସହିତ ତହସିଲଦାର ଚନ୍ଦ୍ରଜିତ୍ ବେହେରା ବେତନଟୀ ତହସିଲରେ ଯୋଗ ଦେବା ଦିନଠାରୁ ତହସିଲ କାର୍ଯ୍ୟାଳୟକୁ ଦୂରଦୂରାନ୍ତରୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଆସୁଥିବା ସାଧାରଣ ଜନତାଙ୍କୁ ସମୟ ନ ଦେବା, ସାଧାରଣ ଜନତାଙ୍କ ଅଭିଯୋଗ ନ ଶୁଣିବା, ସାଧାରଣ ଲୋକଙ୍କୁ ସହଜରେ ସାକ୍ଷାତ୍ ନ କରିବା ଭଳି ଅନେକ ଅଭିଯୋଗ ରହିଛି। ତହସିଲଦାର ସାଧାରଣ ଜନତାଙ୍କୁ ଅଣଦେଖା କରୁଥିବାରୁ ବେତନଟୀ ତହସିଲ ଅଞ୍ଚଳରେ ତହସିଲଦାରଙ୍କ ବିରୋଧରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ତହସିଲଦାରଙ୍କଠାରୁ ଫୋନ ଯୋଗେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ ରିସିଭ୍ କରି ନ ଥିଲେ। ତେଣୁ ତାଙ୍କଠାରୁ ଏ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ଉକ୍ତ ଘଟଣାର ତଦନ୍ତ ଓ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବରିଷ୍ଠ ନାଗରିକ ଶ୍ରୀ ଦାସ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ମେ' ୧୭ରେ ଜୀ ସାର୍ଥକରେ 'ମଟରସାଇକେଲ'

ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର



ଓଲିଉଡ୍‌ର ଚର୍ଚ୍ଚିତ ଫ୍ୟାମିଲି କମେଡି ଡ୍ରାମା 'ମଟରସାଇକେଲ' ଏବେ ଟିଭି ପରଦାରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ପ୍ରସ୍ତୁତ । ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ 'ଜୀ ସାର୍ଥକ'ରେ ଏହି ସିନେମାର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଅନୁଷ୍ଠିତ ହେବ । ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଏକ ସାଧାରଣ ମଟରସାଇକେଲକୁ ନେଇ ପରିବାର ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱନ୍ଦ୍ୱ, ଅହଂକାର ଏବଂ ହାସ୍ୟରସର ଏକ ସୁନ୍ଦର ମିଶ୍ରଣ । କାହାଣୀର ମୂଳ ବିଷୟବସ୍ତୁ ହେଉଛି 'ପ୍ରେମ ବନାମ ଲୋଭ' । କେଲୁ (ଜ୍ୟୋତି ରଞ୍ଜନ ନାୟକ) ଏବଂ କାବେରୀ (ପ୍ରୀତି ବିଶ୍ୱାଳ)ଙ୍କ ବଢୁଥିବା ପ୍ରେମ ମଝିରେ ପାଚେରୀ ସାଜିଛି କେଲୁଙ୍କ ପିତାଙ୍କର ଏକ ମଟରସାଇକେଲ ଦାବି । ଏହି ଦାବି କିପରି ପାରିବାରିକ କଳହ ଓ ହଟଚମଟ ସୃଷ୍ଟି କରୁଛି, ତାହା ଅତ୍ୟନ୍ତ ରୋଚକ ଢଙ୍ଗରେ ପରିବେଷଣ କରାଯାଇଛି । ଏହି ସିନେମାରେ କୁନା ତ୍ରିପାଠୀଙ୍କ ଜବରଦସ୍ତ କମେଡି ଟାଇମିଂ ଏବଂ ଜ୍ୟୋତିଙ୍କ ଅଭିନୟ ବଡ଼ ପରଦାରେ ବେଶ୍ ପ୍ରଶଂସିତ ହୋଇଥିଲା । ସୋମେଶ ଶତପଥୀଙ୍କ ସଙ୍ଗୀତ ଏବଂ ଡକ୍ଟର ନିର୍ମଳ ନାୟକଙ୍କ ଗୀତ ସିନେମାକୁ ଅଧିକ ଜୀବନ୍ତ କରିଛି । ଏହି ଅବସରରେ 'ଜୀ ସାର୍ଥକ'ର ଚିଫ୍ ଚ୍ୟାନେଲ୍ ଅଫିସର୍ ରାହୁଲ ରାଓ କହିଛନ୍ତି, ଗୋଟିଏ ସାଧାରଣ ମୋଟର ସାଇକେଲ କିପରି ଏକ ନିଆରା ମନୋରଞ୍ଜନର ଖୋରାକ ଯୋଗାଇ ପାରେ, ତାହା ଏହି ସିନେମାରେ ଚମତ୍କାର ଭାବେ ଚିତ୍ରଣ କରାଯାଇଛି । ■

# ମେ ୧୫ରେ 'ବିଦେହ'

ଆତ୍ମା ଶରୀର ଓ ମନ ଭିତରେ ଥିବା ସୀମା ଏବଂ ତା' ଭିତରେ ଥିବା ନିର୍ଣ୍ଣୟକୁ ନେଇ ଆସୁଛି ନୂଆ ଓଡ଼ିଆ ଫିଲ୍ମ 'ବିଦେହ' । ନିଚ୍ଛକ ଓଡ଼ିଆ ଏବଂ ଓଡ଼ିଶାର ମୌଳିକ କାହାଣୀ ସହ ଏହି ଫିଲ୍ମ ମେ ୧୫ ତାରିଖରେ ବଡ ପରଦାକୁ ଆସୁଛି । ବିବାହ ପରେ ସ୍ୱାଧୀନତାର ସହ ବଞ୍ଚିବାର ସ୍ପୃହାକୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଗତିଶୀଳ । ବୟସ ବଢ଼ିଲେ ବି ମନର ସ୍ପୃହା କିଭଳି ମରେନା ଏବଂ ସେ ତା' ଭିତରେ ବଞ୍ଚି ରୁହେ । ଏହା ପ୍ରଦର୍ଶିତ ହୋଇଛି ଏହି ଚଳଚ୍ଚିତ୍ରରେ । ଏହି ସିନେମାରେ ଭୁବନେଶ୍ୱରରେ ରହୁଥିବା ଖ୍ୟାତି ସମ୍ପନ୍ନ ପରିବାରର ଜଣେ ସ୍ତ୍ରୀ ଲୋକ ଓ ତାଙ୍କର ତିନିଜଣ ଅନ୍ତରଙ୍ଗ ବାନ୍ଧବୀଙ୍କ କାହାଣୀ ଦେଖାଯାଉଛି । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ କାଜଲ ଶତପଥୀ, ଉଷସୀ ମିଶ୍ର, ସୁକାନ୍ତ ରଥ, ଗୌରବ ମହାନ୍ତି, ଡେଜି, ଏଲିନା ଓ କୌଶିକ ମହାପାତ୍ର ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରଟି 'ଟ୍ୱିଷ୍ଟି ଫୋର୍ ଜାନୁଆରୀ ପ୍ରଡକ୍ସନ' ବ୍ୟାନରରେ ପ୍ରସ୍ତୁତ ହୋଇଥିବା ବେଳେ ଏହାର ପ୍ରଯୋଜିକା ଅଛନ୍ତି ବିୟତ୍ ପ୍ରଜ୍ଞା ତ୍ରିପାଠୀ ଓ କାର୍ଯ୍ୟକାରୀ ପ୍ରଯୋଜିକା ବେଦନା ତ୍ରିପାଠୀ । କାହାଣୀ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ବିୟତ୍ ପ୍ରଜ୍ଞା ତ୍ରିପାଠୀ । ଦେବଦାସ ଛୋଟରାୟ ଗୀତର ଶବ୍ଦକୁ ସଜେଇଥିବା ବେଳେ ଶରତ ନାୟକ ଗୀତ ଗାଇଛନ୍ତି । 'ବିଦେହ'ର ନିଆରା କାହାଣୀ ଦର୍ଶକଙ୍କୁ ଭଲ ଲାଗିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି । ■



# ଲେଖକରୁ ନିର୍ଦ୍ଦେଶକ



ଚଳଚ୍ଚିତ୍ର ସଂଳାପ, କାହାଣୀ ଓ ଚିତ୍ରନାଟ୍ୟ ରଚନା କ୍ଷେତ୍ରରେ ଏବେ ଓଲିଉଡ୍‌ର ଜଣେ ଚିହ୍ନା ଚେହେରା ମାନସ ପଢ଼ିଆରୀ । ଖୁବ୍ କମ୍ ଦିନରେ ଓଲିଉଡ୍‌ରେ ଲେଖକ ଭାବେ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ବର୍ତ୍ତମାନ ଲେଖକରୁ ନିର୍ଦ୍ଦେଶକ ହେବାକୁ ଯାଉଛନ୍ତି ମାନସ । ପ୍ରଥମ ଥର ପାଇଁ ତାଙ୍କ ନିର୍ଦ୍ଦେଶିତ ସିନେମା 'ଛକି ଶୂନ' ଆସନ୍ତା ରଜରେ ମୁକ୍ତି ଲାଭ କରିବାକୁ ଯାଉଛି । ସୁପରଷ୍ଟାର୍ ଅନୁଭବ ମହାନ୍ତି ଅଭିନୀତ ଏହି ଫିଲ୍ମରେ ନବୀନ ଭଣ୍ଡାରୀ, ଜାଗ୍ରତି ଏ. ମହାନ୍ତି, ଶୁଭମ୍ ମହାନ୍ତି ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଏହା 'ଆମର ମ୍ୟୁଜିକ୍' ଓ 'ଟୁ ନାଇନ୍ ଫିଲ୍ମସ୍' ବ୍ୟାନରରେ ପ୍ରସ୍ତୁତ ହେଉଛି ।

ନିର୍ଦ୍ଦେଶକ ବସନ୍ତ ସାହୁ 'ସେଲ୍‌ଫିସ୍ ଦିଲ୍' ଫିଲ୍ମରେ ପ୍ରଥମେ ମାନସ ପଢ଼ିଆରୀଙ୍କୁ ସଂଳାପ ଲେଖିବାର ସୁଯୋଗ ଦେଇଥିଲେ । ଏହା ମୁକ୍ତିଲାଭ କରିବା ପରେ ତାଙ୍କୁ ନିୟମିତ ଭାବେ ସିନେମା ମିଳିବାରେ ଲାଗିଲା । ଇତିମଧ୍ୟରେ ସେ ପୃଥ୍ୱୀରାଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ଗୁପ୍‌ଚୁପ୍', ରାଜା ଡିଙ୍କ ନିର୍ଦ୍ଦେଶିତ 'ପ୍ରସ୍ଥାନମ୍' ଓ 'ଆସିକ୍ ସରେଣ୍ଡର୍ ହେଲା', ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ରାତି ସରି ସରି ଯାଉଛି' ଓ 'ତ୍ରିକନ୍ୟା' ଆଦି କେତୋଟି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରି ଦର୍ଶକୀୟ ସମର୍ଥନ ହାସଲ କରିଛନ୍ତି । ଅନୁଭବ ମହାନ୍ତି ଓ ସୁପ୍ରିୟା ଅଭିନୀତ 'କୁହୁଡ଼ି'ର ଚିତ୍ରନାଟ୍ୟ ଓ ସଂଳାପ ରଚନା ମଧ୍ୟ କରିଛନ୍ତି ମାନସ । ଏଥିସହ ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ବ୍ଲକ ବଷ୍ଟର ସିନେମା 'କର୍ମା'ର ମଧ୍ୟ କାହାଣୀ ସେ ଲେଖିଛନ୍ତି । ଖାଲି ସିନେମା ନୁହେଁ, ଶ୍ରୀ ପଢ଼ିଆରୀ ଟେଲି-ସିନେମା ଓ ୱେବ୍ ସିରିଜ୍ ପାଇଁ ମଧ୍ୟ ସ୍କ୍ରିପ୍ଟ ପ୍ରସ୍ତୁତ କରିଛନ୍ତି । କଥାକାର ଭାବରେ 'ଜୀବନର କେତେ ରଙ୍ଗ', 'ଲଭ୍ ଷ୍ଟୋରି', 'ଯାହା ପାଇଁ ପ୍ରତୀକ୍ଷା' ଓ 'ଅନନ୍ୟା ସୁନ୍ଦରୀ' ଓ 'ଭୟ' ଆଦି ପୁସ୍ତକ ତାଙ୍କ ସାହିତ୍ୟ ଜୀବନର ସନ୍ତକ ।

ନିଜର ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ 'ଛକି ଶୂନ' ସଂପର୍କରେ ମାନସ କୁହନ୍ତି, "ମୁଁ ବହୁତ ଭାଗ୍ୟବାନ ଯେ ମୋର ପ୍ରଥମ ଫିଲ୍ମ ସୁପରଷ୍ଟାର୍ ଅନୁଭବ ମହାନ୍ତି ଓ 'ଆମର ମ୍ୟୁଜିକ' ପରି ନ୍ୟାସ୍‌ନାଲ ବ୍ରାଣ୍ଡ ସହ ହୋଇପାରିଛି । ଏଥିପାଇଁ ମୁଁ ଈଶ୍ୱରଙ୍କ ନିକଟରେ ଋଣୀ ରହିବି । ସମସ୍ତଙ୍କ ସହଯୋଗରୁ ଗୋଟେ ଭଲ ସିନେମା ନିର୍ମାଣ କରି ପାରିଛି, ଆଶା ଓ ବିଶ୍ୱାସ ଅଛି ଦର୍ଶକଙ୍କ ଭଲ ପାଇବା ନିଶ୍ଚୟ ମିଳିବ ।" ■

# ଦେବ୍‌ଙ୍କ ଦୁଲହନ୍ ସାଜିଲେ 'ଦିଶା'

'କଜଳ' ମ୍ୟୁଜିକ ଭିଡିଓର ସଫଳତା ପରେ ଏବେ ଦେବ୍‌ଙ୍କ ଦୁଲହନ୍ ସାଜିଛନ୍ତି ଦିଶା । ଚର୍ଚ୍ଚିତ ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ମ୍ୟୁଜିକ ଦ୍ୱାରା ରିଲିଜ୍ ହୋଇଛି 'ହବୁ ମୋର ଦୁଲହନ୍' । ଏହି ଗୀତରେ ପ୍ରଥମ କୁମାର ଓ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦିବ୍ୟ ଚନ୍ଦନ ଓ ଲେଖିଛନ୍ତି ସୌମ୍ୟ ରଞ୍ଜନ ବଳ । ସେହିପରି ଭିଡିଓଟିରେ ଦେବ୍ ମହାନ୍ତିଙ୍କ ସହ ଅଭିନୟ କରିଛନ୍ତି ଦିଶା । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଡି. ଦୀପକ । ଏହି ମ୍ୟୁଜକ ଭିଡିଓଟି ଓଡ଼ିଶା ମ୍ୟୁଜିକରେ ରିଲିଜ୍ ହୋଇଥିବା ବେଳେ ଏହାର ପ୍ରଯୋଜକ ଭାବରେ ଅଛନ୍ତି ରାଘବ ସ୍ୱାଇଁ । ଏବେ ବାହାଘରର ସିଜନ୍ ଚାଲିଥିବା ବେଳେ ସୋସିଆଲ୍ ମିଡିଆରେ ଏହି ଗୀତ ବେଶ୍ ଚାହିଦାରେ ରହିଛି । ଏହାର ଭିଡ଼ିଓକୁ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି । ■



ପରଦା ପଛର କାହାଣୀ

# ଗୀତ ଗାଇବା ସମୟରେ ଗଳାରୁ ଝରିଥିଲା ରକ୍ତ



ମହାନ ଗାୟକ ମହମ୍ମଦ ରଫି ନିଜ କ୍ୟାରିୟରରେ ହଜାର ହଜାର ଗୀତ ଗାଇ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି । ଏପରିକି ଅନେକ ଗୀତ ଇତିହାସ ସୃଷ୍ଟି କରିଛି । ତେବେ ଏଭଳି ଏକ ଗୀତ ଥିଲା ଯାହାକୁ ଗାଇବା ପାଇଁ ସେ ୧୫ ଦିନ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଏପରିକି ଗୀତ ଷ୍ଟୁଡିଓରେ ରେକର୍ଡିଂ କରୁଥିବା ସମୟରେ ତାଙ୍କ ଗଳାରୁ ରକ୍ତ ବାହାରି ଥିଲା । ୧୯୫୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ବୈଜୁ ବାୱରା'ରେ 'ଓ ଦୁନିଆକେ ରଖୱାଲେ...' ନାମକ ଗୀତ ଗାଇଥିଲେ । ଏହି ଗୀତକୁ ରେକର୍ଡ କରିବା ପାଇଁ ସେ ଖୁବ୍ ପରିଶ୍ରମ କରିଥିଲେ । ବହୁ ଉଚ୍ଚ ସ୍ୱରରେ ତାଙ୍କୁ ଗାଇବାକୁ ପଡ଼ିଥିଲା । ଯେତେବେଳେ ଗୀତଟିକୁ ରେକର୍ଡିଂ କରିବାକୁ ଗଲେ ତାଙ୍କ ଗଳାରୁ ରକ୍ତ ବାହାରି ଥିଲା । ତାଙ୍କର ଏହି ଅବସ୍ଥା ଦେଖି ସେଠାରେ ଉପସ୍ଥିତ ଲୋକେ ଭାବିଲେ ସେ ଆଉ ଗୀତ ଗାଇ ପାରିବେନି । ହେଲେ ଏହି ଗୀତ ପରେ ମହମ୍ମଦ ରଫି ପୁଣି ଫେରି ଗୋଟିଏ ପରେ ଗୋଟିଏ ଗୀତ ଗାଇଥିଲେ । ଏହି ଫିଲ୍ମରେ ସେ ସମୁଦାୟ ୫ଟି ଗୀତ ଗାଇଥିଲେ । ସେଥିମଧ୍ୟରୁ ଦୁଇଟି ଗୀତ ଲତା ମଙ୍ଗେସ୍‌କର୍‌ଙ୍କ ସହ ସେୟାର୍ କରିଥିଲେ । ତାଙ୍କ ଗୀତ 'ତରପଟ ହରୀ ଦର୍ଶନ କୋ ଆଜ୍...', 'ଓ ଦୁନିୟାକେ ରଖୱାଲେ...', ଏବଂ 'ଗଙ୍ଗା କି ମୋଡ୍...' ସେ ସମୟରେ ସୁପର୍ ହିଟ୍ ହୋଇଥିଲା । ତେବେ ସେ ନିଜ କ୍ୟାରିୟର୍‌ରେ 'ମେରି ମେହବୁବା...', 'ରେଶମୀ ଜୁଲ୍‌ଫେ...', 'ଗୁଲାପୀ ଆଙ୍ଖେ...' ଭଳି ଅନେକ ସୁପରହିଟ୍ ଗୀତ ଗାଇଛନ୍ତି । ସେ ପାଞ୍ଚ ଥର ଫିଲ୍ମ ଫେୟାର୍ ଏବଂ ଥରେ ନ୍ୟାସନାଲ୍ ଆୱାର୍ଡ ପାଇଥିଲେ । ସେହିପରି ତାଙ୍କ ସୁମଧୁର ସ୍ୱର ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ■

ଆଳାପ

# "ଚରିତ୍ର ଭିତରେ ପଶିଲେ ଅଭିନୟ ଜୀବନ୍ତ ହୁଏ"

**ମାନ୍‌ସୀ ପାଲ୍, ଅଭିନେତ୍ରୀ**

ସେ ଜଣେ ଆଇନଜୀବୀ ଛାତ୍ରୀ । ଭବିଷ୍ୟତକୁ ନେଇ ନାନା ସ୍ୱପ୍ନ ଦେଖିଛନ୍ତି । ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗୀନ ଦୁନିଆକୁ । ଏକ ରିଆଲିଟି ଶୋ'ରେ ଅଡିସନ୍ ଦେବା ପରେ ସୌଭାଗ୍ୟବଶତଃ ତାଙ୍କୁ କଳା ଲାଇନ୍‌ରେ କାମ କରିବାକୁ ସୁଯୋଗ ମିଳିଲା । 'ତୋ ଅଗଣାର ତୁଳସୀ ମୁଁ' ତାଙ୍କର ପ୍ରଥମ ଧାରାବାହିକ । ସେ ପାଖାପାଖି ୪ରୁ ୫ଟି ଧାରାବାହିକରେ ଅଭିନୟ କରିଛନ୍ତି । ଦର୍ଶକଙ୍କ ମନ ଜିଣିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ମାନ୍‌ସୀ ପାଲ୍ । ଏବେ ସେ 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକରେ 'ଶ୍ରଦ୍ଧା' ଚରିତ୍ରରେ ଅଭିନୟ କରୁଛନ୍ତି । ମାନ୍‌ସୀଙ୍କ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କ ମୁହଁରୁ ।

**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ପିଲାଟିଦିନୁ ଇଚ୍ଛା ଥିଲା ଜଣେ ଆଇପିଏସ୍ ଅଧିକାରୀ ହେବି । ହେଲେ ଦଶମ ଶ୍ରେଣୀରେ ପଢ଼ିବା ବେଳେ ମୁଁ ଏକ ଅଡିସନ୍ ଦେଇଥିଲି । ପ୍ରଦ୍ୟୁମ୍ନ ଲେଙ୍କା ସାର୍ ମୋତେ ଫୋନ୍ କରି ଡାକିଥିଲେ । ତେଣୁ ଦଶମ ପଢ଼ା ପରେ ମୁଁ ପ୍ରଥମେ 'ତୋ ଅଗଣା'ରେ କାମ ଆରମ୍ଭ କରିଥିଲି । ଏହାପରେ ମୁଁ 'ତୋରି ପାଇଁ ତୋ ପାଇଁ', 'ଜୀବନ ସାଥୀ', 'ଅନୁରାଧା' ଆଦି ଧାରାବାହିକରେ କାମ କରିଛି । ଏବେ 'ମୁଁ ନୁହେଁ ମୁଁ ତୁମ ବିନା'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛି । ଅଭିନୟ ସହ ଏଲ୍‌ଏଲ୍‌ବି ପଢୁଛି ।

**ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ପ୍ରଥମ ଥର ପାଇଁ କ୍ୟାମେରା ସାମ୍ନାରେ କାମ କରିବାକୁ ମୋତେ ଭୟ ଲାଗି ନଥିଲା । ବରଂ ଭଲ ଅଭିନୟ କେମିତି ଭଲ କରିବି ସେନେଇ ଚିନ୍ତା ବଢ଼ି ଯାଇଥିଲା ।

**'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକର ଶ୍ରଦ୍ଧା ଚରିତ୍ର ପାଇଁ ନିଜକୁ କେତେ ବଦଳାଇଛନ୍ତି ?**

● 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକଟି ସମ୍ପୂର୍ଣ୍ଣ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ । ତା' ଭିତରେ ଟ୍ୱିଷ୍ଟ ରହିବ । ପାରିବାରିକ କାହାଣୀ, ନେଗେଟିଭ୍ ଆଦି ବିଭିନ୍ନ ପରିସ୍ଥିତିର ଦୃଶ୍ୟ ଦେଖିବାକୁ ମିଳିବ । ଏହି ଧାରାବାହିକରେ ଶ୍ରଦ୍ଧା ଚରିତ୍ରଟି ବହୁତ ଚୁଲ୍‌ବୁଲି । ଡ୍ରେସ୍ ଡିଜାଇନ୍ ଉପରେ ଶ୍ରଦ୍ଧାର ଭଲ ଆଇଡିଆ ଅଛି । ହେଲେ ବାସ୍ତବରେ ମାନ୍‌ସୀ ଶାନ୍ତ ଓ ସରଳ । ତେଣୁ ଏହି ଚରିତ୍ର ନିଭାଇବାକୁ ମୋତେ ଟିକେ ଚୁଲ୍‌ବୁଲି ହେବାକୁ ପଡ଼ିଛି ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ପ୍ରଥମେ ଭଗବାନଙ୍କ ପାଖେ ଭୋଗ ଚଢ଼ାଇବା ପରେ ମୋ ମା'ଙ୍କୁ ଶାଢ଼ି ଉପହାର ଦେଇଥିଲି ।

**କେଉଁ ଧାରାବାହିକ ଆପଣଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି?**

● 'ତୋ ଅଗଣାର ତୁଳସୀ' ମୁଁ ଧାରାବାହିକର 'କେଟି' ଚରିତ୍ରରୁ ମୋତେ ସ୍ୱତନ୍ତ୍ର ପରିଚୟ ମିଳିଛି ।

**ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

● ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି । କି ଆଗକୁ ମଧ୍ୟ ଚାହିଁବିନି । ତେଣୁ ସୁଟିଂ ନଥିଲେ ପଢ଼ାପଢ଼ି କରେ । ପରିବାର ଲୋକଙ୍କ ସହିତ ସମୟ ଅତିବାହିତ କରେ ।

**ଭଲ ଅଭିନୟକୁ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

● ଯଦିଓ ମୁଁ ଅଭିନୟ ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇନି, ହେଲେ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ମୁଁ କାମ କରିବାକୁ ଗୁରୁତ୍ୱ ଦିଏ । ସେଟ୍‌ରେ ଅଭିନୟ କରିବା ପୂର୍ବରୁ ଘରେ ଦର୍ପଣ ସାମ୍ନାରେ ଅଭ୍ୟାସ କରିଥାଏ । ଅଭିନୟକୁ ମାର୍ଜିତ କରିବାକୁ ନିଜେ ନିଜକୁ ଗ୍ରୁମିଂ କରେ । ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖି ବୁଝେ । ସ୍କ୍ରିପ୍ଟକୁ ନ ଘୋଷି ଯେଉଁ ଚରିତ୍ର ମୋତେ ମିଳିଥାଏ ତା'କୁ କେମିତି ଜୀବନ୍ତ ରୂପ ଦେବି ତାହାକୁ ଗୁରୁତ୍ୱ ଦିଏ ।



**● ଖରାଦିନେ ଫିଟ୍ ରହିବାକୁ କ'ଣ କରନ୍ତି?**

ଶରୀରକୁ ହାଇଡ୍ରେଟ୍ ରଖିବାକୁ ପାଣି ପିଏ । ଖରାକୁ ଏତେ ବାହାରେନି । ବାହାରକୁ ଯିବା ସମୟରେ ମୋ ପାଖେ ଓ.ଆର୍.ଏସ୍., ଥଣ୍ଡାପାଣି, ଡିଟକ୍ସ ୱାଟର ରଖିବାକୁ ଭୁଲେ ନାହିଁ ।

**ଆଗାମୀ ଯୋଜନା?**

● ଭବିଷ୍ୟତରେ ଏକ ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଆଶା ରଖିଛି ।

**ଅଭିନୟ ଜଗତକୁ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ ?**

● ଏହି ଲାଇନ୍‌କୁ ଆସୁଥିଲେ ଅଭିନୟ କରିବାର ମନୋବୃତ୍ତି ନେଇ ଆସନ୍ତୁ । ପରିଶ୍ରମ କରନ୍ତୁ । ସିନ୍‌କୁ ଭଲଭାବେ ବୁଝନ୍ତୁ ଜାଣନ୍ତୁ । ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ କଥା ଅନୁସାରେ ଅଭିନୟ କରିବା ଭଲ । ■

## ଆଇପିଏଲ୍ ପ୍ଲେ ଅଫ୍ ରେସ୍ ଜୋର୍‌ଦାର୍

# ଶୁବମନ-ସୁଦର୍ଶନଙ୍କ ଦମ୍‌ଦାର ବ୍ୟାଟିଂ





ଜୟପୁର, ୯।୫(ଏଜେନ୍ସି): ଆଇପିଏଲ୍‌ର ୧୯ତମ ସଂସ୍କରଣ ଅନ୍ୟ ଟୁର୍ଣ୍ଣାମେଣ୍ଟଠାରୁ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ୧୬ ପଏଣ୍ଟ ହାସଲ କଲେ ସେହି ଦଳର ପ୍ଲେ ଅଫ୍ ଖେଳିବା ଆଶା ଏକପ୍ରକାର ନିଶ୍ଚିତ ହେବାର ଏକାଧିକ ନଜିର ରହିଛି। କିନ୍ତୁ ଏଥର ପ୍ରତିଦ୍ୱନ୍ଦ୍ୱିତା ଏତେ ଜୋରଦାର ହେଉଛି, ଯେ ଯଦି ଗୋଟିଏ ଦଳ ୧୪ ପଏଣ୍ଟ ହାସଲ କରେ, ତେବେ ତାହାର ମଧ୍ୟ ପ୍ଲେ ଅଫ୍ ଖେଳିବା ସମ୍ଭାବନା ରହିଛି। ଏହି ପଏଣ୍ଟ ହାସଲ କରିବାକୁ ଆଜି ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ୫୨ତମ ଲିଗ୍ ମ୍ୟାଚ୍ ଖେଳାଯାଉଛି। ଏଥିରେ ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନଙ୍କ ଦମ୍‌ଦାର ଆରମ୍ଭ ବଳରେ ଏଠାରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭର ଖେଳରେ ୪ ୱିକେଟ ହରାଇ ୨୨୯ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଅଧିନାୟକ ଗିଲ୍ ୩୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୪୪ ବଲ୍‌ରେ ସର୍ବାଧିକ ୮୪ ରନ୍ କରିଥିଲେ। ଏହି ରନ୍‌ରେ ସେ ୯ଟି ଚୌକା ଓ ୩ଟି ଛକା ମାରିଥିଲେ। ତାଙ୍କ ଓପନିଂ ପାର୍ଟନର ସାଇ ସୁଦର୍ଶନ ୩୬ବଲ୍‌ର ସାମ୍ନା କରି ୬ ଚୌକା ଓ ୨ ଛକା ସହ ୫୫ରନ୍‌ରେ ଆଉଟ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ଗିଲଙ୍କ ସହ ପ୍ରଥମ ୱିକେଟ ଭାଗୀଦାରିରେ ୬୫ବଲ୍‌ରୁ ୧୧୮ ରନ୍ ସଂଗ୍ରହ କରି ଗୁଜରାଟକୁ ଏକ ବଡ଼ ସ୍କୋର କରିବାର ମୂଳଦୁଆ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୦ବଲ୍‌ରେ ୨ଚୌକା ଓ ୩ଛକା ସହ ୩୭ ଓ ରାହୁଲ ତେୱାଟିଆ ୪ବଲ୍‌ରେ ୨ ଛକା ସହ ୧୪ ରନ୍ କରି ଅପରାଜିତ ରହିଥିଲେ। ଜୋସ୍ ବଟଲର ୧୩, ଜେସନ ହୋଲ୍ଡର ୭ରନ୍‌ର ଯୋଗଦାନ ଦେଇଥିଲେ। ରାଜସ୍ଥାନ ପକ୍ଷରୁ ଯୁବ ବୋଲର ବ୍ରିଜେଶ ଶର୍ମା ୨ଟି, ଯଶ୍‌ରାଜ ପୁଞ୍ଜା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉଭୟ ପ୍ରତିଦ୍ୱନ୍ଦ୍ୱୀ ୧୨ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଏଠାରେ ଆଜି ୧୧ତମ ଲିଗ୍ ମ୍ୟାଚ୍ ଖେଳୁଛନ୍ତି। ଏହି ମ୍ୟାଚ୍‌ରେ ଯେଉଁଦଳ ବିଜୟୀ ହେବ, ସେହି ଦଳର ପ୍ଲେ ଅଫ୍ ଖେଳିବା ଆଶା ନିଶ୍ଚିତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

### କେକେଆର ବିଜୟୀ

ନୂଆଦିଲ୍ଲୀ: ହ୍ୟାଟ୍ରିକ ପରାଜୟ ପରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଚଳିତ ଆଇପିଏଲ୍‌ରେ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି। ଶୁକ୍ରବାର ରାତିରେ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ୫୧ତମ ଲିଗ୍ ମ୍ୟାଚରେ କେକେଆର୍ ୮ ୱିକେଟ୍‌ରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୪୩ ରନର ଛୋଟିଆ ଲକ୍ଷ୍ୟକୁ କୋଲକାତା ୨ ୱିକେଟ୍ ବିନିମୟରେ ୧୪.୨ ଓଭରରେ ହାସଲ କରିନେଇଥିଲା। ଓପନର୍ ଫିନ ଆଲେନ ୪୭ ବଲରେ ଅପରାଜିତ ୧୦୦ ରନର ବିଧ୍ୱଂସୀ ପାଳି ଖେଳି କୋଲକାତାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଜିଙ୍କ୍ୟ ରାହାଣେଙ୍କ ଦଳ ଏଥିସହ ୧୦ମ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ପଏଣ୍ଟ ଟେବଲର ୭ମ ସ୍ଥାନକୁ ଉଠିଛି।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ବେଙ୍ଗାଲୁରୁ | ୧୦ | ୬ | ୪ | ୦ | ୧୨ | +୧.୨୪୯ |
| ରାଜସ୍ଥାନ* | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ* | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୦ | ୪ | ୬ | ୦ | ୮ | -୧.୧୫୪ |
| ମୁମ୍ବଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୧୦ | ୩ | ୭ | ୦ | ୬ | -୦.୯୪୯ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଚେନ୍ନଇ ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ ବନାମ ମୁମ୍ବଇ |
| ଭେନ୍ୟୁ-ଚେନ୍ନଇ | ଭେନ୍ୟୁ-ରାୟପୁର |
| ଖେଳ ଆରମ୍ଭ : ଅପରାହ୍ନ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ: ୧୪୨/୮, ୨୦ ଓଭର (ନିଶାଙ୍କା- ୫୦, ରାହୁଲ- ୨୩, ଆଶୁତୋଷ- ୩୯, ଅକ୍ଷର- ୧୧, କାର୍ତ୍ତିକ- ୨/୨୫, ଅନୁକୂଳ- ୨/୩୧)।

କୋଲକାତା ନାଇଟ୍ ରାଇଡର୍ସ: ୧୪୭/୨, ୧୪.୨ ଓଭର (ଆଲେନ- ୧୦୦*, ଗ୍ରୀନ- ୩୩*, ରାହାଣେ- ୧୩, ଅକ୍ଷର- ୧/୨୭)।

# ଡୋପ୍ ପରୀକ୍ଷା ନ କରି ଅଡୁଆରେ ଜୟସ୍ୱାଲ, ଶେଫାଳି



ନୂଆଦିଲ୍ଲୀ, ୯।୫ (ଏଜେନ୍ସି): ଡୋପ ଟେଷ୍ଟ ପାଇଁ ଉପଲବ୍ଧ ନ ହେବାକୁ ନେଇ ଦୁଇ ଉଦୀୟମାନ ଭାରତୀୟ କ୍ରିକେଟର୍ ଅଡୁଆରେ ପଡ଼ିଛନ୍ତି। ସେମାନେ ହେଲେ ପୁରୁଷ ଦଳର ଓପନର ଯଶସ୍ୱୀ ଜୟସ୍ୱାଲ ଓ ମହିଳା ଟିମ୍‌ର ଶେଫାଳି ବର୍ମା। ଉଭୟଙ୍କୁ ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି (ନାଡା) ପକ୍ଷରୁ ନୋଟିସ କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଦୁଇ ଖେଳାଳି ଗତବର୍ଷ ନିଜର ଉପସ୍ଥିତି ନେଇ ନାଡାକୁ ସୂଚନା ଦେବାରେ ବିଫଳ ହୋଇଥିଲେ। ଫଳରେ ସେମାନେ ନିର୍ଦ୍ଦିଷ୍ଟ ପରୀକ୍ଷା ସ୍ଥାନରେ ଉପସ୍ଥିତ ହୋଇପାରି ନଥିଲେ। ଜୟସ୍ୱାଲ ଓ ଶେଫାଳିଙ୍କୁ ଏନେଇ ନିଜର ପକ୍ଷ ରଖିବାକୁ ୭ ଦିନର ସୁଯୋଗ ଦିଆଯାଇଛି। ନାଡା ପକ୍ଷରୁ ହୋଇଥିବା ନୋଟିସରେ କୁହାଯାଇଛି ଯେ ଗତବର୍ଷ ଡିସେମ୍ବର ୧୭ରେ ଜୟସ୍ୱାଲଙ୍କ ଡୋପ୍ ପରୀକ୍ଷା ସଂଗ୍ରହ କରିବାକୁ ନାଡାର ଅଧିକାରୀ ଆସିଥିଲେ। କିନ୍ତୁ ସେ ଉପଲବ୍ଧ ନ ଥିଲେ। ସେହିପରି ଶେଫାଳିଙ୍କ ନମୁନା ନଭେମ୍ବର ୭ ତାରିଖରେ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ସେ ମଧ୍ୟ ଉପଲବ୍ଧ ନ ଥିଲେ। ଏନେଇ ବିସିସିଆଇ ପକ୍ଷରୁ ଜନୈକ ଅଧିକାରୀ କହିଛନ୍ତି ଯେ ହଁ, ଆମେ ନାଡାଠାରୁ ଟେଷ୍ଟ ମିସ୍ ହୋଇଥିବା ନେଇ ନୋଟିସ ପାଇଛୁ। ଏହା କିପରି ଘଟିଲା ସେନେଇ ଆମେ ଦୁଇ ଖେଳାଳିଙ୍କ ସହ ଆଲୋଚନା କରିବୁ। ଭବିଷ୍ୟତରେ ଯେପରି ଏପରି ତ୍ରୁଟି ନ ଘଟେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବୁ। ଉଲ୍ଲେଖନୀୟ ଯେ ୧୨ ମାସରେ ଜଣେ ଖେଳାଳିଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ତିନୋଟି ମିସ୍ ଟେଷ୍ଟକୁ ଡୋପିଂ ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଏ। ଯେଉଁଥି ପାଇଁ ଜଣେ ଖେଳାଳି ଦୁଇ ବର୍ଷର ବାସନ୍ଦର ମଧ୍ୟ ସମ୍ମୁଖୀନ ହୋଇପାରନ୍ତି।


■ ସାଉଥ ଆମେରିକାନ ଲିଗ୍

# ମନୀଷା ପ୍ରଥମ ଭାରତୀୟ ଗୋଲ୍ ସ୍କୋରର୍



ନୂଆଦିଲ୍ଲୀ, ୯।୫ (ଏଜେନ୍ସି): ଉଦୀୟମାନ ଭାରତୀୟ ମହିଳା ଫୁଟବଲ୍ ଖେଳାଳି ମନୀଷା କଲ୍ୟାଣ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ୨୪ ବର୍ଷୀୟା ମନୀଷା ସାଉଥ୍ ଆମେରିକାନ ଲିଗ୍‌ରେ ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ଲିଗ୍‌ରେ ମନୀଷା ଆଲିଆଞ୍ଜି ଲିମା କ୍ଲବ ପକ୍ଷରୁ ଖେଳି ସିଏ ମାନୁକ୍କି ବିପକ୍ଷରେ ଏହି ଗୋଲ୍‌ଟି ଦେଇଥିଲେ। ମନୀଷାଙ୍କ ଏହି ଗୋଲ୍ ବଳରେ ତାଙ୍କ ଦଳ ଆଲିଆଞ୍ଜି ଲିମା ୧-୦ ଗୋଲରେ ବିଜୟୀ ହୋଇଥିଲା। ପଞ୍ଜାବ ଜନ୍ମିତ ମନୀଷା ଏଥିପୂର୍ବରୁ ସାଇପ୍ରସରେ ଆପୋଲୋନ ଲେଡିଜ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଥମ ଭାରତୀୟ ଭାବେ ସେ ୟୁରୋପିଆନ ଚାମ୍ପିଅନସିପ୍ ଖେଳିଥିଲେ।

# ତୀରନ୍ଦାଜୀ ବିଶ୍ୱକପ୍: ସାହିଲଙ୍କୁ କାଂସ୍ୟ



ସାଂଘାଇ, ୯।୫ (ଏଜେନ୍ସି): ଭାରତର ସାହିଲ ଯାଦବ ଚାଇନାର ସାଂଘାଇଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ-୨ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଇଣ୍ଡିଭିଜୁଆଲ କମ୍ପାଉଣ୍ଡ ବିଭାଗରେ ସାହିଲ ଏହି ସଫଳତା ପାଇଛନ୍ତି। ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ସାହିଲ ୧୪୭-୧୪୪ ସ୍କୋରରେ ଡେନମାର୍କର ମାର୍ଟିନ ଡାମସବୋଙ୍କୁ ପରାସ୍ତ କରିଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ଭାରତ ପାଇଁ ଏହା ପ୍ରଥମ ପଦକ ହୋଇଛି। ପୂର୍ବରୁ ସାହିଲ ସେମିଫାଇନାଲରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ଫ୍ରାନ୍ସର ନିକୋଲାସ ଗିରାର୍ଡଙ୍କ ନିକଟରୁ ହାରି ଟାଇଟଲ୍ ଲଢ଼େଇରୁ ବଞ୍ଚିତ ହୋଇଥିଲେ। ୨୫ ବର୍ଷୀୟ ସାହିଲ ଏଥିପୂର୍ବରୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

ବିନେଶ ଫୋଗଟଙ୍କୁ କାରଣ ଦର୍ଶାଅ ନୋଟିସ୍

# ଫୋଗଟଙ୍କ ଖେଳିବା ଉପରେ ରୋକ୍

ନୂଆଦିଲ୍ଲୀ, ୯।୫(ଏଜେନ୍ସି): ଭାରତୀୟ କୁସ୍ତି ମହାସଙ୍ଘ (ଡବ୍ଲ୍ୟୁଏଫ୍‌ଆଇ) ଷ୍ଟାର୍ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗଟଙ୍କୁ ଏକ ୧୫ ପୃଷ୍ଠାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଅନୁଶାସନହୀନତା, ଡୋପିଂ ନିୟମର ଉଲ୍ଲଂଘନ ଏବଂ ଆନ୍ତର୍ଜାତୀୟ କୁସ୍ତି ନିୟମ ଅବମାନନା କରିଥିବା ଏଥିରେ ଅଭିଯୋଗ ହୋଇଛି। ଏହି ନୋଟିସ୍ ଯୋଗୁଁ ଭିନେଶ ୨୦୨୬ ଜୁନ୍ ୨୬ ପର୍ଯ୍ୟନ୍ତ କୌଣସି ଘରୋଇ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ରବିବାରଠାରୁ ଗୋଣ୍ଡାରେ ଆରମ୍ଭ ହେବାକୁ ଥିବା ନ୍ୟାସନାଲ୍ ର୍‍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ସେ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କରିଥିଲେ। ଯାହା ଏବେ ବାଧାପ୍ରାପ୍ତ ହୋଇଛି। ପ୍ୟାରିସ୍ ଅଲିମ୍ପିକ୍ସରେ ୫୦ କେଜି ବର୍ଗରେ ଓଜନ ଅଧିକ ହେବା ଯୋଗୁଁ ସେ ଅଯୋଗ୍ୟ ହୋଇଥିଲେ। ଏଥିପାଇଁ ଭାରତୀୟ କୁସ୍ତିର ସମ୍ମାନ ହାନି ହୋଇଛି ବୋଲି ମହାସଂଘ ନୋଟିସ୍‌ରେ ଦର୍ଶାଇଛି। ଅବସର ପରେ ଫେରିବା ପାଇଁ ଥିବା ୬ ମାସର ପୂର୍ବ ସୂଚନା ନିୟମକୁ ବିନେଶ ପାଳନ କରିନାହାନ୍ତି ବୋଲି କୁହାଯାଇଛି। ଏଥିସହ ଡୋପ୍ ଟେଷ୍ଟ ପାଇଁ ନିର୍ଦ୍ଧାରିତ ସ୍ଥାନରେ ଅନୁପସ୍ଥିତ ରହିବା (ହୋୟାର ଏବାଉଟ ଫେଲ୍ୟୁଅର) ନେଇ ମଧ୍ୟ ତାଙ୍କୁ ଜବାବ ମଗାଯାଇଛି। ବିନେଶଙ୍କୁ ଏହି ସମସ୍ତ ଅଭିଯୋଗର ଉତ୍ତର ରଖିବା ପାଇଁ ୧୪ ଦିନ ସମୟ ଦିଆଯାଇଛି। ଜବାବ ନମିଳିଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

# ଦ୍ୱିତୀୟ ରାଉଣ୍ଡରେ ହାରିଲେ ଜୋକୋଭିଚ୍

ରୋମ୍, ୯।୫(ଏଜେନ୍ସି): ବିଶ୍ୱର ୪ ନମ୍ବର ଖେଳାଳି ତଥା ଟେନିସ କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍ ଇଟାଲୀ ଓପନ୍‌ରୁ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ କ୍ରୋଏସିଆର ଯୁବ ଖେଳାଳି ଡିନୋ ପ୍ରିଜମିକ୍‌ଙ୍କ ନିକଟରୁ ୬-୨, ୨-୬, ୪-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। କାନ୍ଧରେ ଆଘାତ ଯୋଗୁଁ ଜୋକୋଭିଚ୍ କିଛି ଦିନ ଧରି କୋର୍ଟରୁ ଦୂରେଇ ରହିଥିଲେ। ଏହି ମ୍ୟାଚ୍‌ରେ ତାଙ୍କର ଫିଟନେସ୍‌କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ଫ୍ରେଞ୍ଚ୍ ଓପନ ପୂର୍ବରୁ ଏହା ତାଙ୍କ ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ୨୦ ବର୍ଷୀୟ ଯୁବ ତାରକା ଡିନୋ ପ୍ରିଜମିକ୍ ନିଜର ଆଦର୍ଶ ଜୋକୋଭିଚ୍‌ଙ୍କୁ ହରାଇ ନିଜ କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିଛନ୍ତି। ମହିଳା ବିଭାଗରେ ଇଗା ସ୍ୱିଟେକ୍ ୩ ଘଣ୍ଟାର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୬-୧, ୬-୭, ୬-୩ ସେଟ୍‌ରେ କ୍ୟାଟି ମ୍ୟାକନାଲିଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ପ୍ରଥମ ଟେଷ୍ଟ: ବାଂଲାଦେଶ- ୪୧୩; ପାକିସ୍ତାନ- ୧୭୯/୧

ଢାକା, ୯।୫ (ଏଜେନ୍ସି): ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଘରୋଇ ବାଂଲାଦେଶ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ପାକିସ୍ତାନ ଲଢୁଆ ବ୍ୟାଟିଂ କରିଛି। ବାଂଲାଦେଶର ପ୍ରଥମ ପାଳି ସ୍କୋର ୪୧୩ ରନ ଜବାବରେ ପାକିସ୍ତାନ ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୭୯ ରନ ସଂଗ୍ରହ କରିଛି। ଏଠାରେ ଟେଷ୍ଟ ପଦାର୍ପଣ କରିଥିବା ବାମହାତୀ ଓପନର୍ ଆଜାନ ଅୱିସ ୮୫ (୧୩୩ ବଲ୍, ୧୨ ଚୌକା) ଓ ଅନ୍ୟତମ ପଦାର୍ପଣକାରୀ ଅବଦୁଲ୍ଲା ଫଜଲ ୩୭ (୭୮ ବଲ୍, ୬ ଚୌକା) ଅପରାଜିତ ରହିଛନ୍ତି। ଅସମାପ୍ତ ଦ୍ୱିତୀୟ ୱିକେଟରେ ଉଭୟ ୭୩ ରନର ଭାଗୀଦାରି ଗଢ଼ିଛନ୍ତି। ଏକମାତ୍ର ବ୍ୟାଟର୍ ଭାବେ ଅନ୍ୟତମ ଓପନର୍ ଇମାମ-ଉଲ୍-ହକ ୪୫ ରନ କରି ମେହଦୀ ହାସାନ ମିରାଜଙ୍କ ବଲରେ ଆଉଟ ହୋଇଛନ୍ତି। ପ୍ରଥମ ପାଳିରେ ୯ ୱିକେଟ୍ ସୁରକ୍ଷିତ ଥାଇ ପାକିସ୍ତାନ ଅଗ୍ରଣୀ ଲାଗି ଆହୁରି ୨୩୫ ରନ ଆବଶ୍ୟକ କରୁଛି। ପୂର୍ବରୁ ଗତକାଲିର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୦୧/୪ରୁ ଦ୍ୱିତୀୟ ଦିନ ଖେଳ ଆରମ୍ଭ କରିଥିବା ଘରୋଇ ବାଂଲାଦେଶ ୪୧୩ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ (୧୦୧), ମୋମିନୁଲ ହକ୍ (୯୧) ଓ ମୁସଫିକର ରହିମ (୭୧ ରନ) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଭ୍ରମଣକାରୀ ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସଙ୍କୁ ୫ ଓ ଶାହୀନ ଆଫ୍ରିଦୀଙ୍କୁ ୩ଟି ୱିକେଟ୍ ମିଳିଥିଲା।

● ପ୍ରସାରଣକାରୀଙ୍କ ବଡ଼ ଭୁଲ

## ପାକିସ୍ତାନ ଦଳରେ ରୋହିତ ଶର୍ମା!

ନୂଆଦିଲ୍ଲୀ, ୯।୫(ଏଜେନ୍ସି): ବାଂଲାଦେଶ ଏବଂ ପାକିସ୍ତାନ ମଧ୍ୟରେ ଢାକାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଏକ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା। ଟେଲିଭିଜନ ପ୍ରସାରଣ ସମୟରେ ପାକିସ୍ତାନର ଖେଳାଳି ତାଲିକା ବଦଳରେ ଭାରତୀୟ ଦଳର ଖେଳାଳିଙ୍କ ନାମ ପ୍ରଦର୍ଶିତ ହୋଇଥିଲା। ଗ୍ରାଫିକ୍ସରେ ରୋହିତ ଶର୍ମାଙ୍କୁ ପାକିସ୍ତାନ ଦଳର ଅଧିନାୟକ ଭାବେ ଦେଖାଯାଇଥିଲା। ଏହା ସହିତ ଶୁବମାନ ଗିଲ୍, ରିଙ୍କୁ ସିଂ ଏବଂ ଅର୍ଶଦୀପ ସିଂହଙ୍କ ଭଳି ଭାରତୀୟ ଖେଳାଳିଙ୍କ ନାମ ପାକିସ୍ତାନୀ ଏକାଦଶରେ ରହିଥିଲା। ପ୍ରସାରଣକାରୀଙ୍କ ଏହି ବଡ଼ ଭୁଲର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। କ୍ରିକେଟ ପ୍ରେମୀମାନେ ଏହାକୁ ନେଇ ପ୍ରସାରଣକାରୀ ସଂସ୍ଥାକୁ ଥଟ୍ଟା ପରିହାସ କରୁଛନ୍ତି।

● ମାଲେସିଆ ସ୍ପିଡ୍ ପାୱାର ଓପନ୍ ଟାଏକ୍ୱୋଣ୍ଡୋ

# ପଦକ ଜିତିଲେ ଓଡ଼ିଶାର ୪ ପ୍ରତିଯୋଗୀ

ଭୁବନେଶ୍ୱର, ୯।୫ (ସମିସ): ସ୍ପିଡ୍ ପାୱାର ଇଣ୍ଟରନ୍ୟାସନାଲ ଓପନ୍ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ର ୧୩ତମ ସଂସ୍କରଣ ମାଲେସିଆର କ୍ୱାଲାଲୁମ୍ପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶାର ୪ଜଣ ଖେଳାଳି ଅଂଶଗ୍ରହଣ କରି ପଦକ ବିଜୟୀ ହୋଇଛନ୍ତି। ସୁଦୀପ୍ତା ବାରିକ ରୌପ୍ୟ ପଦକ ଜିତିଥିବାବେଳେ ଆରାଭୀ ମିଶ୍ର, ଅଂଶୁ ଅନନ୍ୟା ମହାପାତ୍ର ଓ ମିନାକ୍ଷୀ ନାୟକ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କୋଚ୍ ଭାବେ ଏହେସାସ୍ ହୋତା ଖେଳାଳିଙ୍କ ସହ ମାଲେସିଆ ଗସ୍ତ କରିଥିଲେ। ଏହି ସଫଳତା ଲାଗି ଓଡ଼ିଶା ଟାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।



ଫିଫା ବିଶ୍ୱକପ୍‌ରେ ଖେଳିବ ଇରାନ

# ଆୟୋଜକ ଦେଶ ଆଗରେ ରଖିଲା ୧୦ଟି ସର୍ତ୍ତ

ତେହରାନ, ୯।୫(ଏଜେନ୍ସି)

ଆସନ୍ତା ଜୁନ୍ ୧୧ରୁ ଆରମ୍ଭ ହେବାକୁ ଥିବା ଫିଫା ବିଶ୍ୱକପ୍‌ରେ ଇରାନ ଅଂଶଗ୍ରହଣ କରିବ ବୋଲି ଶନିବାର ସ୍ପଷ୍ଟ କରିଛି। ତେବେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ କୂଟନୈତିକ ତିକ୍ତତା ମଧ୍ୟରେ ଇରାନ ଫୁଟବଲ୍ ମହାସଂଘ (ଆଇଏଫ୍‌ଏଫ୍) ଆୟୋଜକ ଦେଶ (ଆମେରିକା, ମେକ୍ସିକୋ ଓ କାନାଡା) ଆଗରେ କିଛି କଡ଼ା ସର୍ତ୍ତ ରଖିଛି। ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ଉପୁଜିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଇରାନର ବିଶ୍ୱକପ୍ ଖେଳିବା ନେଇ ଆଶଙ୍କା ଦେଖାଦେଇଥିଲା। କିନ୍ତୁ ଫେଡେରେସନ୍ ସ୍ପଷ୍ଟ କରିଛି ଯେ ସେମାନେ ନିଜର ସଂସ୍କୃତି ଓ ବିଶ୍ୱାସ ସହ କୌଣସି ବୁଝାମଣା ନକରି ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଫେଡେରେସନ୍ ସଭାପତି ମେହେଦି ତାଜ୍ ୧୦ଟି ସର୍ତ୍ତ ରଖିଛନ୍ତି।

ଏଥିରେ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଭିସା ପ୍ରଦାନ, ଜାତୀୟ ପତାକା ଓ ସଂଗୀତ ପ୍ରତି ସମ୍ମାନ ଏବଂ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଦାବି କରାଯାଇଛି। ଇରାନର କିଛି ଖେଳାଳି ଓ ଅଧିକାରୀଙ୍କର ଇରାନୀ ସେନା (ଆଇଆରଜିସି) ସହ ସମ୍ପର୍କ ଥିବାରୁ ସେମାନଙ୍କୁ ଆମେରିକା କିମ୍ବା କାନାଡା ଭିସା ଦେବା ନେଇ ବିବାଦ ଦେଖାଦେଇଥିଲା। ତେବେ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ନିଶ୍ଚିତ କରିଛନ୍ତି ଯେ ଇରାନ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆମେରିକାରେ ମ୍ୟାଚ୍ ଖେଳିବ। ଗ୍ରୁପ୍ 'ଜି'ରେ ଥିବା ଇରାନ ଆସନ୍ତା ଜୁନ୍ ୧୫ ତାରିଖରେ ଲସ୍ ଆଞ୍ଜେଲସରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ।

# ସର୍ବପ୍ରଥମ ରାଜ୍ୟସ୍ତରୀୟ ସ୍କ୍ୱାଶ୍ ଚାମ୍ପିଅନସିପ୍ ଆରମ୍ଭ



ଭୁବନେଶ୍ୱର, ୯।୫ (ସମିସ)

ସର୍ବପ୍ରଥମ 'ଓଡ଼ିଶା ଷ୍ଟେଟ୍ କ୍ଲୋଜଡ୍ ସ୍କ୍ୱାଶ୍ ଚାମ୍ପିଅନସିପ୍' ଶନିବାରଠାରୁ ନୟାପଲ୍ଲୀସ୍ଥିତ ପୁରୁଣା ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ବିଲ୍ଡିଂରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସ୍କ୍ୱାଶ୍ ଆସୋସିଏସନ୍ (ଓଏସ୍‌ସି) ଆନୁକୂଲ୍ୟରେ ଓ ଭାରତୀୟ ସ୍କ୍ୱାଶ ରାକେଟ୍ସ ମହାସଂଘ (ଏସଆଏଫ୍‌ଆଇ)ର ମିଳିତ ସହଯୋଗରେ ଆୟୋଜିତ ଏହି ଏହି ପ୍ରତିଯୋଗିତାର ପ୍ରଥମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ଉଜେନ୍ଦ୍ର ଭଞ୍ଜ ଦେଓ ୧୧-୩, ୧୧-୩ରେ ଶ୍ରେୟାନ ପଟ୍ଟନାୟକଙ୍କୁ, ମେହୁଲ ରାଠୋର ୧୧-୫, ୧୧-୬ରେ ସୌର୍ଯ୍ୟ ବରୁଣଙ୍କୁ, ଅଞ୍ଜନ ପଟ୍ଟନାୟକ ୧୧-୮, ୧୧-୮ରେ ଶ୍ରେୟାସ କିଶୋରପୁରିଆଙ୍କୁ ଓ ରୋଶନ ମିଶ୍ର ୧୧-୨, ୧୧-୫ରେ ଅଭିଷେକ ଶର୍ମାଙ୍କୁ ହରାଇ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ମାଷ୍ଟର୍ସ (୩୫ ବର୍ଷରୁ ଊର୍ଦ୍ଧ୍ୱ) ବିଭାଗରେ ଅଞ୍ଜନ ପଟ୍ଟନାୟକ, ନଫିସ ସୟଦ, ମେହୁଲ ରାଠୋର ଓ ଶୁଭେନ୍ଦ୍ର କୁମାର ପୃଷ୍ଟି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ଶନିବାର ସକାଳେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦ୍ୱି-ଦିବସୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁକ୍ତିପ୍ରସାଦ ଦାଶ, ଉପଦେଷ୍ଟା ସମ୍ବିତ ମହାପାତ୍ର, ଅବସରପ୍ରାପ୍ତ କର୍ଣ୍ଣେଲ ଅସିତ ମହାପାତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ରବିବାର ମହିଳା ବିଭାଗ ପ୍ରତିଯୋଗିତା ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ଓଡ଼ିଶା ଓପନ ଚାମ୍ପିଅନ ଅଭିଜିତ ଗୁପ୍ତାଙ୍କ ଅଭିଯୋଗ

# 'ପୁରସ୍କାର ରାଶି ଦେଉ ନାହାନ୍ତି ଆୟୋଜକ'



ନୂଆଦିଲ୍ଲୀ, ୯।୫(ଏଜେନ୍ସି)

ଜାତୀୟସ୍ତରରେ ଓଡ଼ିଶା ନିନ୍ଦିତ। ଓଡ଼ିଶା ଓପନ ଆୟୋଜନ କରିଥିବା କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିବା ଗ୍ରାଣ୍ଡମାଷ୍ଟର ଅଭିତଜିତ ଗୁପ୍ତାଙ୍କୁ ପୁରସ୍କାର ରାଶି ଦେଇ ନ ଥିବାର ଅଭିଯୋଗ କରିଛନ୍ତି। ଓଡ଼ିଶାରେ ଗତ ଜାନୁଆରୀ ମାସରେ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଅଲଇଣ୍ଡିଆ ଚେସ୍ ମହାସଂଘ (ଏଆଇସିଏଫ୍) ସ୍ୱୀକୃତି ଦେଇଥିଲା, କିନ୍ତୁ ଖେଳାଳିମାନଙ୍କୁ ସେମାନଙ୍କ ପୁରସ୍କାର ରାଶି ଓ ଗ୍ରାଣ୍ଡମାଷ୍ଟରମାନଙ୍କୁ ଆପିଆରାନ୍ସ ମନି ପ୍ରଦାନ କରାଯାଇ ନାହିଁ ବୋଲି ଅଭିଯୋଗ ଆଣିଛନ୍ତି ଗୁପ୍ତା। ଏହି ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି। ଚେସ୍ ମହାସଂଘ ମଧ୍ୟ ଗୁପ୍ତାଙ୍କ ଅଭିଯୋଗ ଉପରେ ତଦନ୍ତ କରୁଛନ୍ତି। ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ମହାସଂଘର ସଭାପତି ନିତିନ ନାରଙ୍ଗ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇଛନ୍ତି ଓ ଏଭଳି ଘଟଣା ଯେପରି ଖେଳାଳି ସାମ୍ନା ନ କରିବେ, ସେଥିଲାଗି ଏଆଇସିଏଫ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

ଘଟଣାରୁ ଜଣାଯାଇଛି ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ) ପକ୍ଷରୁ ଓଡ଼ିଶା ଓପନ ଚେସ ଗତ ଜାନୁଆରୀ ମାସରେ ଆୟୋଜିତ ହୋଇଥିଲା। ଏହି ସମୟରେ ସମ୍ପାଦକ ଦେବବ୍ରତ ଭଟ୍ଟ ଓ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୋଟିଏ ଗୋଟିଏ ଗୋଷ୍ଠୀ ପରିଚାଳିତ ହେଉଥିଲା। ସମ୍ପାଦକ ଭଟ୍ଟଙ୍କ ଗୋଷ୍ଠୀ ଓଡ଼ିଶା ଓପନ ଆୟୋଜନ କରିଥିଲେ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ସେ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ କିମ୍ବା ଇସିର ଜଣେ ସଦସ୍ୟଙ୍କ ଅନୁମତି ନେଇ ନ ଥିଲେ। ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ମତରେ ସମ୍ପାଦକ ଭଟ୍ଟ ୨ ବର୍ଷର ଅଡିଟ ରିପୋର୍ଟ ଦେଇ ପାରି ନ ଥିଲେ। ଫଳରେ ସରକାରଙ୍କଠାରୁ ଅନୁଦାନ ସ୍ଥଗିତ ରହିଥିଲା। ଏହାକୁ ନିୟମିତ କରିବାକୁ ଏଓସିଏର ନିର୍ବାଚିତ କର୍ମକର୍ତ୍ତାମାନେ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ପଟ୍ଟନାୟକଙ୍କ ଗୋଷ୍ଠୀ ଦ୍ୱାରା ସମ୍ପାଦକ ଭଟ୍ଟଙ୍କୁ ଏଓସିଏରୁ ନିଲମ୍ବିତ କରାଯିବା ସହ ଓଡ଼ିଶା ଓପନ ଆରମ୍ଭ ପୂର୍ବରୁ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଇଥିଲେ। ଯାହା ଫଳରେ ସଂଘ ଆକାଉଣ୍ଟକୁ ଆସୁଥିବା ଏଣ୍ଟ୍ରି ଫି ଓ ସରକାରୀ ଅନୁଦାନଙ୍କ ବାହାର କରିବା କଷ୍ଟକର ହୋଇଥିଲା। ଏହି ଘଟଣା ସମ୍ପାଦକ ଦେବବ୍ରତ ଭଟ୍ଟଙ୍କ ଲାଗି ଏ ଚ୍ୟାଲେଞ୍ଜ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ବିଦେଶୀ ଖେଳାଳିଙ୍କୁ ନିଜ ହାତରରୁ ଆପିଆରନ୍ସ ଓ ପ୍ରାଇଜ୍ ମନି ପ୍ରଦାନ କରିଥିଲେ। କିନ୍ତୁ ଭାରତୀୟ ଖେଳାଳିଙ୍କୁ ଦେଇ ପାରି ନ ଥିଲେ। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଯାହା ଫଳରେ ଆକାଉଣ୍ଟ ଫ୍ରିଜ୍ ହେବା ଓ ନିଲମ୍ବନ ବିରୋଧରେ ଭଟ୍ଟ ଆଇନର ଆଶ୍ରୟ ନେଇଥିଲେ। ଏବେ ଏହି ବିବାଦ କୋର୍ଟରେ ବିଚାରାଧୀନ ରହିଛି। ଯାହା ଫଳରେ ଖେଳାଳିମାନେ ସେମାନଙ୍କ ଅର୍ଥ ପାଇ ପାରି ନାହାନ୍ତି। ଏଆଇସିଏଫ୍ ସଭାପତି ନିତିନ ନାରଙ୍ଗ ବ୍ୟକ୍ତିଗତ ଭାବେ ଏହାର ସମାଧାନ କରିବାକୁ ଆଗେଇ ଆସିଥିବାରୁ ଖେଳାଳିମାନେ ପ୍ରାଇଜ୍ ଓ ଆପିଅରାନ୍ସ ମନି ଖୁବ୍ ଶୀଘ୍ର ପାଇବେ ବୋଲି ଆଶା କରାଯାଉଛି। ଏହା ସହ ଏଓସିଏରେ ଯେଉଁ ଗୋଷ୍ଠୀ ବିବାଦ ଲାଗି ରହିଛି ତାହାର ମଧ୍ୟ ସମାଧାନ ହେବ ବୋଲି ଓଡ଼ିଶା ଚେସ୍‌ପ୍ରେମୀମାନେ ଆଶା କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS